


‘କିଙ୍ଗ’ରେ
କିଙ୍ଗ୍ ଖାନ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-77 •WEDNESDAY •10 SEPTEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୭୭ •ବୁଧବାର •୧୦ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

# ସି ପି ରାଧାକ୍ରିଷ୍ଣନ୍ ଉପରାଷ୍ଟ୍ରପତି

ଲୋକସଭା ୫୪୨ | ମୋଟ ୭୮୧ | ରାଜ୍ୟସଭା ୨୩୯

ଏନ୍‌ଡିଏ ୪୫୨ ଭୋଟ | ମତଦାନ ୭୬୭ | ଇଣ୍ଡିଆ ୩୦୦ ଭୋଟ

ନାକଚ ୧୫

**ମତଦାନରୁ ବିରତ**

ବିଜେଡି ୭ | ବିଆର୍‌ଏସ୍ ୪ | ଏସ୍‌ଏଡି ୧ | ଅନ୍ୟ ୨



■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଦେଶର ନୂଆ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଅନୁଷ୍ଠିତ ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ପ୍ରାର୍ଥୀ ବି ସୁଦର୍ଶନ ରେଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଛନ୍ତି। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ମିଳିଛି ୩୦୦ ଭୋଟ୍। ଲୋକସଭା ଏବଂ ରାଜ୍ୟସଭାର ୭୮୧ ସାଂସଦଙ୍କୁ ନେଇ ଗଠିତ ଇଲେକଟୋରାଲ କଲେଜ ଏହି ମତଦାନରେ ସାମିଲ ହୋଇଥିଲା। ଆଜି ଦିନ ୧୦ଟାରୁ ମତଦାନ ଆରମ୍ଭ ▶ପୃଷ୍ଠା-୧୦

## କ୍ରସଭୋଟିଂ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ଏବଂ ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଛି। ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ସଂଖ୍ୟା ଥିବାରୁ ସେ ଜିତିବା ପ୍ରାୟ ନିଶ୍ଚିତ ଥିଲା। ତେବେ ଏହି ନିର୍ବାଚନରେ ଉଭୟ ପକ୍ଷ ଶକ୍ତି ପ୍ରଦର୍ଶନ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହି ଖେଳରେ ବିରୋଧୀଙ୍କୁ ଝଟକା ଲାଗିଛି। କାରଣ ଏହାର ପ୍ରାର୍ଥୀଙ୍କୁ ଆକଳନ ଠାରୁ ୨୪ଟି କମ୍ ଭୋଟ୍ ମିଳିଥିବା ବେଳେ ଶାସକ ଦଳ ପ୍ରାର୍ଥୀଙ୍କୁ ୧୬ଟି ଅଧିକ ଭୋଟ୍ ମିଳିଛି। ମତଦାନ ବେଳେ ବିରୋଧୀ ଦଳର କିଛି ସାଂସଦ କ୍ରସଭୋଟିଂ ▶ପୃଷ୍ଠା-୧୦

# ହିଂସା, ଅରାଜକତା


## ନେପାଳ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

### ସଂସଦ ଓ ମନ୍ତ୍ରୀଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

### ପୂର୍ବ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ, ମନ୍ତ୍ରୀଙ୍କୁ ଗୋଡ଼ାଇଗୋଡ଼ାଇ ପିଟିଲେ

■ କାଠମାଣ୍ଡୁ, ୯।୯ (ଏଜେନ୍ସି): ପଡ଼ୋଶୀ ରାଷ୍ଟ୍ର ନେପାଳ ଦ୍ୱିତୀୟ ଦିନ ଧରି ଅଶାନ୍ତ। କର୍ଫ୍ୟୁ କଟକଣା ସତ୍ତ୍ୱେ ହିଂସା ବ୍ୟାପକ ହେବାରେ ଲାଗିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ସମେତ ସଂସଦ ଓ ସୁପ୍ରିମକୋର୍ଟରେ ବି ନିଆଁ ଲଗାଇଦେଇଛନ୍ତି ଆନ୍ଦୋଳନକାରୀ। ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ପ୍ରଥମେ ପ୍ରଧାନମନ୍ତ୍ରୀ ଓଲି ଏବଂ ପରେ ରାଷ୍ଟ୍ରପତି ପୋଡେଲ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାକୁ ନେଇ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ଲାଗି ସେନା ଆଗେଇ ଆସିଛି। ଦେଶର ସୁରକ୍ଷା ଓ ଆଇନ ଶୃଙ୍ଖଳା ପାଇଁ ସେନା ବର୍ତ୍ତମାନ ଦାୟିତ୍ୱ ନେବ ବୋଲି ଘୋଷଣା କରିଛି।

ଦେଶରେ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣକୁ ବିରୋଧ କରି ଦୀର୍ଘ ଦିନ ଧରି ଲାଗି ରହିଥିବା ଅସନ୍ତୋଷକୁ ଚାପିବା ଲାଗି ଓଲି ସରକାର ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିବାରୁ ଯୁବପିଢ଼ି ଭିତରେ ଲାଗି ରହିଥିବା ଅସନ୍ତୋଷ ଗତକାଲି ଭୀଷଣ ହିଂସାତ୍ମକ ଆନ୍ଦୋଳନରେ ପରିଣତ ହୋଇଥିଲା। ଗତକାଲି ହଜାର ହଜାର ଯୁବକ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିବା ସହିତ ସରକାରଙ୍କ ଇସ୍ତଫା ଦାବି କରିଥିଲେ। ସେମାନଙ୍କୁ ଦମନ କରିବା ଲାଗି ଗତକାଲି ସୁରକ୍ଷା ବାହିନୀ ଗୁଳିମାଡ଼ କରିବାରୁ ୨୦ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଥିଲେ। ଏହାପରେ ଆନ୍ଦୋଳନ ଆହୁରି ଉଗ୍ର ରୂପ ନେଇଥିଲା। ବର୍ତ୍ତମାନ ସୁଦ୍ଧା ୨୨ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ହେଲାଣି। ▶ପୃଷ୍ଠା-୧୦



## ୨୨ କ୍ୟାରେଟ୍ ସୁନା ଲକ୍ଷେ ପାର

### ୨୪ କ୍ୟାରେଟ୍ ୧.୧୦ ଲକ୍ଷ ଟପିଲା

■ ଭୁବନେଶ୍ୱର, ୯।୯ (ଏଜେନ୍ସି): ଦୌଡୁଛି ସୁନା ବଜାର। ଘରୋଇ ବଜାରରେ ସୁନା ଏବଂ ରୁପା ଦର ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି। ଆଜି ସୁନା ବଜାର।ରେ ସର୍ବକାଳୀନ ରେକର୍ଡ ସୃଷ୍ଟି ହୋଇଛି। ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ବୁଲିଅନ୍ ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୧୦ ଲକ୍ଷ ଟଙ୍କା ଟପି ନୂଆ ରେକର୍ଡ କରିଛି। ହେଲେ ଏଥିରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ ଥର ୧ ଲକ୍ଷ ଟଙ୍କାର ଐତିହାସିକ ସ୍ତର ଅତିକ୍ରମ କରିଛି। ଅପରପକ୍ଷେ ରୁପା ଦର ସୁନା ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଇ ୧ ଲକ୍ଷ ୪୦ ହଜାର ଟଙ୍କା ଛୁଇଁଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୧୦,୧୮୦ ଟଙ୍କାରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ପ୍ରଥମ କରି ୧,୦୧,୧୦୦ ଟଙ୍କା ଛୁଇଁଛି। ଏହାବାଦ୍ ରୁପା କିଲୋ ପିଛା ୧,୪୦,୦୦୦ ଟଙ୍କା ସ୍ତରରେ ପହଞ୍ଚି ନୂଆ ଇତିହାସ ରଚିଛି। ସେହିଭଳି ନୂଆଦିଲ୍ଲୀରେ



ଆଜି ୨୪ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ୧,୧୦,୨୯୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୧,୧୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେଉଛି। ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ଯୋଗୁଁ ସୁନା ଦର ବଢ଼ୁଛି। ସୂଚନାଯୋଗ୍ୟ, ଚଳିତବର୍ଷ ସୁନା ଦର ।।ରେପାଖାପାଖି୪୫ପ୍ରତିଶତ ବୃଦ୍ଧି ଘଟିଲାଣି।

# ଶୀତଳଭଣ୍ଡାରରେ କଳାବାଘ ସଫାରୀ

## ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ହୋଇଥାନ୍ତା କାର୍ଯ୍ୟକ୍ଷମ

### ସିଜେଡ୍‌ଏ, ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ ଅଟକିଛି କାମ

### ସରକାର ବଦଳିଲା ପରେ ସଫାରୀକୁ ନେଇ ଉଦାସୀନତା

■ ଭୁବନେଶ୍ୱର, ୯।୯ (ସମିସ): ୨୦୨୪ ଜାନୁଆରୀରେ ଦେଶର ପ୍ରଥମ କଳାବାଘ ସଫାରୀ ନିମନ୍ତେ ଘୋଷଣା କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୪ରେ ନବୀନଙ୍କ ଏହି ଘୋଷଣା ପରେ ଜୁଲାଇ ସୁଦ୍ଧା କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ଲାଭ କରିଥିଲା। ଏହି ସଫାରୀ ପ୍ରତିଷ୍ଠା ହୋଇଥିଲେ ଦେଶବିଦେଶର ପର୍ଯ୍ୟଟକମାନେ ଶିମିଳିପାଳଠାରେ ବିରଳ କଳାବାଘଙ୍କୁ ସଫାରୀରେ ଦେଖିପାରି ଥାନ୍ତେ। ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ଏହି ମହତ୍ତ୍ୱାକାଂକ୍ଷୀ କଳାବାଘ ସଫାରୀ ଏବେ ଶୀତଳଭଣ୍ଡାରରେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଓ ଏନ୍‌ଟିସିଏର ଅନୁମୋଦନ ସତ୍ତ୍ୱେ କାହିଁକି ସଫାରୀ କାମ ଅଟକି ଗଲା, ତାହାର ଉତ୍ତର କାହାପାଖରେ ନାହିଁ। ସେହିପରି ସଫାରୀ ନିଷ୍ପତ୍ତି କାହିଁକି ଆଗକୁ ବଢ଼ିପାରୁନି, ସେ ସମ୍ପର୍କରେ ଜଙ୍ଗଲ ବିଭାଗ ସମ୍ପୂର୍ଣ୍ଣ ନିରବ।

୨୦୨୪ରେ ଓଡ଼ିଶାରେ ପ୍ରକାଶିତ ବାଘ ଗଣନା ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୩୦ ଟି ମହାବଳ ବାଘ ଥିଲେ ଓ ଏହି ସଂଖ୍ୟା ୪୦ରେ ପହଞ୍ଚିଛି। ତେବେ କୌତୂହଳର କଥା ହେଉଛି ଏହି ୪୦ ବାଘ ମଧ୍ୟରେ କେବଳ କଳା ବାଘଙ୍କ ସଂଖ୍ୟା ୧୮। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ବିରଳ କଳାବାଘ ଦେଖାଯାଉଥିବା ବେଳେ ▶ପୃଷ୍ଠା-୧୦

## ୧୩ ତାରିଖ ଯାଏଁ ବର୍ଷା



■ ଭୁବନେଶ୍ୱର, ୯।୯ (ସମିସ): ରାଜ୍ୟରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହେଉଛି। ଘୂର୍ଣ୍ଣିବଳୟଟି ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଥିବାରୁ ଦକ୍ଷିଣ ଓଡ଼ିଶାରେ ହିଁ ବର୍ଷାର ପ୍ରଭାବ ଅଧିକ ରହିଛି। ଅନ୍ୟପଟେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ବର୍ଷା ହେବାକୁ ଥିବା ବେଳେ ୧୩ରେ ଗୋଟିଏ ଲଘୁଚାପ ଯୋଗୁଁ ପୁଣି ବର୍ଷା ବଢ଼ିବା ନେଇ ଆଶଙ୍କା କରାଯାଉଛି। ବର୍ଷା ସ୍ଥିତି ▶ପୃଷ୍ଠା-୧୦

## ବର୍ଷକରେ ଇଭି ହେବ ଆମ୍ବୁଲାନ୍ସ, ପିସିଆର୍

**୫ ବର୍ଷରେ ଇଭି ଗାଡ଼ି ଲକ୍ଷ୍ୟ ୫୦ ପ୍ରତିଶତ**

**‘ଓଡ଼ିଶା ଇଭି ପଲିସି-୨୦୨୫’ ଚିଠା ବିଜ୍ଞପ୍ତି**

■ ଭୁବନେଶ୍ୱର, ୯।୯ (ସମିସ): ରାଜ୍ୟରେ ବର୍ତ୍ତମାନ ଉଭୟ ଦୁଇ ଚକିଆ ଓ ୪ ଚକିଆ ଇଭି ଯାନ କିଣା ପାଇଁ ବିନା ସୁଧ ଋଣ ସାଙ୍ଗକୁ ରିଆତି ମଧ୍ୟ ପ୍ରଦାନ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ଇଭି ବ୍ୟବହାରରେ ଆଗ୍ରହ ବଢ଼ୁ ନାହିଁ। ୪ ବର୍ଷରେ ୨୦% ଇଭି ଲକ୍ଷ୍ୟ ଏବେ ୯%ରେ ସୀମିତ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବୈଦ୍ୟୁତିକ ଯାନ ଚଳାଚଳ ବୃଦ୍ଧି ନିମନ୍ତେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ‘ଓଡ଼ିଶା ଇଭି ପଲିସୀ-୨୦୨୫’ ଚିଠା ବିଜ୍ଞପ୍ତି ପ୍ରସ୍ତୁତ କରିଛି। ଚିଠା ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟର ଗାଡ଼ି ସଂଖ୍ୟା ମଧ୍ୟରୁ ୫୦ ପ୍ରତିଶତ ଇଭି ▶ପୃଷ୍ଠା-୧୦

### ସିଆଚେନରେ ହିମସ୍ଖଳନ

## ୩ ସୈନିକ ମୃତ

■ ଲେହ, ୯।୯ (ଏଜେନ୍ସି): ବିଶ୍ୱର ସବୁଠୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚେନ ଗ୍ଲାସିୟରରେ ବଡ଼ ଅଘଟଣ ଘଟିଛି। ଲଦାଖର ସିଆଚେନରେ ହିମସ୍ଖଳନ ଘଟି ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି। କିଛି ଯବାନ ମଧ୍ୟ ନିଖୋଜ ଅଛନ୍ତି। ୧୨ ହଜାର ଫୁଟ ଉଚ୍ଚରେ ଥିବା ସିଆଚେନ ବେସ୍ କ୍ୟାମ୍ପ ଅଞ୍ଚଳରେ ମଙ୍ଗଳବାର ଏହି ଭୂସ୍ଖଳନ ହୋଇଥିଲା। ଏଥିରେ ୨ ଅଗ୍ନିବୀରଙ୍କ ସମେତ ଅନେକ ଯବାନ ବିଯୁକ୍ତ ୬୦ ଡିଗ୍ରୀ ସେଲ୍‌ସିୟସରେ ୬ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲେ। ପରେ ଜଣେ ଜଣେ କ୍ୟାପ୍ଟେନଙ୍କୁ ସେଠାରୁ ଉଦ୍ଧାର କରାଯାଇଥିଲା। ମାତ୍ର ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ ଏବଂ ଗୁଜରାଟର ବାସିନ୍ଦା ତିନି ଯବାନଙ୍କ ମୃତ୍ୟୁ ହୋଇଥିଲା। ଏମାନଙ୍କ ମଧ୍ୟରେ ଦୁଇ ଜଣ ଅଗ୍ନିବୀର ସାମିଲ ଅଛନ୍ତି। ତେବେ ସିଆଚେନ ଗ୍ଲାସିୟର କାରାକୋରମ୍ ପର୍ବତମାଳାରେ ଅବସ୍ଥିତ ଏବଂ ଏହାର ଉଚ୍ଚତା ପ୍ରାୟ ୨୦ ହଜାର ଫୁଟ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏଠାରେ ପୂର୍ବରୁ ମଧ୍ୟ ହିମସ୍ଖଳନ ଯୋଗୁ ଅନେକ ସୈନିକ ସହିଦ ହୋଇଛନ୍ତି। ତେବେ ଭାରତ ୧୯୮୪ ମସିହାରେ ଅପରେସନ୍ ମେଘଦୂତ ଆରମ୍ଭ କରି ସିଆଚେନ ଉପରେ ନିଜର କବଜା ବଜାୟ ରଖିଛି। ସେବେଠାରୁ ଭାରତୀୟ ସୈନ୍ୟମାନେ ଦେଶକୁ ସୁରକ୍ଷା ଦେବା ପାଇଁ ଏଠାରେ ମୁତୟନ ରହିଥାନ୍ତି।

### ହାଇକୋର୍ଟରେ ୫୦ବର୍ଷ ତଳ ମାମଲାର ବିଚାର ଶେଷ

## ସରକାର ଗଣିବେ ୨ ଲକ୍ଷ ତଣ୍ଡ

■ କଟକ, ୯।୯ (ସମିସ): ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଚାଲିଥିବା ଏକ ଅଦାଲତୀ ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ୧୯୯୭ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ମଧ୍ୟସ୍ଥତା ଆଦେଶ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଦୀର୍ଘକାଳୀନ ବିଳମ୍ବ କରିଥିବାରୁ ଦୀର୍ଘ ଦିନ ଧରି ଅନାବଶ୍ୟକ ଭାବେ ମକଦ୍ଦମା ଚାଲିଥିଲା। ବର୍ତ୍ତମାନ ଗଛକଟା ନେଇ ପରିବେଶଗତ ପ୍ରତିବନ୍ଧକ ରହିଥିଲେ ସୁଦ୍ଧା ଆବେଦନକାରୀଙ୍କୁ ଅନାବଶ୍ୟକ ମକଦ୍ଦମା ଚାଲିବା ହେତୁ ୨ଲକ୍ଷ ଟଙ୍କା ତଣ୍ଡ ଆକାରରେ ରାଜ୍ୟ ସରକାର ପଇଠ କରିବାକୁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅର୍ଥ ସମ୍ବନ୍ଧିତ ଦୋଷୀ ଅଧିକାରୀଙ୍କୁଠାରୁ ଆଦାୟ କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

୭୦ ଦଶକରୁ ଉଦୟନାଥ ସାହୁ ଓ ଆର୍. ଏସ. ଭାଟିଆଙ୍କ ମଧ୍ୟରେ ବନାଞ୍ଚଳ ଗଛକଟା ଠିକାଦାରୀକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ ସୁପ୍ରିମକୋର୍ଟ ସିଭିଲ୍ ଅପିଲରେ ଦୁଇ ପକ୍ଷର ମଧ୍ୟରେ ସମ୍ମତିକୁ ରେକର୍ଡ କରି, ରାଜ୍ୟ ସରକାରଙ୍କୁ ଅକଟା ଗଛଗୁଡ଼ିକ ଚିହ୍ନଟ କରି ଦୁଇଜଣଙ୍କୁ ସମାନ ଭାଗରେ ବଣ୍ଟନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।। ଆବେଦନକାରୀ ଉଦୟନାଥଙ୍କ ସପକ୍ଷରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ସରକାର ଏହାକୁ କାର୍ଯ୍ୟକାରୀ ନକରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ବରିଷ୍ଠ ଆଇନଜୀବୀ ପାର୍ଥ ମୁଖାର୍ଜୀ ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ।

# ରାଜ୍ୟରେ ବଢ଼ୁଛି ଆତ୍ମହତ୍ୟା ପ୍ରବଣତା

## ୩ ବର୍ଷରେ ଜୀବନ ହାରିଛନ୍ତି ୧୭,୭୭୮



**ଆତ୍ମହତ୍ୟା ନିରାକରଣ ଦିବସ ଆଜି**

**ମାନସିକ ଅବସାଦ: ଛାତ୍ରଛାତ୍ରୀ ଆତ୍ମହତ୍ୟା ସଂଖ୍ୟା ବି ବଢ଼ୁଛି**

■ ଭୁବନେଶ୍ୱର, ୯।୯ (ସମିସ): ଦିନକୁ ଦିନ ବଢ଼ି ଚାଲିଛି ଆତ୍ମହତ୍ୟା। ବିଭିନ୍ନ କାରଣରୁ କ୍ଷଣିକ ଉତ୍ତେଜନାରେ ବଶୀଭୂତ ହୋଇ ଅନେକ ଜୀବନହାରିବା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପ୍ରତିବର୍ଷ ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି ଓ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ି ଚାଲିଛି। ନିସଙ୍ଗତା ଓ ମାନସିକ ଅବସାଦ ଯୋଗୁ ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ମନସ୍ତତ୍ତ୍ୱବିତ୍‌ମାନେ ମତ ଦେଉଛନ୍ତି।

ପରିସଂଖ୍ୟାନ ଅନୁସାରେ ଗତ ୩ବର୍ଷରେ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ୫୮% ବୃଦ୍ଧି ପାଇଛି। ୨୦୨୧ ମସିହାରେ ରାଜ୍ୟରେ ୫୬୪୯ ଜଣ ଆତ୍ମହତ୍ୟା କରିଥିବା ବେଳେ ସେମାନଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୧୧୯। ୨୦୨୨ରେ ୬୧୪୦ ଆତ୍ମହତ୍ୟା ପଞ୍ଜିକୃତ ହୋଇଥିଲା ଓ ଏହାମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ରହିଥିଲା ୧୭୩। ସେହିପରି ୨୦୨୩ରେ ରାଜ୍ୟର ବିଭିନ୍ନ ଥାନାରେ ୫୯୮୯ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିଲା ଏବଂ ଏହା ମଧ୍ୟରେ ୧୮୯ ଜଣ ଛାତ୍ରଛାତ୍ରୀ ଥିବା ସୂଚନା ମିଳିଛି। ଗତ ୩ବର୍ଷରେ ରାଜ୍ୟରେ ୧୭,୭୭୮ଜଣ ଜୀବନ ହାରିଥିବା ରିପୋର୍ଟ ବିଭିନ୍ନ ଥାନାରେ ଦରଜ ହୋଇଛି। ଆତ୍ମହତ୍ୟା ପାଇଁ ପାରିବାରିକ ସମସ୍ୟା, ପ୍ରେମ ବ୍ୟାପାର, ଅସଫଳତା ଓ ମାନସିକ ▶ପୃଷ୍ଠା-୧୦

### ରାଜଧାନୀରେ ଦୁଇ ବର୍ଷରେ ୪୦ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ଗତ ୨ବର୍ଷରେ ରାଜଧାନୀରେ ୪୦ ଜଣ ସ୍କୁଲ ପିଲା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେମାନେ ଗେମ୍ ଖେଳିବା ହେଉ ଅବା ଅତ୍ୟଧିକ ବ୍ୟବହାର ଯୋଗୁ ପରିବାର ଲୋକଙ୍କ ବାରଣ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଜାତୀୟ ଶିଶୁ ସୁରକ୍ଷା ଅଧିକାରୀଙ୍କ ଏକ ରିପୋର୍ଟ ଅନୁସାରେ ୫୯.୨ ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ସୋସିଆଲ ମିଡିଆରେ ଚାଟିଂ ପାଇଁ ମୋବାଇଲ ବ୍ୟବହାର କରୁଥିବା ବେଳେ ମାତ୍ର ୧୦.୨ ପ୍ରତିଶତ ପିଲା କେବଳ ପାଠପଢ଼ା ପାଇଁ ବ୍ୟବହାର କରୁଛନ୍ତି। ସେହିପରି ୩୦.୨ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ମୋବାଇଲ ଫୋନ୍ ରହିଥିବାରୁ ସେମାନେ ମନଇଚ୍ଛା ବ୍ୟବହାର କରି ମାନସିକ ଚାପଗ୍ରସ୍ତ ହେଉଛନ୍ତି।





# ନେପାଳ ହିଂସା ପଛରେ କିଏ

## ଶ୍ରୀଲଙ୍କା, ବାଂଲାଦେଶ ପରେ ଏବେ ନେପାଳ

କାଠମାଣ୍ଡୁ, ୯।୯ (ଏଜେନ୍ସି): ଭାରତର ଆଉ ଏକ ପଡ଼ୋଶୀ ରାଷ୍ଟ୍ରରେ ପୁଣି ନିଆଁ ଜଳୁଛି। ହଠାତ୍ ଏକ ଆନ୍ଦୋଳନ ଆରମ୍ଭ ହୋଇ ଉଗ୍ର ରୂପ ଧାରଣ କରିଛି। ଏହା ପୁଣି ଏକ ସରକାରକୁ ଭୁଶୁଡ଼ାଇ ଦେଇଛି। ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ ପରେ ଏବେ ନେପାଳରେ ଏପରି ହୋଇଛି। ସବୁ ଦେଶର ମାମଲାରେ ସମାନ ରଣନୀତି ଅବଲମ୍ବନ କରାଯାଇଛି। ବଡ଼ଧରଣର ବିକ୍ଷୋଭ ଯୋଗୁଁ ସରକାର ଭୁଶୁଡି ପଡ଼ିଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ପାଇଁ ନେପାଳ ସରକାର ନେଇଥିବା ନିଷ୍ପତ୍ତି ଯୋଗୁଁ ଏପରି ହୋଇଛି। ଏହା ଦ୍ରୁତଗତିରେ ବ୍ୟାପିଯିବା ପରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ସ୍ଥିତି ଏପରି ହୋଇଛି ଯେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଦେଶ ଛାଡ଼ି ଦୁବାଇ ଯିବାକୁ ଯୋଜନା କରୁଛନ୍ତି। ଏପରି ସମୟରେ ଲୋକଙ୍କ ମନରେ ବଡ଼ ପ୍ରଶ୍ନ ଉଠୁଛି। ସାମାଜିକ ଗଣମାଧ୍ୟମ ନିଷିଦ୍ଧ ନିଷ୍ପତ୍ତି ଯୋଗୁଁ ଖାଲି ଏପରି ସ୍ଥିତି ସୃଷ୍ଟି ହୋଇପାରେ କି? ଏହା ପଛରେ ଅନ୍ୟ କୌଣସି ବିଦେଶୀ ଶତ୍ରୁର ହାତ ନାହିଁ ତ? ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ଛାମୁଆ ଯୁଦ୍ଧର ନେପାଳ କେନ୍ଦ୍ରସ୍ଥଳ ପାଲଟି ଯାଇନି ତ?

ନେପାଳର ଏହି ଉଗ୍ର ବିକ୍ଷୋଭ ପଛରେ ଆମେରିକା ହାତ ଥିବା କୁହାଯାଉଛି। ଏହି ଦେଶର ଇଙ୍ଗିତରେ ବିକ୍ଷୋଭକାରୀ ସରକାରକୁ ଭୁଶୁଡ଼ାଇଦେଇଥିବା କୁହାଯାଉଛି। ନେତାମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ବିକ୍ଷୋଭ ପ୍ରଦର୍ଶନ ବନ୍ଦ ହେଉନାହିଁ। ନେତାମନ୍ତ୍ରୀଙ୍କ ବାସଭବନ ସମେତ କାଠମାଣ୍ଡୁରେ ହିଲ୍‌ଟନ୍ ହୋଟେଲରେ ମଧ୍ୟ ବିକ୍ଷୋଭକାରୀ ନିଆଁ ଲଗାଇ ଦେଇଛନ୍ତି। ଏହା କ୍ଷମତାସୀନ ଦଳର ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିଲା। ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଏଠାରେ ମଧ୍ୟ କ୍ଷମତାସୀନ ଦଳର ନେତାମନ୍ତ୍ରୀଙ୍କୁ



ଦେଖିବା ମାତ୍ରେ ଆକ୍ରମଣ କରୁଛନ୍ତି। ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ମଧ୍ୟ ବିକ୍ଷୋଭକାରୀ ଛାଡ଼ି ନାହାନ୍ତି। ଘରେ ପଶି ବିଭିନ୍ନ ସାମଗ୍ରୀ ନେଇ ଲୁଟପାଟ୍ ମଚାଉଛନ୍ତି। ଶେଷରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ଏଭଳି ସ୍ଥିତି ସୃଷ୍ଟି ହେବାରୁ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟବାୟା ରାଜପକ୍ଷେ ଏବଂ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ଦେଶ ଛାଡ଼ି ପଳାଇ ଥିଲେ।

କିନ୍ତୁ ଏହି ଆନ୍ଦୋଳନ ପଛରେ କିଛି ବଡ଼ ଚକ୍ରାନ୍ତ ଲୁଚି ରହିଛି। ଗତ କିଛି ମାସ ହେଲା ନେପାଳର ସମସ୍ୟା ବୃଦ୍ଧି ପାଇଥିଲା। ୨୦୦୮ରୁ ନେପାଳ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ପରଠାରୁ ଦେଶର କ୍ଷମତା ଚୀନ୍ ସମର୍ଥକ ଓଲି, ମାଓ କୈନ୍ଦ୍ରିକ ପୁଷ୍ପ କମଲ ଦହଲ ପ୍ରଚଣ୍ଡ ଏବଂ ସେର ବାହାଦୂର ଦେଓବାଙ୍କ ମଧ୍ୟରେ କ୍ଷମତା ପରିବର୍ତ୍ତନ ଚାଲିଛି। ଏହି ତିନି ଜଣଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲାଗିଛି। ଏହାକୁ ନେଇ ନେପାଳ ଯୁବଗୋଷ୍ଠୀ ଉତ୍କ୍ଷିପ୍ତ ହୋଇ ଉଠିଛନ୍ତି। ଅର୍ଥନୈତିକ ସ୍ଥିତି ଦୁର୍ବଳ ହୋଇଯାଇଛି। ବେକାରୀ ହାର ମଧ୍ୟ ବଢ଼ି ଚାଲିଛି। ଏହା ଯୁବଗୋଷ୍ଠୀଙ୍କୁ ଚିନ୍ତାରେ ପକାଇ ଦେଇଛି। ଏହ ଆନ୍ଦୋଳନକୁ ଗତି ଦେଇଥିଲା।

୨୦୨୪ ଜୁଲାଇରୁ ଓଲି ପ୍ରଧାନମନ୍ତ୍ରୀ ହେବା ପରେ ସେ ଚୀନ୍ ସହ ସମ୍ବନ୍ଧ ମଜବୁତ କରିବାକୁ ଚାହିଁଥିଲେ। ତେବେ ସେ ପାରମ୍ପରିକ ସହଯୋଗୀ ଭାରତକୁ ମଧ୍ୟ ଅଣଦେଖା କରି ଚାଲିଥିଲେ। ନେପାଳ ମଧ୍ୟ ଚୀନ୍‌ର ବିଆରଆଇ ପ୍ରକଳ୍ପରେ ସାମିଲ ହେବାକୁ ରାଜି ହୋଇଥିଲା। ଓଲିଙ୍କ ଗସ୍ତରେ ଏ ନେଇ ଚୁକ୍ତି ହୋଇଥିଲା। ତେବେ ଦକ୍ଷିଣ ଏସିଆରେ କ୍ଷମତା ବିସ୍ତାର କରିବାକୁ ଚାହୁଁଥିବା ଆମେରିକା ପାଇଁ ଏହା ଅସହ୍ୟ ହୋଇ ଉଠିଥିଲା। ଚୀନ୍‌ର ପ୍ରାଧାନ୍ୟ ବିସ୍ତାରକୁ ରୋକିବା ଲାଗି ନେପାଳକୁ ବେଜିଂ ପାଲରୁ ବାହାର କରିବାକୁ ଚେଷ୍ଟା କରିଥିଲା। ଏଥିପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଏକ ଯୋଜନା କରିଥିଲା। ୫୦୦ ନିୟୁତ ଡଲାରର ପ୍ରକଳ୍ପ ନେପାଳ ପାଇଁ ଭେଟି ଦେଇଥିଲା। ଏହା ଚୀନ୍ ବିଆରଆଇ ପାଇଁ ଆହ୍ୱାନ ଥିଲା। କିନ୍ତୁ ନେପାଳ ସରକାର ଚୀନ୍ ସହ ଘନିଷ୍ଠତା ବଜାୟ ରଖିଥିଲେ। ଚୀନ୍ ବିଜୟ ଦିବସ ପରେଡରେ ସାମିଲ ହୋଇ ଓଲି ଏହି ବାର୍ତ୍ତା ଦେଇଥିଲେ। ଏହା ଫଳରେ ଆମରିକା ସହ ନେପାଳର ତିକ୍ତତା ଅଧିକ ବୃଦ୍ଧି ପାଇଥିଲା। ଶେଷରେ ସରକାର ଭୁଶୁଡାଇବା ପାଇଁ ଆମେରିକା ଯୋଜନା କଲା ବୋଲି କୁହାଯାଉଛି।

## ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ବଲେନ୍ଦ୍ର ଶାହା!



କାଠମାଣ୍ଡୁ, ୯।୯ (ଏଜେନ୍ସି): ନେପାଳରେ ଚାଲିଥିବା ହିଂସ୍ର ପ୍ରଦର୍ଶନ ପଛକୁ କାଠମାଣ୍ଡୁ ମେୟର ବଲେନ୍ଦ୍ର ଶାହା(୩୫) ସମର୍ଥନ ଦେଇଛନ୍ତି। ଓଲିଙ୍କ ଇସ୍ତଫା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଯାଉଛି। ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ଏହି ବିକ୍ଷୋଭକୁ ସେ ମଧ୍ୟ ଦୃଢ଼ ସମର୍ଥନ ଦେଇଛନ୍ତି। ସୋସିଆଲ ମିଡିଆରେ ନେପୋ କିଡ୍‌ଙ୍କ ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନର ପ୍ରମୁଖ ସୂତ୍ରଧର ଭାବେ ସେ ପରିଚିତ। ୧୮ରୁ ୨୮ ବର୍ଷ ପିଲା ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ବୟସ ଅଧିକ ହୋଇଥିବା ଯୋଗୁଁ ସେ ବିକ୍ଷୋଭରେ ସାମିଲ ହୋଇ ନାହାନ୍ତି। ଶାହା କହିଛନ୍ତି ଯେ ସେ ଆନ୍ଦୋଳନକାରୀଙ୍କ ଆକାଂକ୍ଷା, ଉଦ୍ଦେଶ୍ୟ ଏବଂ ଚିନ୍ତାଧାରା ବୁଝିବାକୁ ଚାହୁଁଛନ୍ତି। ରାଜନୈତିକ ଦଳ, ନେତା, କର୍ମୀ, ଆଇନ ପ୍ରଣେତା ଏବଂ ପ୍ରଚାରକମାନେ ଏହି ରାଲିକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଅନୁଚିତ।

## ଆନ୍ଦୋଳନ ପଛରେ ସୁଦାନ ଗୁରୁଙ୍ଗ



ସାମାଜିକ ଗଣମାଧ୍ୟମରୁ କଟକଣା ହଟିବା, ଗୃହମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ସତ୍ତ୍ୱେ ନେପାଳରେ ଉଗ୍ର ବିକ୍ଷୋଭ ଜାରି ରହିଛି। ଉପଦ୍ରବୀଙ୍କ ଅନୁପ୍ରବେଶ ଯୋଗୁଁ ଏହି ଆନ୍ଦୋଳନ ହେଲା ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି କହିଛନ୍ତି। କ୍ଷମତାସୀନ ହେବାକୁ ଆନ୍ଦୋଳନକାରୀ ଚାହୁଁଥିବା ସେ ଉଲ୍ଲେଖ କରିଛନ୍ତି। ତେବେ ଏହି ବିକ୍ଷୋଭ ପଛରେ ୩୬ ବର୍ଷୀୟ ସୁଦାନ ଗୁରୁଙ୍ଗଙ୍କ ହାତ ଥିବା କୁହାଯାଉଛି। ଏକ ଏନ୍‌ଜିଓ 'ହାମି ନେପାଳ'ର ସେ ଅଧ୍ୟକ୍ଷ ଅଛନ୍ତି। ଲେ ନିଜେ ମଧ୍ୟ ଏହି ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ କହିଥିଲେ ଯେ ତାଙ୍କ ଗୋଷ୍ଠୀ ରାଲି ଆୟୋଜନ କରିବାକୁ ନିବେଦନ କରିଥିଲା। ଛାତ୍ରଛାତ୍ରମାନଙ୍କୁ ସ୍କୁଲ ପୋଷାକ ପିନ୍ଧିବା ଏବଂ ପୁସ୍ତକ ଧରି ସାମିଲ ହେବାକୁ କହିଥିଲା। ଏହି ଗୋଷ୍ଠୀ ପ୍ରଦର୍ଶନକୁ ଶାନ୍ତିପୂର୍ଣ୍ଣ ପ୍ରତିରୋଧର ପ୍ରତୀକରେ ପରିଣତ କରିଥିଲା। ବ୍ଲାକଆଉଟ ପୂର୍ବରୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହି ଗୋଷ୍ଠୀ ବିକ୍ଷୋଭକାରୀଙ୍କୁ ସୁରକ୍ଷା ମାନକ ଏବଂ ବିକ୍ଷୋଭର ସ୍ଥଳ ବିଷୟରେ ସୂଚନା ଦେଉଥିଲା। ୨୦୧୫ର ନେପାଳରେ ଆସିଥିବା ଭୂକମ୍ପ ସମୟରେ ଏହି ଏନ୍‌ଜିଓ ସୃଷ୍ଟି ହୋଇଥିଲା। ଏହି ଭୂକମ୍ପରେ ସୁଦାନ ନିଜ ଶିଶୁକୁ ହରାଇ ଥିଲେ। ଏହା ପରେ ସେ ଦୁର୍ନୀତି ବିରୋଧରେ ସ୍ୱର ଉଠାଇବା ଆରମ୍ଭ କରିଥିଲେ। ଶେଷରେ ସେ ସାମାଜିକ ଗଣମାଧ୍ୟମରେ ଜେନ୍ ଜେଡ୍ ବିକ୍ଷୋଭ ନେଇଥିଲେ।

# ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀଙ୍କୁ ଜିଅନ୍ତା ଜାଳିଦେଲେ



କାଠମାଣ୍ଡୁ, ୯।୯ (ଏଜେନ୍ସି): ଅନ୍‌ଲାଇନରେ ଯୁବ ଗୋଷ୍ଠୀଙ୍କ ଶାନ୍ତିପୂର୍ଣ୍ଣ ନେପୋ କିଡ୍ ଏବଂ ଦୁର୍ନୀତି ଆନ୍ଦୋଳନକୁ ବନ୍ଦ ପାଇଁ ନେପାଳ ସରକାର ପଞ୍ଜିକରଣ ଆଳରେ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରିଦେଇଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିଦ୍ରୋହର ବହ୍ନିକୁ ଜୋରଦାର କରିଥିଲା। ଜେନ୍ ଜେଡ୍ ଗୋଷ୍ଠୀ ସାମାଜିକ ଗଣମାଧ୍ୟମ ଛାଡ଼ି ସିଧା ରାସ୍ତାକୁ ଓହ୍ଲାଇ ଥିଲେ। ଆଉ ଏହି ଆନ୍ଦୋଳନ ଏବେ ସରକାରଙ୍କୁ ଗାଦି ଛାଡ଼ିବାକୁ ବାଧ୍ୟ କରିଦେଇଛି। ଜଣଙ୍କ ପରେ ଜଣେ ଇସ୍ତଫା ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରେ ନେପାଳ ରାଷ୍ଟ୍ରପତି ଇସ୍ତଫା ଦେଇଛନ୍ତି। ସରକାର ଭୁଶୁଡ଼ି ଯାଇଛି। ତେବେ ଏହି ଆନ୍ଦୋଳନ ହିଂସ୍ର ରୂପ ଧାରଣ କରିଛି। ଏହି ନିଆଁରେ ଅନେକ ନିରୀହଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖନାଲଙ୍କ ପତ୍ନୀ ରାଜଲକ୍ଷ୍ମୀ ଚିତ୍ରାକର ସାମିଲ ଅଛନ୍ତି। ଆନ୍ଦୋଳନକାରୀ

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଧାରକଲା ସେନା

### ଅର୍ଥମନ୍ତ୍ରୀଙ୍କୁ ତଡ଼ି ତଡ଼ି ବାଡ଼େଇଲେ

ତାଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ରିପୋର୍ଟ ଅନୁଯାୟୀ ଆଜି ଆନ୍ଦୋଳନକାରୀ କାଠମାଣ୍ଡୁର ଡାଲୁ ଅଞ୍ଚଳରେ ଥିବା ତାଙ୍କ ଘରକୁ କବ୍‌ଜା କରି ନେଇଥିଲେ। ସେ ଘରେ ଫସି ରହିଥିବା ସମୟରେ ବାହାରୁ ନିଆଁ ଲଗାଇ ଦେଇଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କୀର୍ତ୍ତିପୁର ବର୍ଣ୍ଣ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆନ୍ଦୋଳନକାରୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଘରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି। ଅନେକମନ୍ତ୍ରୀଙ୍କ ଘର ମଧ୍ୟ ବିକ୍ଷୋଭକାରୀ ଜାଳି ଦେଇଛନ୍ତି। ଏହାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ଏହା ଆନ୍ଦୋଳନର ଭୟାବହତାକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ଦେଶ ଅଶାନ୍ତ ରହିଛି। ସ୍ଥିତିକୁ ଦେଖି ଭାରତ ନିଜ ନାଗରିକଙ୍କ ପାଇଁ ଯାତ୍ରା ମାର୍ଗଦର୍ଶିକା ଜାରି କରିଛି। ନେପାଳ ସ୍ଥିତି ନ ସୁଧୁରିବା ପର୍ଯ୍ୟନ୍ତ ଏହି ଦେଶକୁ ନ ଯିବା ପାଇଁ କୁହାଯାଇଛି। ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ନେପାଳ ଏୟାରଲାଇନ୍ସ ଦିଲ୍ଲୀରୁ କାଠମାଣ୍ଡୁକୁ ସମସ୍ତ ବିମାନ ବାତିଲ କରିଦେଇଛି।

ନେପାଳରେ ଯୁବଗୋଷ୍ଠୀଙ୍କ ବିକ୍ଷୋଭ ପ୍ରଦର୍ଶନ ରକ୍ତମୁଖା ହୋଇ ଉଠିଛି। ସରକାରରେ ସାମିଲ ନେତାମନ୍ତ୍ରୀଙ୍କୁ ଦେଖିଲା ମାତ୍ରେ ବିକ୍ଷୋଭକାରୀ ମାଡ଼ ମାରୁଛନ୍ତି। ଏବେ କେପି ଶର୍ମା ଓଲିଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ଅର୍ଥମନ୍ତ୍ରୀ ବିଷ୍ଣୁ ପ୍ରସାଦ ପୌଡେଲ (୬୫)ଙ୍କୁ କାଠମାଣ୍ଡୁର ଗଳିରେ ଗୋଡ଼ାଇ ଗୋଡ଼ାଇ ମାଡ଼ ମରାଯାଇଛି। ବିକ୍ଷୋଭକାରୀ ତାଙ୍କୁ ଫିଲ୍ମଶୈଳୀରେ ମାଡ଼ ମାରୁଥିବା ଦେଖାଯାଉଛି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ମନ୍ତ୍ରୀ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିବାବେଳେ ବିକ୍ଷୋଭକାରୀ ତାଙ୍କୁ ଧରିବା ପାଇଁ ପଛରେ ଗୋଡ଼ାଉ ଥିବା ଦେଖାଯାଉଛି। ସମସ୍ତେ ମିଶି ତାଙ୍କୁ ମାଡ଼ ମାରୁଛନ୍ତି। ପରେ ସୁରକ୍ଷାକର୍ମୀ ତାଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି। କାଠମାଣ୍ଡୁ ପୁଲିସର ସୂଚନା ଅନୁଯାୟୀ ଆନ୍ଦୋଳନକାରୀ କର୍ଫ୍ୟୁକୁ ଉଲ୍ଲଙ୍ଘନ କରିଛନ୍ତି। ବିଭିନ୍ନ ସ୍ଥାନରେ ଆକ୍ରମଣ କରି ନିଆଁ ଲଗାଇ ଦେଇଛନ୍ତି। ଭାଇରାଲ ଭିଡିଓରୁ ଦେଖାଯାଉଛି ଯେ ଜୀବନ ବଞ୍ଚାଇବା ପାଇଁ ପୌଡେଲ କାଠମାଣ୍ଡୁରେ ଗଳିରେ ଦୌଡୁଛନ୍ତି। ଏହି ସମୟରେ ଜଣେ ବିକ୍ଷୋଭକାରୀ ବିପରୀତ ଦିଗରୁ ଆସି ଡେଇଁ ତାଙ୍କୁ କିକ୍ ମାରୁଛି। ଏଥିରେ ମନ୍ତ୍ରୀ ନିୟନ୍ତ୍ରଣ ହରାଇ ଏକ କାନ୍ଥ ସହ ଯାଇ ମାଡ଼ ହୋଇଥିଲେ। ଏହା ପରେ ମନ୍ତ୍ରୀ ତର ତର ହୋଇ ଉଠି ପଡ଼ିଥିଲେ। ପୁଣି ଦୌଡ଼ିବାକୁ ଲାଗିଥିଲେ। କିଛି ସମୟ ଭିତରେ ଆଉ ଜଣେ ବ୍ୟକ୍ତି ପିଛା କରି ତାଙ୍କୁ ଧରି ପକାଇ ଥିଲେ।

ଜେନ୍ ଜେଡ୍ ଆନ୍ଦୋଳନକାରୀ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସେର ବାହାଦୂର ଦେଓବା ଏବଂ ତାଙ୍କ ପତ୍ନୀ ତଥା ବିଦେଶମନ୍ତ୍ରୀ ଅରଜୁ ରାଣା ଦେଓବାଙ୍କ ଉପରେ ଆକ୍ରମଣ ହୋଇଛି। କାଠମାଣ୍ଡୁର ବୁଡାନୀଳକଣ୍ଠରେ ଥିବା ତାଙ୍କ ବାସଭବନ ଉପରେ ବିକ୍ଷୋଭକାରୀ ଆଜି ଆକ୍ରମଣ କରିଥିଲେ। ସେମାନଙ୍କ ମାଡ଼ରେ ସେର ବାହାଦୂର ଲହୁଲୁହାଣ ହୋଇ ପଡ଼ିଥିଲେ। ମାଡ଼ ମାରି ମୁହଁ ଫୁଲାଇ ଦେଇଥିଲେ। ତାଙ୍କ ମୁହଁରୁ ରକ୍ତ ବାହାର କରିଦେଇଥିଲେ। ସୁରକ୍ଷାବାହିନୀ ପହଞ୍ଚିବା ପୂର୍ବରୁ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଭଙ୍ଗାରୁଜା କରିବା ସହ ଜିନିଷପତ୍ର ଲୁଟି ନେଇଥିଲେ। ଏକ ପଡ଼ିଆ ନିକଟରୁ ଦେଓବା ଏବଂ ତାଙ୍କ ପତ୍ନୀଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

# ରାଜସ୍ଥାନରେ ରେକର୍ଡ ବର୍ଷା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଭୂସ୍ଖଳନ ସାଙ୍ଗକୁ ବନ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ରାଜସ୍ଥାନରେ ଇତିହାସର ଦ୍ୱିତୀୟ ସର୍ବାଧିକ ବର୍ଷା ହୋଇଛି। ଏ ପର୍ଯ୍ୟନ୍ତ ୬୯୩.୧ ମିମି ବର୍ଷା ହେଲାଣି। ୧୦୯ ବର୍ଷ ତଳେ ୧୯୧୭ରେ ୮୪୪.୨ ମିମି ବର୍ଷା ହୋଇଥିଲା। ଏବେ ସୁଦ୍ଧା ୬୩ ପ୍ରତିଶତ ବନ୍ଧ ଫୁଲ୍ ହୋଇଗଲାଣି। ରାଜ୍ୟରେ ଜୁନ୍‌ରେ ୧୨୫.୩ ମିମି, ଜୁଲାଇରେ ୨୯୦ ମିମି ଏବଂ ଅଗଷ୍ଟରେ ୧୮୪ ମିମି ବର୍ଷା ହୋଇଥିଲା। ସେହିପରି ହିମାଚଳରେ ମୌସୁମୀ କହର ଜାରି ରହିଛି। ସୋମବାର ରାତିରେ କୁଲ୍ଲୁରେ ଭୂସ୍ଖଳନ ହୋଇ ଏକ ଭାଙ୍ଗିଯିବାରୁ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ତିନି ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୧୩୬ ବଡ଼ ଭୂସ୍ଖଳନ ଘଟଣା ଏବଂ ୪୫ ଥର ବାଦଲଫଟା ବର୍ଷା ହେଲାଣି। ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶ ମାର୍ଗରୁ କାଙ୍ଗଡ଼ା ଜିଲ୍ଲାର ସର୍ବେକ୍ଷଣ କରିଛନ୍ତି। ସେ ବନ୍ୟା ଏବଂ ବର୍ଷା ପ୍ରଭାବିତ କ୍ଷେତ୍ର ପାଇଁ ୧୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ସେହିପରି ମୃତକଙ୍କ ପରିବାର ସଦସ୍ୟଙ୍କ ଲାଗି ୨ ଲକ୍ଷ ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। କୃଷକଙ୍କୁ ପିଏମ କିଶାନ ନିଧିର ଆଡଭାନ୍ସ କିସ୍ତି ପ୍ରଦାନ କରାଯିବ ବୋଲି ମୋଦୀ କହିଛନ୍ତି।

ଅନ୍ୟପଟେ ଗୁଜରାଟ ଅହମଦାବାଦରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ରାତିରେ ଦମ୍ପତି ପାଣି ଭର୍ତ୍ତି ସଡ଼କ ଦେଇ ଯାଉଥିଲେ। ରାସ୍ତାରେ ଥିବା ଖାଲରେ କରେଣ୍ଟ ତାର ଥିଲା। ଏହା ସଂସ୍ପର୍ଶରେ ଆସିଯିବାରୁ ଉଭୟଙ୍କ ମୃତ୍ୟୁ ହୋଇଛି। ସେହିପରି ଉତ୍ତର ଗୁଜରାଟ ଏବଂ ସୌରାଷ୍ଟ୍ରରେ ଗତ ତିନି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି। ଏହା ଦ୍ୱାରା କଚ୍ଛର ମରୁଭୂମିରେ ପ୍ରଥମ ଥର ପାଇଁ ବନ୍ୟା ଆସିଛି। ସେହିପରି ପ୍ରଧାନମନ୍ତ୍ରୀ ବନ୍ୟା ପୀଡ଼ିତ ପଞ୍ଜାବ ଗସ୍ତରେ ଯାଇ ୧୬୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦେଇଛନ୍ତି। ସେ ଗୁରଦାସପୁରରେ ପ୍ରଭାବିତ ଚାଷୀ, ଏନ୍‌ଡିଆରଏଫ, ଏସ୍‌ଡିଆରଏଫ ଟିମ୍ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ ଏବଂ ଅଧିକାରୀଙ୍କ ସହ ମଧ୍ୟ ବୈଠକ କରିଛନ୍ତି।

# ହାଇକୋର୍ଟରେ ଐଶ୍ୱର୍ଯ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଏର କରିଛନ୍ତି। ଏଥିରେ ସେ ବିନାନୁମତିରେ ତାଙ୍କ ଫଟୋ, ନାମ, ପରିଚୟ ଏବଂ ଏଆଇ ଜେନେରେଟେଡ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ) ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି। ଏହା ଦ୍ୱାରା ବ୍ୟକ୍ତିଗତ ଅଧିକାରର ଉଲ୍ଲଙ୍ଘନ ହେଉଛି ବୋଲି ସେ କହିଛନ୍ତି। ଅଭିନେତ୍ରୀଙ୍କ ଓକିଲ ସନ୍ଦୀପ ସେଠ କୋର୍ଟରେ କହିଛନ୍ତି ଯେ ଭ୍ରମାତ୍ମକ ପ୍ରଚାର ଏବଂ ଲାଭ ପାଇଁ ଐଶ୍ୱର୍ଯ୍ୟାଙ୍କ ପରିଚୟକୁ ବିନା ଭୟରେ ଅପବ୍ୟବହାର କରାଯାଉଛି। ଐଶ୍ୱର୍ଯ୍ୟାଙ୍କ ଅଶ୍ଳୀଳ, ଜାଲିଆତି କରାଯାଇଥିବା ଏବଂ ଏଆଇ ଜେନେରେଟଡ ଫଟୋ ଅନ୍‌ଲାଇନରେ ପ୍ରଚାରପ୍ରସାର କରାଯାଉଛି। ଏହା ଦ୍ୱାରା ଅଭିନେତ୍ରୀଙ୍କ ଗରିମା ଏବଂ ଅଧିକାର ଉଲ୍ଲଙ୍ଘନ ହେଉଛି। ସେହିପରି ଯୌନ ଇଚ୍ଛାକୁ ମେଣ୍ଟାଇବା ପାଇଁ ଐଶ୍ୱର୍ଯ୍ୟାଙ୍କ ଫଟୋ ବ୍ୟବହାର କରାଯାଉଛି। ସନ୍ଦୀପ ସେଠ୍ କହିଥିଲେ ଯେ କିଛି କମ୍ପାନୀ ତଥା ୱେବସାଇଟ ନିଜକୁ ଆନୁଷ୍ଠାନିକ ପ୍ଲାଟଫର୍ମ କହି ଐଶ୍ୱର୍ଯ୍ୟାଙ୍କ ନାମ ଏବଂ ଫଟୋ ଲଗାଇ ମଗ୍, ଟି-ସାର୍ଟ, ଡ୍ରିଙ୍କ ପ୍ରଡକ୍ଟସ ସହିତ ଅନେକ ବେଆଇନ ସାମଗ୍ରୀ ବିକୁଛନ୍ତି। ଏହା ଉପରେ ବିଚାରପତି କହିଥିଲେ ଯେ ଅନ୍‌ଲାଇନ ପ୍ଲାଟଫର୍ମ, କମ୍ପାନୀ ଏବଂ ବିନା ଅନୁମତିରେ ଏଭଳି ଫଟୋ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଉପରେ କଟକଣା ଲଗାଯିବ। ଏଥିପାଇଁ 'ଇଞ୍ଜକ୍ସନ ଅର୍ଡର' ପାରିତ କରାଯିବ। ଜାନୁଆରୀ ୧୫ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କୋର୍ଟ କହିଛନ୍ତି।

# ମୁନ୍ନାଭାଇ ଜେଲ୍‌ରେ ହିଁ ରୁହନ୍ତୁ: ସୁପ୍ରିମକୋର୍ଟ



### ଅନ୍ୟ ଦ୍ୱାରା ପରୀକ୍ଷା ଦେବାକୁ ଭର୍ତ୍ସନା

### ଜାମିନ ଆବେଦନ ଖାରଜ କଲେ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ବଲିଉଡ ଚଳଚ୍ଚିତ୍ର 'ମୁନ୍ନାଭାଇ ଏମ୍‌ବିବିଏସ' ପରି ଉତ୍ତର ପ୍ରଦେଶର ଜଣେ ବ୍ୟକ୍ତି ନିଜ ପରୀକ୍ଷା ଦେବା ପାଇଁ ଅନ୍ୟ ଜଣଙ୍କୁ ବସାଇ ଥିଲେ। ଏହାକୁ ସୁପ୍ରିମକୋର୍ଟ ଚିନ୍ତାଜନକ କହିଛନ୍ତି। ମୁନ୍ନାଭାଇଙ୍କୁ ଜେଲ୍‌ରେ ହିଁ ରହିବାକୁ ପଡ଼ିବ ବୋଲି ଉଲ୍ଲେଖ କରିଛନ୍ତି। ଏଭଳି ଜାଲିଆତି ସାର୍ବଜନୀନ ପରୀକ୍ଷା ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଉଛି। ଏହା ଦ୍ୱାରା ଅନେକ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସହିତ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଆବେଦନକାରୀ ୨୦୨୪ ଡିସେମ୍ବରରେ ହୋଇଥିବା ଉତ୍ତର ପ୍ରଦେଶ ସିଟିଇଟି ପରୀକ୍ଷାରେ ନିଜ ସ୍ଥାନରେ ଜାଲ୍ ପରୀକ୍ଷାର୍ଥୀଙ୍କୁ ବସାଇଥିବା ଅଭିଯୋଗ ଲାଗିଛି।

ଏହା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ସେ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଓକିଲ କହିଥିଲେ ଯେ ଏହି ମାମଲାରେ ତିନି ଜଣଙ୍କ ବିରୋଧରେ ଆରୋପପତ୍ର ଦାଖଲ କରାଯାଇଛି। ନକଲି ପରୀକ୍ଷାର୍ଥୀଙ୍କ ସମେତ ଦୁଇ ଜଣଙ୍କୁ ମଧ୍ୟ ଜାମିନ ମିଳିସାରିଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ ସରକାରଙ୍କୁ ନୋଟିସ ଜାରି କରି ଚାରି ସପ୍ତାହ ଭିତରେ ଜବାବ ମାଗିଛନ୍ତି। ହାଇକୋର୍ଟରେ ମିଥ୍ୟା ମାମଲାରେ ଫସା ଯାଇଛି ବୋଲି ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା। ସେ ପରୀକ୍ଷା ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କହିଥିଲେ। ଅଜାଣତରେ ଆଉ କେହି ପରୀକ୍ଷାରେ ବସିଥିବା ସୂଚନା ଦିଆଯାଇଥିଲା। ତେବେ ହାଇକୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ। ପରୀକ୍ଷାରେ ଆଉ କେହି ବସିବା ଦ୍ୱାରା ଶିକ୍ଷା ପ୍ରଣାଳୀର ଅଖଣ୍ଡତା ପ୍ରଭାବିତ ହେଉଛି। ସମାଜ ଉପରେ ଗମ୍ଭୀର ପ୍ରଭାବ ପଡୁଛି ବୋଲି କହିଥିଲେ। ଆବେଦନକାରୀ ଏବଂ ଅନ୍ୟଜଣଙ୍କ ବିରୋଧରେ ପ୍ରଧାନ ଶିକ୍ଷକଙ୍କ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ୨୦୨୪ ଡିସେମ୍ବର ୧୫ରେ ଆୟୋଜିତ ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ଥିବା ନେଇ ସୂଚନା ମିଳିଥିଲା। ଯାଞ୍ଚ ସମୟରେ ବାୟୋମେଟ୍ରିକକୁ ମିଶା ଯାଇ ନ ଥିଲା। ଆବେଦନକାରୀ ସନ୍ଦୀପ ସିଂହ ପଟେଲଙ୍କ ସ୍ଥାନରେ ଅନ୍ୟ ଜଣେ ବ୍ୟକ୍ତି ଜାଲ୍ ପ୍ରବେଶ ପତ୍ରର ମାଧ୍ୟମରେ ପରୀକ୍ଷା ଦେଉଥିବା ଜଣା ପଡ଼ିଥିଲା।

■ ସାପକାମୁଡ଼ା ରୋଗୀଙ୍କୁ ଝଡ଼ାଫୁଙ୍କା

## ଭାଇ-ଭଉଣୀ ମୃତ

ଉମରକୋଟ, ୯।୯(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ରାଜପୁର ଅଞ୍ଚଳରେ ସାପକାମୁଡ଼ାରେ ଭାଇ-ଭଉଣୀଙ୍କ ମୃତ୍ୟୁ ଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ରାଜପୁର ଗ୍ରାମର ଜଗତୁ ହରିଜନଙ୍କ ପୁଅ ରୁଜୁରାଜ ହରିଜନ (୯ମାସ) ଓ ଭଉଣୀ ଅମିତା ହରିଜନ (୧୧)। ଗତ ରାତିରେ ସମସ୍ତେ ଖାଇ ପିଇ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ଉଭୟଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଦୁହିଁଙ୍କୁ ଡାକ୍ତରଖାନା ନେବା ବଦଳରେ ଗୁଣିଆ ପାଖକୁ ନେଇ ଝଡ଼ାଫୁଙ୍କା କରିଥିଲେ। କିନ୍ତୁ ଦେହ ଭଲ ନହେବାରୁ ପରେ ସେମାନଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସଚେତନତା ଅଭାବରୁ ଦୁଇଦୁଇଟି ଜୀବନ ଅକାଳରେ ଚାଲିଗଲା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା କହିଛନ୍ତି।



## ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର

ପୁରୀ, ୯।୯ (ସମିସ): ସୋନପୁରରୁ ଅପହୃତ ନାବାଳକ ପୁରୀରୁ ଉଦ୍ଧାର। ପୁରୀ ପୁଲିସ୍‌ର ଏକ ଟିମ୍ ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍‌ରୁ ନାବାଳକକୁ ଉଦ୍ଧାର କରିବା ପରେ ସୋନପୁର ପୁଲିସକୁ ହସ୍ତାନ୍ତର କରିଛି। ତେବେ ଆଗୁଆ ଖବର ପାଇ ଅପହର୍ତ୍ତାମାନେ ଫେରାର୍ ହୋଇଯାଇଥିବା ଜଣାଯାଇଛି। ୨୦ ଲକ୍ଷ ଟଙ୍କା ପାଇଁ ଦୁର୍ବୃତ୍ତମାନେ ନାବାଳକର ମୁଣ୍ଡ ଜାମିନ ରଖିଥିଲେ। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା କାର୍‌କୁ ପୁଲିସ ଜବତ କରିଛି।

ସୂଚନାନୁଯାୟୀ, ରବିବାର ୩ଜଣ ଦୁର୍ବୃତ୍ତ ସୋନପୁରରୁ ନାବାଳକକୁ ଏକ କାର୍‌ରେ ଅପହରଣ କରି ପୁରୀ ନେଇ ଆସିଥିଲେ। ସୋମବାର ରାତି ପ୍ରାୟ ୮ଟାରେ ନରେନ୍ଦ୍ରକୋଣସ୍ଥିତ ଏକ ଲଜ୍‌ରେ ସେମାନେ ନାବାଳକକୁ ରଖିଥିଲେ। ଏନେଇ ନାବାଳକଙ୍କ ପରିବାରଲୋକେ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପରେ ପୁରୀ ପୁଲିସର ସହଯୋଗ ନେଇଥିଲା ସୋନପୁର ପୁଲିସ। ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ତେବେ ଦୁର୍ବୃତ୍ତମାନେ ନାବାଳକକୁ ନରେନ୍ଦ୍ରକୋଣର ଏକ ଲଜ୍‌ରେ ରଖିଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇଥିଲା। ବିଳମ୍ବିତ ରାତିରେ ସମ୍ପୃକ୍ତ ଲଜ୍‌ରେ ପୁଲିସ ଚଢ଼ଉ କରି ନାବାଳକକୁ ଉଦ୍ଧାର କରିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ। ନାବାଳକ ବାପାଙ୍କର ଏକ ଭେରାଇଟି ଷ୍ଟୋର ସୋନପୁରରେ ରହିଛି। ଅପହରଣକାରୀମାନେ ଦୋକାନ ପାଖ ଅଞ୍ଚଳର ହୋଇଥିବା ବେଳେ ପୁଲିସ ସେମାନଙ୍କୁ ଚିହ୍ନଟ କରିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୁଲିସ କହିଛି।

■ ୨୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ ରଖିଥିଲେ
■ ଅପହର୍ତ୍ତା ଫେରାର୍, ଗାଡ଼ି ଜବତ

## ବୃଦ୍ଧଙ୍କୁ ଝୁଣିଦେଲା ଭାଲୁ

କୋକସରା/ଜୟପାଟଣା, ୯।୯(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଉଛୁଲା ପଞ୍ଚାୟତ କୁଣ୍ଡିଗୁଡା ଗ୍ରାମର ଜଣେ ବୃଦ୍ଧ ଭାଲୁ ଆକ୍ରମଣ ଶିକାର ହୋଇ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧଜଣଙ୍କ ହେଲେ, ଉଦେ ମାଝୀ(୬୦)। ମଙ୍ଗଳବାର ଭୋର୍‌ରେ ଉଦେ ଶୌଚ ପାଇଁ ନିଜ ଚାଷ ଜମି ଆଡ଼କୁ ଯାଇଥିବା ବେଳେ ଏକ ଜଙ୍ଗଲୀ ଭାଲୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ବୃଦ୍ଧଙ୍କ ମୁଣ୍ଡ ଓ ପିଠିରେ କ୍ଷତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଦେଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଅନ୍ୟପଟେ ବନ ବିଭାଗର କର୍ମଚାରୀମାନେ ମେଡିକାଲରେ ପହଞ୍ଚି କାଗଜ ପତ୍ର ସଂଗ୍ରହ କରିବା ସହ ଆବଶ୍ୟକ ହିସାବରେ କ୍ଷତିପୂରଣ ସହାୟତା ଯୋଗାଇଦେବା ପାଇଁ କହିଛନ୍ତି।

# ଜୈବିକ ଚାଷ ପ୍ରତି ଅନାଗ୍ରହୀ ଓଡ଼ିଶା ଚାଷୀ

■ ସାର ଓ କୀଟନାଶକ ଛାଡ଼ିପାରୁ ନାହାନ୍ତି
■ ଯୋଜନା ହେଉଛି, କାର୍ଯ୍ୟାନ୍ୱୟନ ହେଉନି

ଭୁବନେଶ୍ୱର, ୯।୯ (ସମିସ): କୃଷି କ୍ଷେତ୍ରରେ ରସାୟନିକ ସାରର ବ୍ୟବହାର ପୂର୍ବାପେକ୍ଷା ବହୁ ମାତ୍ରାରେ ବୃଦ୍ଧି ପାଇଛି। ଅଧିକ ଉତ୍ପାଦନ ପାଇଁ ଚାଷୀମାନେ ସାର ଓ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ହେଉଛି। ମାତ୍ର ଉତ୍ପାଦିତ ଫସଲର ଗୁଣାତ୍ମକମାନ ହ୍ରାସ ପାଉଛି। ଏହାକୁ ଲୋକମାନେ ଖାଦ୍ୟ ରୂପେ ଗ୍ରହଣ କରି ରୋଗଗ୍ରସ୍ତ ହେଉଛନ୍ତି। ବିଭିନ୍ନ ପ୍ରକାର ରୋଗର କାରଣ ବ୍ୟାପକ ସାର ବ୍ୟବହାର ବୋଲି ଏକାଧିକ ଗବେଷଣାରୁ ପ୍ରମାଣିତ ହୋଇଛି। ଏଥିସହ ମାଟିର ଉର୍ବରତା ହ୍ରାସ ପାଇବା ସହ ସାର ବ୍ୟବହାର ଯୋଗୁଁ ମାଟି ପଥୁରିଆ ହୋଇଯାଉଛି। ତେଣୁ କେନ୍ଦ୍ର ସରକାର ସାର ବ୍ୟବହାର ହ୍ରାସ କରି ଜୈବିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ତାହା ଫଳପ୍ରଦ ହୋଇପାରୁନି। ବିଶେଷକରି ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜୈବିକ ପଦ୍ଧତିରେ ପ୍ରସ୍ତୁତ କୀଟନାଶକ ବା ବାୟୋ ପେଷ୍ଟିସାଇଡ୍ କ୍ରୟ କରିବା ପାଇଁ ଚାଷୀମାନଙ୍କୁ ୫୦ ପ୍ରତିଶତ ରିହାତି ଯୋଗାଇ ଦିଆଯାଉଥିଲେ ବି କୃଷକ କିଣୁନାହାନ୍ତି। ସଚେତନତା ଅଭାବ ସହ ଉପଲବ୍ଧତାରେ ସମସ୍ୟା ଯୋଗୁଁ ଅଧିକ ଚାଷୀ ଏଥିରେ ସାମିଲ ହୋଇପାରୁ ନାହାନ୍ତି।

ଜୈବିକ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରେ ପରମ୍ପରାଗତ କୃଷି ବିକାଶ ଯୋଜନା(ପିକେଭିୱାଇ) କାର୍ଯ୍ୟକାରୀ କରାଯାଇଛି। ୨୦୨୧-୨୨ ରୁ ୨୦୨୩-୨୪ ବର୍ଷ ପାଇଁ ୧୦ଟି ଜିଲ୍ଲାରେ ଏଥିପାଇଁ ୧ହଜାର ହେକ୍ଟର ଜମି ଚିହ୍ନଟ ହୋଇଥିଲା। ଏହାପରେ ୧୫ଟି ଜିଲ୍ଲାରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି(ବିପିକେପି) କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା। ପରବର୍ତ୍ତୀ ୨୦୨୨-୨୩ ରୁ ୨୦୨୩-୨୪ ବର୍ଷ ପାଇଁ ୨୪ହଜାର ହେକ୍ଟର ଜମିରେ ଏହି ଚାଷ ହୋଇଥିଲା। ଏହାପରେ ୨୦୨୪-୨୫ ବର୍ଷଠାରୁ ପୁର୍ନବାର ପିକେଭିୱାଇ ଯୋଜନାରେ ୪ଟି ଜିଲ୍ଲାରେ ୬୫୦୦ ହେକ୍ଟର ଜମିରେ ଜୈବିକ ଚାଷ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧିନରେ ଚାଷରେ ଗୋବର ଖତ, କମ୍ପୋଷ୍ଟ ଓ ଜିଆ ଖତ ପ୍ରସ୍ତୁତ ସହ ବହୁଳ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଇଥିଲା। ଏଥିପାଇଁ କୃଷକମାନଙ୍କୁ ପ୍ରଶିକ୍ଷଣ ସହିତ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେବେ ପ୍ରୋତ୍ସାହନ ରାଶି ପାଇଲା ପରେ ବହୁ ସ୍ଥାନରେ କୃଷକମାନେ ଜୈବିକ ଚାଷରୁ ମୁହଁ ଫେରାଇ ନେଉଥିବାରୁ ଏହି ଯୋଜନା ସେତେଟା ଆଗେଇ ପାରୁନାହିଁ। ଜାତୀୟ ଓ ଆର୍ନ୍ତଜାତୀୟ ବଜାରରେ ଜୈବିକ ପଦ୍ଧତିରେ ଉତ୍ପାଦିତ କୃଷିଜାତ ସାମଗ୍ରୀର ଅଧିକ ଚାହିଦା ରହୁଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ ରାଜ୍ୟରେ ଚାଷୀମାନେ ଧାନଠାରୁ ଆରମ୍ଭକରି ପନିପରିବା ପର୍ଯ୍ୟନ୍ତ ଚାଷ କ୍ଷେତ୍ରରେ ରସାୟନିକ ସାର ଓ କୀଟନାଶକ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

ରସାୟନିକ ସାର ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଦେଶର ୧୭ତମ ସ୍ଥାନରେ ଥିବାବେଳେ କୀଟନାଶକ ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି। ରାଜ୍ୟରେ ବାର୍ଷିକ ୧୧୪୩ ମେଟ୍ରିକ ଟନ୍ କୀଟନାଶକ ବ୍ୟବହାର ହେଉଛି। ଦିନକୁ ଦିନ ଚାଷୀମାନେ ଅଧିକରୁ ଅଧିକ ପରିମାଣରେ ରସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରଶୀଳ ହେଉଛନ୍ତି। ଓଡ଼ିଶା ବର୍ତ୍ତମାନ ଜାତୀୟସ୍ତରରେ ଚାଉଳ ଉତ୍ପାଦନ କ୍ଷେତ୍ରରେ ୫ମ ସ୍ଥାନରେ ଥିବାବେଳେ ଛତୁ ଏବଂ କନ୍ଦମୂଳ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ସେହିଭଳି ପଣସ ଉତ୍ପାଦନରେ ଦ୍ୱିତୀୟ, କାଜୁବାଦାମରେ ତୃତୀୟ, ଲଙ୍କା ଉତ୍ପାଦନରେ ଚତୁର୍ଥ ଓ ପନିପରିବା ଉତ୍ପାଦନରେ ସପ୍ତମ ସ୍ଥାନରେ ରହିଛି। ଆମ୍ବ ଉତ୍ପାଦନରେ ଅଷ୍ଟମ ସ୍ଥାନରେ ରହିଛି ଓଡ଼ିଶା। ତେବେ ଏହିସବୁ ଚାଷ ପାଇଁ ଚାଷୀମାନେ ଜୈବିକ ପଦ୍ଧତି ଅପେକ୍ଷା ରସାୟନିକ ସାର ଓ କୀଟନାଶକ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।

ନଦୀ ଓ ଜଳାଶୟରୁ ପାଣି ଉଠାଇବାକୁ ମାର୍ଗଦର୍ଶିକା ଜାରି

## ବିଭାଗ ଧାର୍ଯ୍ୟ କଲା ୧୩ ସର୍ତ୍ତ

ଭୁବନେଶ୍ୱର, ୯।୯ (ସମିସ): ବିଭିନ୍ନ ସଂସ୍ଥା ତଥା ଶିକ୍ଷାନୁଷ୍ଠାନ ନଦୀ ବା ଜଳାଶୟରେ ପାଇପ ଲାଇନ ବିଛାଇବା ପାଇଁ ନିର୍ଦ୍ଦିଷ୍ଟ ଅନୁମତି ପାଇଁ ଜଳସମ୍ପଦ ନିକଟରେ ଆବେଦନ କରୁଥିଲେ। ସେହିପରି କେତେକ ସଂସ୍ଥା ବିନା ଅନୁମୋଦନରେ ନଦୀ, ଜଳାଶୟରେ ନିଜ ପାଇପ ଲାଇନ ବିଛାଇ ପାଣି ଉଠାଉଥିଲେ। ମାତ୍ର ଏହି ବ୍ୟବସ୍ଥାକୁ ସରଳ, ସୁଗମ କରିବା ସହ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ବଳ ଦେବା ସହ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ଜଳସମ୍ପଦ ବିଭାଗ ଏବେ ଏ ସଂକ୍ରାନ୍ତରେ ଏକ ଏସ୍‌ଓପି(ମାର୍ଗଦର୍ଶିକା) ପ୍ରଣୟନ କରିଛି। ମାର୍ଗଦର୍ଶିକାରେ ବିଭାଗ ପକ୍ଷରୁ ମୋଟ ୧୩ଟି ସର୍ତ୍ତ ରଖାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ ଏଣିକି ନଦୀ, ଜଳାଶୟରେ ପାଇପ ବିଛାଇବାକୁ ହେଲେ ଏକମାତ୍ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟରେ ରାଇଟ୍ ଅଫ ୱେ(ରୋ) ଅନୁମୋଦନ ପାଇଁ ଆବେଦନ କରିବାକୁ ପଡ଼ିବ। ଏହି ଆବେଦନ ପରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏହାର ଯାଞ୍ଚ କରାଯିବା ପରେ ଆବେଦନର ନୀରିକ୍ଷଣ ପାଇଁ ଧାର୍ଯ୍ୟ ଅଧିକାରୀଙ୍କ ନିକଟକୁ ପଠାଯିବ। ବିଭାଗୀୟ ଅଧିକାରୀ ପ୍ରସ୍ତାବଟି ଯାଞ୍ଚ କରିବେ, ଆବେଦନକାରୀ ପ୍ରତିନିଧିଙ୍କ ସହିତ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରିବେ, ପ୍ରସ୍ତାବିତ ଆଲାଇନ୍‌ମେଣ୍ଟ ଏବଂ ରାସ୍ତାରେ ଡିଓଡବ୍ଲ୍ୟୁଆର୍ ସମ୍ପତ୍ତି ସମେତ ସମସ୍ତ ଜଳଭଣ୍ଡାର କ୍ରସିଂ ଯାଞ୍ଚ କରିବେ। ଆଲାଇନ୍‌ମେଣ୍ଟ ଡିଓଡବ୍ଲ୍ୟୁଆର୍ ଜମିର ଶେଷ ଭାଗରେ ହେବ ଓ ଭବିଷ୍ୟତରେ ବନ୍ଧ ସେକ୍ସନର ପ୍ରଶସ୍ତୀକରଣ/ପରିବର୍ତ୍ତନ ଇତ୍ୟାଦିର ଯତ୍ନ ନେବେ। ଏହାପରେ ବିଭିନ୍ନ ସ୍ତରରେ ଏହା ଯାଞ୍ଚ ହେବା ପରେ ଯଦି ଆବେଦନ ଯୋଗ୍ୟ ବିବେଚିତ ହୁଏ ତାହେଲେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏହାକୁ ଅନୁମୋଦନ ଦେବେ। ଏହି ଅନୁମୋଦନ ପ୍ରକ୍ରିୟା ୪୫ ଦିନ ମଧ୍ୟରେ ଶେଷ କରାଯିବ।

## ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ!

ବାରିପଦା/କୁଳିଅଣା, ୯।୯(ସମିସ): ଗାଙ୍ଗରାଜ ଅଞ୍ଚଳର ଏକ ପରିତ୍ୟକ୍ତ ପୋଖରୀରୁ କୁଳିଅଣା ପୁଲିସ ଆଜି ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ କେହି ଦୁର୍ବୃତ୍ତ ଯୁବକଙ୍କୁ ଅନ୍ୟତ୍ର ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ଉଦ୍ଦେଶ୍ୟରେ ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ୍ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଯାଇଛି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ଖୋଜାଖୋଜି କରିବାରୁ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେ ଏ ସଂପର୍କରେ କୁଳିଅଣା ପୁଲିସକୁ ଖବର ଦେଇଥିଲେ।

ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା

## ୩୪୯ ପୃଷ୍ଠାର ଚାର୍ଜସିଟ୍ ଦାଖଲ

ବାଲେଶ୍ୱର, ୯।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ମଙ୍ଗଳବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ୩୪୯ ପୃଷ୍ଠାର ଏକ ଚାର୍ଜସିଟ୍ ଦାଖଲ କରିଛି। ଏହାସହ ମୃତ ଛାତ୍ରୀଙ୍କ ମୋବାଇଲ ରେକର୍ଡ ଯାଞ୍ଚ ପାଇଁ ଫୋରେନସିକ୍ ଲ୍ୟାବକୁ ପଠାଇବା ନିମନ୍ତେ କୋର୍ଟଙ୍କୁ କ୍ରାଇମବ୍ରାଞ୍ଚ ଅନୁରୋଧ କରିଛି। କ୍ରାଇମବ୍ରାଞ୍ଚ ଉକ୍ତ ଘଟଣାରେ ଗିରଫ ୪ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ସହ ୧୨୦ଜଣ ସାକ୍ଷୀଙ୍କ ନାମ ମଧ୍ୟ କୋର୍ଟରେ ଦେଇଥିବା ଜଣାଯାଇଛି।

ଏ ବାବଦରେ ଗିରଫ କଲେଜ ଅଧକ୍ଷ ଦିଲ୍ଲୀପ କୁମାର ଘୋଷ ଘୋଷଙ୍କ ଓକିଲ ଗୁରୁପ୍ରସାଦ ବେହେରା କହିଛନ୍ତି ଯେ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ଏହି ଚାର୍ଜସିଟ୍ ଦାଖଲ କରିଛି। ଅଧ୍ୟାପକ ସମୀର ସାହୁ ଗିରଫ ହେବାର ୬୦ ଦିନ ପୂରଣ ହେଉଥିବାରୁ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ସମସ୍ତଙ୍କ ଚାର୍ଜସିଟ୍ ଦାଖଲ କରିଛି। ଗିରଫ ଛାତ୍ର ଓ ମୃତ ଛାତ୍ରୀ ସୌମ୍ୟାଶ୍ରୀ ଏବିଭିପି ସହ ସଂଶ୍ଳିଷ୍ଟ ଥିବାରୁ ସରକାର କିପରି ବଦନାମ ନ ହେବେ, ତାହାକୁ ନଜରରେ ରଖି ଚାର୍ଜସିଟ୍ ପ୍ରସ୍ତୁତ ହୋଇଛି। ତଦନ୍ତ ସଠିକ ଦିଗରେ ହୋଇନାହିଁ। ଆମେ ହାଇକୋର୍ଟକୁ ଯିବୁ ବୋଲି ଓକିଲ ଶ୍ରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ ତାରିଖ (ଶନିବାର) ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ନିର୍ଯାତିତ ହୋଇ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣା ଦିନ ସହଦେବଖୁଣ୍ଟା ପୁଲିସ ବିଭାଗୀୟ ଏଚ୍‌ଓଡି ସମୀର ସାହୁ ପରେ ଅଧକ୍ଷ ଦିଲ୍ଲୀପ ଘୋଷଙ୍କୁ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଜଣେ ଛାତ୍ର ଓ ଅଣଛାତ୍ରକୁ ଗିରଫ କରିଥିଲା।

କୋରାପୁଟ ବଡ଼ ମେଡ଼ିକାଲରେ ସଫଳ ଅସ୍ତ୍ରୋପଚାର

## ଯୁବକଙ୍କ ଶରୀରରୁ ବାହାରିଲା ତୀର

 କୋରାପୁଟ, ୯।୯(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ପାକାନାଗୁଡ଼ା ପଞ୍ଚାୟତ ନାୟକଗୁଡ଼ା ଗ୍ରାମର ଲକ୍ଷ୍ମଣ ଗୌଡ଼ ତୀର ମାଡ଼ରେ ଗୁରୁତର ହୋଇ ସୋମବାର ରାତିରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି ହୋଇଥିଲେ। ଆଜି ସେଠାରେ ଅସ୍ତ୍ରୋପଚାର ଜରିଆରେ ତାଙ୍କର ଶରୀରରୁ ତୀରକୁ ବାହାର କରାଯାଇଛି। ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର୍ ଡାକ୍ତର ଅଭିଷେକ ପାତ୍ରଙ୍କ ନେତୃତ୍ୱରେ ଡାକ୍ତର ମୃତ୍ୟୁଞ୍ଜୟ ମଲ୍ଲିକ, ନିଶ୍ଚେତକ ବିଶେଷଜ୍ଞ ସହକାରୀ ପ୍ରଫେସର ଡାକ୍ତର ଗୋପାଳ ନାୟକ ଏବଂ ୦ଟି କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଏହି ଅସ୍ତ୍ରୋପଚାରରେ ସାମିଲ ଥିଲେ। ଲକ୍ଷ୍ମଣଙ୍କ ଶରୀର ଭିତରେ ତୀର ପ୍ରାୟ ୮ଇଞ୍ଚ ପଶିଥିବା ବେଳେ ଶରୀରରୁ ପ୍ରାୟ ଦେଢ଼ ଲିଟର ରକ୍ତ ବୋହି ଯାଇଥିଲା। ଅନ୍ତଃନଳୀର ଦୁଇଟି ସ୍ଥାନରେ ସମ୍ପୂର୍ଣ୍ଣ ଛିଡ଼ି ଯାଇଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଅଧା କଟି ଥିଲା। ତେଣୁ ଅତ୍ୟନ୍ତ ସାବଧାନତାର ସହ ଅସ୍ତ୍ରୋପଚାର କରାଯାଇଥିଲା ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ରାତି ୧୦ଟାରୁ ଅପରେସନ ଆରମ୍ଭ ହୋଇ ରାତି ଗୋଟାଏ ବେଳେ ଶେଷ ହୋଇଥିବା ପ୍ରଫେସର୍ ଅଭିଷେକ ପାତ୍ର କହିଛନ୍ତି।



## କୁକୁର ମୁହଁରୁ ହରିଣ ଶାବକ ଉଦ୍ଧାର

ଅନୁଗୋଳ, ୯।୯(ସମିସ): ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ତଲଗଡ଼ ମୁଣ୍ଡାସାହିରୁ ଏକ କ୍ଷତାକ୍ତ ହରିଣ ଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ରବିବାର ସକାଳେ ହରିଣ ଛୁଆକୁ କୁକୁର ଗୋଡ଼ାଉଥିବା ବନ ବିଭାଗକୁ ଖବର ମିଳିଥିଲା। ଖିଣ୍ଡା ସେକ୍ସନ ଟିମ୍ ତୁରନ୍ତ ପହଞ୍ଚି କୁକୁର ମୁହଁରୁ ହରିଣ ଛୁଆକୁ ଉଦ୍ଧାର କରିଥିଲେ। ତାକୁ ବନ୍ତଲା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚିକିତ୍ସା କରାଯିବା ସହ ନିରୀକ୍ଷଣରେ ରଖାଯାଇଛି। ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର୍ ଶ୍ରୀନିବାସ ସାହୁ, ଫରେଷ୍ଟ ଗାର୍ଡ ସିତୁ ବେହେରା, ହାତୀ ସ୍କ୍ୱାଡ୍ ତରୁଣ ଦେହୁରୀ, ଯୁଗଳ ମୁଦୁଲି, ସରୋଜ ପ୍ରଧାନ ଓ ଗଜମିତ୍ର ସଞ୍ଜୟ ବେହେରା ପ୍ରମୁଖ ସାମିଲ ଥିଲେ।



ଶିଶୁବାଟିକା ଶିଶୁ ସେବିକା ନିଯୁକ୍ତିକୁ ଚାଲେଞ୍ଜ

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ

କଟକ, ୯। ୯(ସମିସ): ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁବାଟିକା ଶ୍ରେଣୀ ଖୋଲାଯାଇ ଏଥିରେ ଅଣପ୍ରଶିକ୍ଷିତ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ପ୍ରଦାନକୁ ଚାଲେଞ୍ଜ କରି ମାମଲା ହାଇକୋର୍ଟରେ ପହଞ୍ଚିଛି। ନିଯୁକ୍ତି ଆଶାୟୀମାନେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତିପକ୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ଅଦାଲତ। ଦିବ୍ୟଲୋଚନ ମହାନ୍ତ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଆବେଦନଗୁଡ଼ିକର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ କହିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ପରେ ରାଜ୍ୟରେ ୬ ବର୍ଷରୁ କମ ବୟସର ଶିଶୁଙ୍କ ପାଇଁ ଗତ ୨୦୨୫ ଜୁନ୍ ୩୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ବର୍ଗ ଖୋଲାଯାଇଥିଲା। ସେହିଭଳି ଗତ ୨୦୨୫ ଅଗଷ୍ଟ୨୦ର ବିଜ୍ଞପ୍ତି ଅନୁସାରେ ଶିଶୁବାଟିକା ପାଇଁ ଶିଶୁ ସେବିକାମାନଙ୍କୁ ନିଯୁକ୍ତି ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଜାରି ହୋଇଥିଲା। ଏହି ଶ୍ରେଣୀରେ ନାମ ଲେଖାଉଥିବା ଶିଶୁଙ୍କ ଯତ୍ନ ତଥା ମୂଳଦୁଆ ଶିକ୍ଷା ପାଇଁ ଇସିସିଇ (ଇଅରଲି ଚାଇଲଡହୁଡ କେୟାର ଆଣ୍ଡ ଏଜୁକେସନ)ରେ ପ୍ରଶିକ୍ଷଣପ୍ରାପ୍ତଙ୍କୁ ଶିଶୁ ସେବିକା ଭାବେ ନିଯୁକ୍ତ କରା ନଯାଇ ଅଣପ୍ରଶିକ୍ଷିତ ତଥା ମାଟ୍ରିକ୍ ପାସ୍ କରିନଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ଜାତୀୟ ଶିକ୍ଷା ନୀତିର ଉଲ୍ଲଙ୍ଘନ କରୁଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ସହ ଶିଶୁ ବାଟିକା ପାଇଁ ପ୍ରଶିକ୍ଷଣପ୍ରାପ୍ତ ଇସିସିଇ ଡିଗ୍ରୀଧାରୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି। ଆସନ୍ତା ସେପ୍ଟେମ୍ବର୨୫କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ଝାରସୁଗୁଡ଼ା-ବାରକୋଟ୍, ଅନୁଗୋଳ-ତାଳଚେର, ତାଳଚେର-ବିମଳାଗଡ଼ ରେଳପଥ ସମୀକ୍ଷା

# ଧର୍ମେନ୍ଦ୍ର-ଅଶ୍ୱିନୀ ଉଚ୍ଚସ୍ତରୀୟ ବୈଠକ

ବୈଠକରେ କଟକ, ଢେଙ୍କାନାଳ, ବରଗଡ଼, ଆସ୍କା ଓ କନ୍ଧମାଳ ସାଂସଦ ଉପସ୍ଥିତ

ଭୁବନେଶ୍ୱର, ୯।୯(ସମିସ): ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ନାଗରିକଙ୍କ ଯାତାୟତ ସହ ପରିବହନ ପଥକୁ ସୁଗମ କରିବା ତଥା ରେଳ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ ଆଲୋଚନା ହୋଇଛି। ଓଡ଼ିଶାରେ ରେଳ ବିଭାଗ ପକ୍ଷରୁ ନୂଆ ରେଳଲାଇନ, ରେଳ ଲାଇନର ଦୋହରୀକରଣ, ତୃତୀୟ ଲାଇନ, ଚତୁର୍ଥ ଲାଇନ ପାଇଁ ପାଖାପାଖି ୯୦ ହଜାର କୋଟି ଟଙ୍କାର କାମ କ୍ରିୟାନ୍ୱୟନ ହେଉଛି। ସେହିପରି ଝାରସୁଗୁଡ଼ା-ବାରକୋଟ୍, ଅନୁଗୋଳ-ତାଳଚେର, ତାଳଚେର-ବିମଳାଗଡ଼ ସହ ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ତ୍ୱରାନ୍ୱିତ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ଆଲୋଚନା ପରେ ଶ୍ରୀ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନାଗରିକଙ୍କ ଯାତାୟତ, ଶିଳ୍ପ ଏବଂ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡିବାରେ ରେଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ କଳ୍ପନା'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ କରିବା ପାଇଁ ଡବଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି। ପୂର୍ବ ସରକାର ଅପେକ୍ଷା ମୋଦୀ ସରକାରରେ ବିଗତ ୧୧ ବର୍ଷରେ ଓଡ଼ିଶାକୁ ରେଳ ବଜେଟରେ ରେକର୍ଡସଂଖ୍ୟକ ଅର୍ଥ ମିଳୁଛି। କଂଗ୍ରେସ ଅମଳରେ ଓଡ଼ିଶାରୁ ବାର୍ଷିକ ଏକ ହଜାର କୋଟି ଟଙ୍କା ମିଳୁଥିଲା ବେଳେ ସମ୍ପ୍ରତି ପ୍ରତି ବର୍ଷ ଓଡ଼ିଶା ପାଇଁ ରେଳ ବଜେଟରେ ବୃଦ୍ଧି ପରିଲକ୍ଷିତ ହୋଇଛି। ଆଜିର ବୈଠକରେ ଝାରସୁଗୁଡ଼ା- ବାରକୋଟ୍ ରେଳଲାଇନ, ଅନୁଗୋଳ-ତାଳଚେର ନୂଆ ରେଳଲାଇନ, ବରଗଡ଼ ରୋଡ-ନୂଆପଡ଼ା ରୋଡ-ରାୟପୁର ରେଳଲାଇନ, ତାଳଚେର-ବିମଳାଗଡ଼ ରେଳଲାଇନ, ବହୁପ୍ରତିକ୍ଷୀତ ଖୋର୍ଦ୍ଧା –ବଲାଙ୍ଗୀର ରେଳ ଲାଇନ, ସମ୍ବଲପୁର- ଜରପଡ଼ା ତୃତୀୟ ରେଳଲାଇନ ଓ ଚତୁର୍ଥଲାଇନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରପଡାରୁ ତେନ୍ତୁଲୋଇ ମଧ୍ୟ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର କୋଲ୍ କରିଡର ଉପରେ ଆଲୋଚନା ହୋଇଛି। ବିଶେଷ ଭାବରେ ରେଳଲାଇନର କାର୍ଯ୍ୟକୁ ଆଗେଇ ନେବାରେ ଉପୁଜିଥିବା ଜମିଗ୍ରହଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି। ସେହିପରି ଅନୁଗୋଳର ବଇଁଣ୍ଡାରୁ ଏକ ସଂଯୋଗ ଲାଇନ କିପରି ବଲାଙ୍ଗିର - ଖୋର୍ଦ୍ଧା ଲାଇନରେ ବୌଦ୍ଧ ପର୍ଯ୍ୟନ୍ତ ଯୋଡିହେବ, ତାହାର ମଧ୍ୟ ପରିକଳ୍ପନା କରାଯାଇଛି। ଦକ୍ଷିଣ ଓଡ଼ିଶାରେ ଭଞ୍ଜନଗର ଓ ଆସ୍କା ସବଡିଭିଜନ ରେଳ ଲାଇନରୁ ବଞ୍ଚିତ ଅଛନ୍ତି। ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳଲାଇନ ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଏବଂ ଗଞ୍ଜାମର ଆସ୍କା ଅଞ୍ଚଳକୁ ସଂଯୋଗ ହେଲେ ଓଡ଼ିଶାର ରେଳ ନେଟୱାର୍କ ସୁଦୃଢ଼ ହେବ। ଏହାବ୍ୟତୀତ କନ୍ଧମାଳର ଫୁଲବାଣୀ ପର୍ଯ୍ୟନ୍ତ ରେଳ ନେଟଓ୍ୱାର୍କ ସଂଯୋଗ ପ୍ରସଙ୍ଗରେ ବୈଠକରେ ବିଚାରବିମର୍ଶ ହୋଇଥିଲା। ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନୀତା ଶୁଭଦର୍ଶନୀ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



## ସଂଗଠନ ସଜାଡୁଛି ଲାଲବାହିନୀ

■ ବସ୍ତର୍ ଉପରେ ପୁଣି କବ୍‌ଜା ପାଇଁ ଉଦ୍ୟମ
■ ତିରୁପତି ମାଓ ସଂଗଠନ ନୂତନ ମୁଖ୍ୟ ସଚିବ
■ ମାଓ ନେତା ହିଡମା ଜୋନାଲ କମିଟି ସଚିବ

ମାଲକାନଗିରି, ୯।୯ (ସମିସ): ଛତିଶଗଡ଼ରେ ସୁରକ୍ଷା ବାହିନୀର ମାଓ ଦମନ ଅପରେସନ୍ ଯୋଗୁଁ ମାଓ ସଂଗଠନ ଦୁର୍ବଳ ହେବାରେ ଲାଗିଛି। ବିଗତ ଦିନରେ ଅନେକ ଅନେକ ବଡ଼ ବଡ଼ ମାଓବାଦୀ ଯବାନଙ୍କ ଗୁଳିରେ ନିହତ ହୋଇଥିବା ବେଳେ ଅନେକ ମାଓ ନେତା ଆତ୍ମସମର୍ପଣ କରିଛନ୍ତି। ଏପରି ସ୍ଥିତିରେ ବର୍ତ୍ତମାନ ନୂତନ ନେତୃତ୍ୱ ସହାୟତାରେ ସମ୍ପୂର୍ଣ୍ଣ ବସ୍ତରକୁ ପୁଣି ନିଜର କବ୍‌ଜାକୁ ନେବା ପାଇଁ ମାଓବାଦୀମାନେ ଉଦ୍ୟମ ଆରମ୍ଭ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବସ୍ତର ଅଞ୍ଚଳରେ ସଂଗଠନରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ତେଲେଙ୍ଗାନାର କରିମନଗର ଜିଲ୍ଲାର ମାଓ ନେତା ତିରୁପତି ଓରଫ୍ ଦେବଜୀଙ୍କୁ ସଂଗଠନ ପକ୍ଷରୁ ନୂତନ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। କମାଣ୍ଡର ହିଡମା ଓରଫ ସନ୍ତୋଷଙ୍କୁ ସ୍ୱତନ୍ତ୍ର ଜୋନାଲ କମିଟି ସଚିବର ଦାୟିତ୍ୱ ଦିଆଯାଇଥିବା ସୂଚନା ମିଳିଛି। ମେ' ୨୧ ତାରିଖରେ ନାରାୟଣପୁରର ଜଙ୍ଗଲରେ ଏକ ଏନ୍‌କାଉଣ୍ଟରରେ ସାଧାରଣ ସମ୍ପାଦକ ନାମବାଲା କେଶବ ରାଓ ଓରଫ୍ ବାସବରାଜୁଙ୍କ ସମେତ ୨୮ ମାଓବାଦୀ ନିହତ ହେବା ପରେ ଭାଙ୍ଗି ପଡ଼ିଥିବା ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି।

ନୂତନ ଦାୟିତ୍ୱ ପାଇଥିବା ମାଓନେତା ଦେବଜୀ ସଂଗଠନରେ ଦୀର୍ଘ ସମୟ ଧରି ଅନେକ ପଦବୀରେ କାମ କରିଛନ୍ତି। ପ୍ରାୟ ୭୦ ବର୍ଷ ବୟସ୍କ ଦେବଜୀ ଟିପ୍ପିରି ତିରୁପତି ଓରଫ୍ ସଞ୍ଜୀବ ରମେଶ ଓରଫ୍ ଚେତନ ଓରଫ୍ କୁମ୍ମା, ଦେବନ୍ନା ଏବଂ ସୁଦର୍ଶନ ଭଳି ବିଭିନ୍ନ ନାମ ରହିଛି। ସେ ନକ୍ସଲବାଦୀଙ୍କ ସାମରିକ ଗୁଇନ୍ଦା ଶାଖାର ମୁଖ୍ୟ ଥିଲେ। ବର୍ତ୍ତମାନ ଦେବଜୀଙ୍କୁ ମୁଖ୍ୟ ସଚିବ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ସେ ସଂଗଠନକୁ ପୁନଃ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବେ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ସେହିପରି ମାଓ ସଙ୍ଗଠନର ସ୍ୱତନ୍ତ୍ର ଜୋନାଲ କମିଟି ସଚିବର ଦାୟିତ୍ୱ ଦିଆଯାଇଥିବା ହିଡମା ମଧ୍ୟ ଜଣେ କୁଖ୍ୟାତ ମାଓବାଦୀ। ତା' ନାମରେ ପୂର୍ବରୁ ୧କୋଟି ଟଙ୍କାର ପୁରସ୍କାର ରାଶି ରହିଛି। ସୁକମାର ପୂର୍ବାଞ୍ଚଳରେ ଜନ୍ମଗ୍ରହଣ କରିଥିବା ହିଡମାଙ୍କୁ ବସ୍ତରର ନକ୍ସଲବାଦର ମେରୁଦଣ୍ଡ କୁହାଯାଏ। ତାଙ୍କୁ ବାଟାଲିୟନ କମାଣ୍ଡର ପଦବୀରୁ କେନ୍ଦ୍ରୀୟ କମିଟିର ସଦସ୍ୟ କରାଯାଇଥିଲା। ବର୍ତ୍ତମାନ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ଇନଚାର୍ଜ ପଦବୀକୁ ପଦୋନ୍ନତି ଦିଆଯାଇଛି। ପ୍ରଥମଥର ପାଇଁ ମାଓ ସଙ୍ଗଠନରେ ଜଣେ ଆଦିବାସୀ ନକ୍ସଲ ନେତାଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର ଦିଆଯାଇଛି।





## ଉଚ୍ଛେଦ ପରେ ବାଣୀବିହାରରେ ପୁଣି ଉତ୍ତେଜନା

# କୁଳପତିଙ୍କୁ ଘେରିଲେ ପୂର୍ବତନ ଛାତ୍ର

ଭୁବନେଶ୍ୱର, ୯ା୯(ସମିସ): ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ବିଦା କରିବାର ଦିନକପରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି। କ୍ୟାମ୍ପସ୍‌ରୁ ବସ୍ତି ଉଚ୍ଛେଦ ସହ ଅବୈଧ ଭାବ ରହୁଥିବା ସମସ୍ତଙ୍କୁ ବାହାର କରିବାକୁ ପୂର୍ବତନ ଛାତ୍ରଙ୍କ ସମେତ କିଛି ଛାତ୍ରଛାତ୍ରୀ କୁଳପତିଙ୍କୁ ଘେରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ ଦିଆଯାଇଥିବା କ୍ୱାର୍ଟର୍ସକୁ ସେମାନେ ଭଡ଼ାରେ ଲଗାଇଥିବା ଅଭିଯୋଗ କରିଛନ୍ତି। ଏପରିକି ଅନେକ କର୍ମଚାରୀଙ୍କ ଚାକିରି ସରିବା ପରେ ମଧ୍ୟ କ୍ୟାମ୍ପସ୍‌ରେ ରହୁଛନ୍ତି। 'ମିଶନ୍ ଅଲ୍‌ଆଉଟ୍' କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ଫେରାଇ ଆଣିବାକୁ ଦାବି କରିଛନ୍ତି।

ପୂର୍ବତନ ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ଅନେକ କ୍ୱର୍ଟର୍ସକୁ କର୍ମଚାରୀ ଓ ବାହାର ଲୋକମାନେ କବ୍‌ଜା କରିଛନ୍ତି। ଦୀର୍ଘଦିନରୁ ବେଆଇନ୍ ଅକ୍ତିଆର୍ ହୋଇଥିଲେ ମଧ୍ୟ ସେମାନଙ୍କ ବିରୋଧରେ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ବିଶ୍ୱବିଦ୍ୟାଳୟର ପାଣି ଓ ବିଜୁଳି ବ୍ୟବହାର କରି ଆର୍ଥିକ ବୋଝ ଦେଉଛନ୍ତି। ଅନୁରୂପ ଭାବେ କ୍ୟାମ୍ପସ୍ ଭିତରେ ଅନେକ ବସ୍ତି ଗଢ଼ି ଉଠିଛି। ସେମାନଙ୍କ ଉପରେ କାହାର ନଜର ନାହିଁ। ବସ୍ତି ବାସିନ୍ଦାଙ୍କ ଅବାଧ ପ୍ରବେଶ କାରଣରୁ ନିଶା କାରବାର ବୃଦ୍ଧି ପାଉଛି। ପୂର୍ବରୁ କ୍ୟାମ୍ପସ୍‌ରୁ ବ୍ରାଉନ୍‌ସୁଗାର ମଧ୍ୟ ଜବତ ହୋଇଛି। ହେଲେ ଧଳା ଜହର କାରବାର ରୋକିବାକୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବାରମ୍ବାର ବିପଦ ସୃଷ୍ଟି ହେଉଛି। ସନ୍ଧ୍ୟା ହେଲେ ଛାତ୍ରୀମାନେ କ୍ୟାମ୍ପସର୍ ସୁରକ୍ଷିତ ମଣୁ ନାହାନ୍ତି। ଏଣୁ ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପ୍ରକ୍ରିୟା ସହ ଜଡ଼ିତ ନ ଥିବା ସମସ୍ତଙ୍କୁ ବାହାର କରିବାକୁ ସେମାନେ ଦାବି କରିଛନ୍ତି।



ଜବରଦଖଲ କ୍ୱାର୍ଟର୍ସ ଓ ବସ୍ତି ଉଚ୍ଛେଦ ଦାବି

ଘଟଣା ସମ୍ପର୍କରେ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି ଯେ କ୍ୟାମ୍ପସ୍‌ରେ ଅବୈଧ ଭାବେ ରହୁଥିବା ସମସ୍ତଙ୍କୁ ଅଲ୍ ଆଉଟ୍ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତକାଲି ହଷ୍ଟେଲ୍‌କୁ ଅଣଛାତ୍ରମୁକ୍ତ କରିବାକୁ ବ୍ୟାପକ ଭାବେ ଉଚ୍ଛେଦ କରାଯାଇଛି। ଜବରଦଖଲ ହୋଇଥିବା କ୍ୱାର୍ଟର୍ସକୁ ଚିହ୍ନଟ କରି ଖାଲି କରିବାକୁ ପୂର୍ବରୁ ନୋଟିସ୍ ଦିଆ ସରିଛି। ଆଜି ପୁଣି ଦ୍ୱିତୀୟ ଥର ପାଇଁ ସେମାନଙ୍କୁ ନୋଟିସ୍ ଦିଆଯାଇଛି। ବିଏମ୍‌ସି ସହିତ ଯୋଗାଯୋଗରେ ଅଛନ୍ତି, ଖୁବ୍‌ଶୀଘ୍ର ସେଗୁଡ଼ିକରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ। ସେହିପରି ଅବୈଧ ବସ୍ତି ସମ୍ପର୍କରେ ଉଭୟ ବିଡିଏ ଓ ବିଏମ୍‌ସି ସହିତ ଆଲୋଚନା କରି ଉଚ୍ଛେଦ ପାଇଁ ପ୍ରକ୍ରିୟା କରାଯିବ ବୋଲି ପ୍ରଫେସର ଦଣ୍ଡପାଟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କ୍ୟାମ୍ପସ୍‌କୁ ସମ୍ପୂର୍ଣ୍ଣ ଅଣଛାତ୍ରମୁକ୍ତ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି।

ହଷ୍ଟେଲରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରିବାର ଦିନକପରେ ପୂର୍ବତନଛାତ୍ରଙ୍କ ଆନ୍ଦୋଳନାତ୍ମକ ପନ୍ଥାକୁ ନେଇ ଶିକ୍ଷାବିତମାନେ ପ୍ରଶ୍ନ ଉଠାଇଛନ୍ତି। ସମ୍ପୃକ୍ତ ପୂର୍ବତନ ଛାତ୍ରମାନେ କର୍ତ୍ତୃପକ୍ଷଙ୍କ ସହ ଶାନ୍ତିଶୃଙ୍ଖଳାର ସହ ଆଲୋଚନା ନ କରି ହୋ ହାଲ୍ଲା କରିବା ଦାବି ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଥିବା ଗନ୍ଧ ବାରିଛନ୍ତି। ହେଲେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପଛକୁ ନ ହଟି ଛାତ୍ରଛାତ୍ରୀଙ୍କ ପାଇଁ ଶୈକ୍ଷିକ ଓ ଭୟମୁକ୍ତ ବାତାବରଣ ସୁନିଶ୍ଚିତ କରିବାକୁ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### କାହାକୁ କହିବା ଅଣଛାତ୍ର?

ବାଣୀବିହାର ହଷ୍ଟେଲ୍‌ରୁ ଅଣଛାତ୍ରଙ୍କୁ ଉଚ୍ଛେଦ କରାଯାଇଛି। କେହି ଅଣଛାତ୍ର ନୁହଁନ୍ତି, ବରଂ ପୂର୍ବତନ ଛାତ୍ରଙ୍କୁ ବିଦା କରାଯାଇଥିବା କହି କିଛି ପୂର୍ବତନ ଛାତ୍ର ଗଣମାଧ୍ୟମରେ ଅସନ୍ତୋଷ ଝାଡୁଛନ୍ତି। ଏପରିକି ଅଣଛାତ୍ର ଶବ୍ଦକୁ ନେଇ ସେମାନେ ଆପତ୍ତି ଉଠାଉଛନ୍ତି। ଏହାରି ମଧ୍ୟରେ ପ୍ରକୃତ ଅଣଛାତ୍ର କାହାକୁ କହିବା ସେ ନେଇ ଚା ଖଟିରେ ବିତର୍କ ଆରମ୍ଭ ହୋଇଛି।

ବିଶ୍ୱବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ଛାତ୍ରଛାତ୍ରୀ କୁହାଯାଇଥାଏ। ତାଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଅଣଛାତ୍ର କୁହାଯାଉଥିବା ଗୋଟିଏ ଗୋଷ୍ଠୀ ଯୁକ୍ତି ବାଢୁଛନ୍ତି। ପୂର୍ବତନ ଛାତ୍ରଙ୍କୁ ଅଣଛାତ୍ର ଭାବେ ସମ୍ବୋଧନ କରାଯାଉ ନଥିଲେ ମଧ୍ୟ ସେମାନେ ଅଣଛାତ୍ର ବର୍ଗରେ ଯାଉଥିବା ଏହି ଗୋଷ୍ଠୀର ମତ। ଆଉ ଏକ ଗୋଷ୍ଠୀ ପୂର୍ବତନ ଛାତ୍ରଙ୍କୁ ଅଣଛାତ୍ର କୁହାଯାଇ ପାରିବ ନାହିଁ ବୋଲି କଡ଼ା ଆପତ୍ତି ଉଠାଉଛନ୍ତି। ଏପରିକି ସେମାନେ ପୂର୍ବତନ ଛାତ୍ର ଭାବରେ ହଷ୍ଟେଲ୍‌ରେ ରହିବା ତାଙ୍କ ଅଧିକାର ବୋଲି ଦାବି କରିଛନ୍ତି। ଜଣେ ପୂର୍ବତନ ଛାତ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହଛନ୍ତି ଯେ ସରକାର ପର୍ଯ୍ୟାପ୍ତ ଚାକିରି ବାହର କରୁ ନାହାନ୍ତି। ଫଳରେ ପଢ଼ା ସରିବା ପରେ ସେମାନେ ସେଠାରେ ହିଁ ରହି ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ଅର୍ଥାଭାବ ସେମାନଙ୍କୁ କ୍ୟାମ୍ପସ୍‌ରେ ରହିବାକୁ ବାଧ କରୁଛି। ସେମାନଙ୍କୁ ଅଣଛାତ୍ର କୁହା ନ ଯାଇ ପୂର୍ବତନ ଛାତ୍ର ଭାବେ ହଷ୍ଟେଲ୍‌ରେ ରହିବାକୁ ସୁଯୋଗ ଦେବାକୁ ସେ ଦାବି କରୁଛନ୍ତି। ଏପରିକି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ସିଏଲ୍‌ସି ନ ନେବା ଯାଏଁ ସେମାନେ ସେଠିକାର ଛାତ୍ର ଭାବେ ଗଣାହେବେ। ହେଲେ କେତେଦିନ ମଧ୍ୟରେ ସିଏଲ୍‌ସି ନେବା ଉଚିତ୍ ସେ ନେଇ କୌଣସି ଉତ୍ତର ଦେଉ ନାହାନ୍ତି। ଆଉକିଛି ପୂର୍ବତନ ଛାତ୍ରଙ୍କୁ ଚାକରି କଲା ପର୍ଯ୍ୟନ୍ତ ହଷ୍ଟେଲ୍ ସୁବିଧା ଦେବାକୁ ଦାବି କରୁଛନ୍ତି। ଅପରପକ୍ଷଙ୍କ କହିବା କଥା ହଷ୍ଟେଲ୍ କବ୍‌ଜା କରିବା ଉଦ୍ଦେଶ୍ୟ ସାଧିତ କରିବା ପାଇଁ ସିଏଲ୍‌ସି ଏକ ବାହାନା। ଏପରି ମାନସିକତା ରଖୁଥିବା ପିଲାଙ୍କ ପାଇଁ ନୂତନ ଭାବେ ନାମଲେଖାଉଥିବା ପିଲାମାନେ ହଇରାଣ ହେଉଛନ୍ତି। ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ଆଲୁମିନିମାନେ ପ୍ରୟାସ କଲେ ଉତ୍କଳର ମାନ ବୃଦ୍ଧି ପାଇବ ବୋଲି ଏହି ପକ୍ଷ ଯୁକ୍ତି ବାଢୁଛନ୍ତି। ପ୍ରକୃତରେ ଅଣଛାତ୍ର କାହାକୁ କହିବା ଓ ସେମାନେ ହଷ୍ଟେଲ୍‌ରେ ରହିବା ଯୋଗ୍ୟ ନା ଅଯୋଗ୍ୟ, ଏହି ଚର୍ଚ୍ଚାରେ ସକାଳର ଚା ଖଟି ଅଧିକ ସରଗରମ ହେଉଛି।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ପୋଷ୍ଟ କରି ଗିରଫ

- ଫ୍ରି ଫାୟାର ଗେମ୍ ମାଧ୍ୟମରେ ହୋଇଥିଲା ବନ୍ଧୁତା

ଭୁବନେଶ୍ୱର, ୯ା୯(ସମିସ): ଫ୍ରି ଫାୟାର ଗେମ୍‌ରୁ ବନ୍ଧୁତା ଏବଂ ପରେ ଏକ ତରଫା ପ୍ରେମ କରି ଯୁବତୀଙ୍କ ଅଶ୍ଳୀଳ ଫଟୋ ପୋଷ୍ଟ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନିଶ୍ଚିନ୍ତକୋଇଲି ଅଞ୍ଚଳର ରୁଦ୍ରପ୍ରତାପ ସାମଲ। ତା' ନିକଟରୁ ପୁଲିସ ଏକ ମୋବାଇଲ୍ ଫୋନ୍ ଜବତ କରିଛି।

ସୂଚନାଯୋଗ୍ୟ ଯେ, ରୁଦ୍ରପ୍ରତାପ ଇନଷ୍ଟାଗ୍ରାମ୍‌ରେ ଫେକ୍ ଆଇଡି ଖୋଲି ଯୁବତୀଙ୍କର ଅଶ୍ଳୀଳ ଫଟୋ ପୋଷ୍ଟ କରି ଅଶାଳୀନ ମନ୍ତବ୍ୟ ଦେଉଥିଲା। ଏମିତି କି ଯୁବତୀଙ୍କୁ ତାଙ୍କୁ ଅସଭ୍ୟ ଭାଷାରେ ଗାଳି କରୁଥିଲେ। ତାଙ୍କ ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ଟ୍ୟାଗ୍ କରି ଫଲୋ ଅନୁରୋଧ ପଠାଇଥିଲେ। ଯାହା ଫଳରେ ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିଲେ। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ରୁଦ୍ରପ୍ରତାପ ସାମଲ ଅନଲାଇନ୍ ଫ୍ରି ଫାୟାର ଗେମ୍ ମାଧ୍ୟମରେ ପୀଡିତାଙ୍କ ସମ୍ପର୍କରେ ଆସିଥିଲେ। ପରବର୍ତ୍ତୀ ସମୟରେ, ସେମାନେ ଇନ୍‌ଷ୍ଟାଗ୍ରାମରେ ବନ୍ଧୁ ହୋଇ ଯୋଗାଯୋଗ ନମ୍ବର ଆଦାନପ୍ରଦାନ କରିଥିଲେ। ପରେ ରୁଦ୍ରପ୍ରତାପ ଏକପାଖିଆ ପ୍ରେମ ସମ୍ପର୍କ ପ୍ରସ୍ତାବ ଦେଇଥିଲେ ଯାହାକୁ ପୀଡିତା ମନା କରିଦେଇଥିଲେ। ତାଙ୍କ ଅସ୍ୱୀକାରରେ କ୍ଷୁବ୍ଧ ହୋଇ, ରୁଦ୍ରପ୍ରତାପ ପୀଡିତାଙ୍କ ଅଶ୍ଳୀଳ ଚିତ୍ର ଏବଂ ଭିଡିଓଗୁଡ଼ିକୁ ଅଶ୍ଳୀଳ ଶବ୍ଦ ଏବଂ ସଙ୍ଗୀତ ସହିତ ସମ୍ପାଦିତ ଏବଂ ପୋଷ୍ଟ କରିଥିଲେ। ତାଙ୍କୁ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ସେ ସେହି ପୋଷ୍ଟଗୁଡ଼ିକରେ ତାଙ୍କ ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ମଧ୍ୟ ଟ୍ୟାଗ୍ କରିଥିଲେ। ଫଳରେ ପୀଡିତା ହଇରାଣ ହୋଇଥିଲେ, ତାଙ୍କର ମାନହାନି ଏବଂ ମାନସିକ ଆଘାତ ସୃଷ୍ଟି ହୋଇଥିଲା। ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ରୁଦ୍ରପ୍ରତାପକୁ ଗିରଫ କରିଥିଲା।

## ନାବାଳିକା ଅସଦାଚରଣକାରୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୯ା୯(ସମିସ): ନାବାଳିକା ଅସଦାଚରଣକାରୀକୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି ଫାଷ୍ଟ ଟ୍ରାକ୍ ସ୍ପେସିଆଲ୍ କୋର୍ଟ (ପୋକସୋ)। ଆସାମୀ ଲୋକନାଥ ମଲ୍ଲିକଙ୍କୁ କୋର୍ଟ ଦୋଷୀ କରିବା ସହ ୨୦ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଶୁଣାଇଛନ୍ତି ବିଚାରପତି ସରୋଜ କୁମାର ସହୁ। ଗତ ୨୦୨୪ ମସିହା ସେପ୍ଟେମ୍ବର ମାସରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଏହି ଅସଦାଚରଣ ହୋଇଥିଲା।

ଉଲ୍ଲେଖଯୋଗ୍ୟଯେ, ୨୦୨୪ ଜୁଲାଇ ୧୧ତାରିଖରେ ଆସାମୀ ଲୋକନାଥ ମଲ୍ଲିକ ତାଙ୍କ ପିତାମାତାଙ୍କ ସମ୍ମତିରେ ବିବାହ କରିବା ବାହାନାରେ ନାବାଳିକା ପୀଡ଼ିତା (୧୭)ଙ୍କୁ ନୂଆପଡ଼ା ଗ୍ରାମରେ ଥିବା ତାଙ୍କ ଘରକୁ ଅପହରଣ କରି ନେଇଯାଇଥିଲେ। ପୀଡିତା ପ୍ରଥମେ ସେଠାରେ ଶାନ୍ତିପୂର୍ଣ୍ଣ ଭାବରେ ରହୁଥିଲେ। ପରବର୍ତ୍ତୀ ସମୟରେ, ତାଙ୍କ ପିତାମାତାଙ୍କ ଦ୍ୱାରା ପ୍ରରୋଚିତ ହୋଇ, ଅଭିଯୁକ୍ତ ଯୌତୁକ ଦାବି କରିବା ଆରମ୍ଭ କରି ତାଙ୍କୁ ଶାରୀରିକ ନିର୍ଯାତନା ଦେଇଥିଲେ। ଅଭିଯୁକ୍ତ ପୀଡିତାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ଅନେକ ଥର ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲା। ଏଫଆଇଆର ଦାୟର ହେବାର ଦୁଇ ଦିନ ପୂର୍ବରୁ, ଅଭିଯୁକ୍ତ ତାଙ୍କ ବେକକୁ ଚାପି ଶାରୀରିକ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ସେହି ସମୟରେ, ଅଭିଯୁକ୍ତଙ୍କ ବାପା ତାଙ୍କ ପୁଅକୁ ମଧ୍ୟ ତାଙ୍କୁ ମାରିଦେବାକୁ ଉସୁକାଇଥିଲେ। ପରିସ୍ଥିତିର ସୁଯୋଗ ନେଇ, ପୀଡିତା ଘରୁ ଖସି ପଳାଇବାରେ ସଫଳ ହୋଇଥିଲେ ଏବଂ ମଞ୍ଚେଶ୍ୱର ଥାନାରେ ଏନେଇ ଅଭିଯୋଗ ଦାଖଲ କରିଥିଲେ।

## ଗାଈକୁ ଧକ୍କା ଦେଇ ଓଲଟିଲା କାର୍

ଧଉଳି, ୯ା୯(ସମିସ): କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ସିଫା ମୁଖ୍ୟ ଗେଟ ନିକଟରେ ମଙ୍ଗଳବାର ରାତିରେ ଏକ ଗାଈକୁ ଧକ୍କା ଦେବାପରେ କାରଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଗାଈଟି ସାମାନ୍ୟ ଆହତ ହୋଇଥିବା ବେଳେ କାର ଚାଳକ ଗୁରୁତର ଆହତ ହୋଇଛି। କାର ଚାଳକଙ୍କ ପରିଚୟ ଜଣାପଡ଼ି ନ ଥିବା ବେଳେ ସେ ପୁରୁଣା ଭୁବନେଶ୍ୱର ଅଞ୍ଚଳର ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରନେବାରେ ଜଣାପଡ଼ିଛି ଏକ କାରଟି ପୁରୀରୁ ଭୁବନେଶ୍ୱର ଫେରୁଥିଲା। ରାତି ପ୍ରାୟ ୯ ଟାରେ ସିଫା ମେନ ଗେଟ ନିକଟରେ ଏକ ଗାଈ ଶୋଇଥିଲା। ମାତ୍ର ଚାଳକ ଏହା ଜାଣିନପାରି ଉକ୍ତ ଗାଈକୁ ଧକ୍କା ଦେଇଥିଲା। ଫଳରେ ଭାରସାମ୍ୟ ହରାଇ କାରଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବରପାଇ ଫାଣ୍ଡି ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ କାର୍ ଭିତରୁ ଚାଳକଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ଗାଈର ପ୍ରାଥମିକ ଚିକିତ୍ସା କରାଇଥିଲେ।

## ରାଜମିସ୍ତ୍ରିଙ୍କୁ ହତ୍ୟା ଘଟଣାରେ କମ୍ପ୍ୟୁଟର ଗିରଫ

ଧଉଳି, ୯ା୯(ସମିସ): ଧଉଳି ଥାନା ଅଧୀନ ଶିଶୁପାଳଗଡ଼ ଐତିହ୍ୟ ଫାଟକ ପାର୍ଶ୍ୱରେ ଗତମାସରେ ଶୌଚ ହେବାକୁ ନେଇ ଆକ୍ରମଣରେ ଜଣେ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଶିଶୁପାଳଗଡ଼ ଚମ୍ପତି ସାହିର ବିକ୍ରମ ଚମ୍ପତି ଓରଫ କମ୍ପ୍ୟୁଟର। ପୁଲିସ୍ ସୂତ୍ରରୁ ପ୍ରକାଶଯେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅଞ୍ଚଳର ପ୍ରଦୀପ ଦେବନାଥ ଶିଶୁପାଳଗଡ଼ ଅଞ୍ଚଳରେ ରହି ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଗତମାସ ୨୫ ତାରିଖ ରାତିରେ ଶିଶୁପାଳଗଡ଼ ଐତିହ୍ୟ ତୋରଣ ନିକଟରେ ଶୌଚ ହେଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ କମ୍ପ୍ୟୁଟର ସମେତ କିଛି ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ କମ୍ପ୍ୟୁଟର ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲା। ଯାହାଦ୍ୱାରା ତାଙ୍କ ମୁଣ୍ଡ ଓ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପ୍ରଦୀପକୁ ସାଥୀ ଶ୍ରମିକ ମାନେ ପ୍ରଥମେ ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ। ସେଠାରୁ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଯାଇଥିଲେ। ମାତ୍ର ଗତ ୬ ତାରିଖରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା।



## ନିଶାରାଣୀଙ୍କ ଘରେ ବୁଲିଲା ବୁଲ୍‌ଡୋଜର୍



ଭୁବନେଶ୍ୱର, ୯ା୯(ସମିସ): ନିଶାରାଣୀଙ୍କ ଘର ଭାଙ୍ଗିଲା ପୁଲିସ। ଅପରେସନ ପ୍ରହାରରେ ଥରହର ନିଶା ବେପାରୀ। ଗଞ୍ଜେଇ ମାଫିଆଙ୍କ ଘରେ ପୁଲିସ ବୁଲାଇଲା ବୁଲଡୋଜର୍। ମାଟିରେ ମିଶିଲା ଗଞ୍ଜେଇ ମାଫିଆଙ୍କ ଘର। ଜେସିବି ଲଗାଇ ଭାଙ୍ଗିଲା ନୂଆପଲ୍ଲୀ ଥାନା ପୁଲିସ। ସ୍କୁଲ ଆଉ ମାର୍କେଟ ମଝିରେ ଦୋକାନ କରି ବିକୁଥିଲା ଗଞ୍ଜେଇ ପୁଡିଆ ଓ ଗଞ୍ଜେଇ ସିଗାରେଟ୍। କିଛି ଦିନ ତଳେ କୁଖ୍ୟାତ ନିଶା ମାଫିଆ ସାବିତ୍ରୀ ବେହେରାକୁ ପୁଲିସ ଗିରଫ କରିଥିବା ବେଳେ ତା ନିକଟରୁ କେଜିଏରୁ ଅଧିକ ଗଞ୍ଜେଇ ଜବତ ହୋଇଥିଲା। ଇନ୍ଦ୍ରଧନୁ ମାର୍କେଟ ଅଞ୍ଚଳରେ ଚଳାଇଥିଲା ନିଶା କାରବାର। ସାବିତ୍ରୀ ପୂର୍ବରୁ ନିଶା କାରବାର କରି ଗିରଫ ହୋଇ ଜେଲ୍ ଯାଇଥିଲେ ମଧ୍ୟ ଜେଲରୁ ଫେରି ଚଳାଇଥିଲା ନିଶା ସାମ୍ରାଜ୍ୟ। ଗତ ୭ଦିନ ମଧ୍ୟରେ କମିଶନରେଟ୍ ପୁଲିସର ଅପରେସନ ପ୍ରହାରକୁ ମିଳିଛି ବଡ଼ ସଫଳତା। କମିଶନରେଟ୍ ପୁଲିସର ବିଭିନ୍ନ ଥାନାରେ ୧୩ଟି ମାମଲା ରୁଜୁ ହେବା ସହ ୧୯ ଜଣ ନିଶା ମାଫିଆଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ। କେବଳ ବ୍ରାଉନସୁଗାର ବିକ୍ରି ମାମଲାରେ ୩ ଜଣ ନିଶା ମାଫିଆ ଗିରଫ ହେବା ସହ ୫୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ୮୧ ହଜାର ନଗଦ ଟଙ୍କା ଜବତ ହୋଇଥିବା ବେଳେ ଦୁଇଟି ମୋବାଇଲ ଏବଂ ଗୋଟିଏ ଗାଡି ଜବତ କରିଛି ପୁଲିସ। ସେହିଭଳି ୧୬ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ୨୬ କେଜି ୫୧୫ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ୩୦ ହଜାରରୁ ଅଧିକ ଟଙ୍କା ଶହ ଦୁଇଟି ମୋବାଇଲ ଏବଂ ଦୁଇଟି ଗାଡି ଜବତ କରିଛି ପୁଲିସ। ସେପଟେ ନିଶା ବେପାରୀ ଘର ଭଙ୍ଗା ଯାଉଥିବାରୁ ସରକାର ଓ ପ୍ରଶାସନର ପଦକ୍ଷେପକୁ ସ୍ୱାଗତ କରୁଛନ୍ତି ସ୍ଥାନୀୟ ଲୋକେ। ଏପରି ଆକ୍ସନ ଆଗକୁ ବଳବତ୍ତର ହେଲେ ନିଶା ବେପାର ସମ୍ପୂର୍ଣ୍ଣ କମିବ ବୋଲି ସ୍ଥାନୀୟ ସ୍କୁଲର ଶିକ୍ଷକ କହିଛନ୍ତି। କମିସନରେଟ୍ ପୁଲିସର ଏଭଳି ଏନଫୋର୍ସମେଣ୍ଟକୁ ନେଇ ନିଶା ବେପାରୀ ଭୟରେ। ଆଗକୁ ପାର୍ବଣ ଥିବାରୁ ନିଶା ବେପାରୀଙ୍କ ଘରେ ବୁଲଡୋଜର ଚଳାଇବା ପାଇଁ ତାଲିକା ପ୍ରସ୍ତୁତ କରିଛି କମିସନରେଟ୍ ପୁଲିସ।

### ମାମଲା କ୍ଲୋଜ୍‌ରେ ପୁଲିସ ବ୍ୟସ୍ତ

# ପୁଲିସବାବୁ ରାତି ଅନିଦ୍ରା; ଫଳଘର ଶୂନ

- ସିସିଟିଏନ୍‌ଏସ୍ ର୍‍ୟାଙ୍କିଙ୍ଗ୍‌ରେ ୧୫ରେ କମିସନରେଟ୍ ପୁଲିସ
- କାମ କରୁଛନ୍ତି କମ୍; ମାମଲାତି ବେଶି

ଭୁବନେଶ୍ୱର, ୯ା୯(ସମିସ): ଗତ କିଛିମାସ ହେଲା କମିସନରେଟ୍ ପୁଲିସ ମାମଲା ଶେଷ(କ୍ଲୋଜିଂ)ରେ ମାତିଛି। ତଦନ୍ତ ଅଧିକାରୀ ରାତି ଅନିଦ୍ରା ହୋଇ ମଧ୍ୟ ମାମଲା କ୍ଲୋଜ୍‌ରେ ଲାଗିଛନ୍ତି। କିନ୍ତୁ ଏତେ ସବୁ ପରେ ବି କମିସନରେଟ୍ ପୁଲିସ ଫଳ ଶୂନ। ନିକଟରେ ପ୍ରକାଶ ପାଇଥିବା ସିସିଟିଏନଏସ୍ ର୍‍ୟାଙ୍କିଙ୍ଗ୍‌ରେ ମାମଲା କ୍ଲୋଜ୍‌ରେ ରାଜଧାନୀ ପୁଲିସ ୧୫ ନମ୍ବରରେ ରହିଛି। କେସ୍ କ୍ଲୋଜ୍‌ରେ ୧୫ ପ୍ରତିଶତରୁ ୧୦.୪୦ ପ୍ରତିଶତ ରହିଛି। ସବୁ ମାର୍କ ହିସାବ କଲେ ରାଜଧାନୀ ପୁଲିସ ୮୨.୫୪ରେ ରହିଛି। ବଡ଼ କଥା ହେଲା ବାହାଦୂରୀ ମାରୁଥିବା କମିସନରେଟ୍ ପୁଲିସ ଉପାନ୍ତ ଅଞ୍ଚଳ ଠାରୁ ଢେର ପଛରେ ପଡ଼ିବା ନିଜର ପାରିବା ପଣିଆ ପଦାରେ ପକାଇ ଦେଇଛି। ଏଠାରେ ମାନବ ସମ୍ବଳ ଅନ୍ୟ ପୁଲିସ ଜିଲ୍ଲା ଠାରୁ ଅଧିକ ଥିବା ବେଳେ ସେମାନେ ସଠିକ୍ ସମୟରେ ମାମଲା କ୍ଲୋଜ୍ କରି ଦେଉଛନ୍ତି। କିନ୍ତୁ ରାଜଧାନୀ ପୁଲିସରେ ମାନବ ସମ୍ବଳ ଢେର ଅଧିକ ରହିଛି। କିନ୍ତୁ ସଠିକ୍ ସମୟରେ ମାମଲା କ୍ଲୋଜ୍ କରିବାରେ ବିଫଳ ହୋଇଛି। ସିସିଟିଏନଏସ୍‌ରେ ନୂଆପଡ଼ା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଟକ ପୁଲିସ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ମାମଲା ଶେଷ କରିବାରେ ନୂଆପଡ଼ା ପୁଲିସ ୧୫ ପ୍ରତିଶତରୁ ୧୨.୧୭ ରଖିଥିବା ବେଳେ କଟକ ପୁଲିସ୧୧.୩୯ ରହିଛି। ସେହିପରି ତୃତୀୟରେ କଟକ ଗ୍ରାମାଞ୍ଚଳ ପୁଲିସ ୧୧.୧୩ ରଖିଥିବା ବେଳେ ଚତୁର୍ଥରେ ଅନୁଗୁଳ ପୁଲିସ ୧୨.୬ ରଖିଛି। ପଞ୍ଚମ ସ୍ଥାନରେ ରାୟଗଡ଼ା ପୁଲିସ ୧୧.୩୮ ମାର୍କ ରଖିଥିବା ବେଳେ ଷଷ୍ଠ ସ୍ଥାନରେ ଝାରସୁଗୁଡ଼ା ପୁଲିସ ୧୧.୨୪ ରଖିଛି। ଏହାପରେ ସପ୍ତମରେ ସମ୍ବଲପୁର ପୁଲିସ ଥିବା ବେଳେ ଅଷ୍ଟମରେ ଢେଙ୍କାନାଳ ରହିଛି। ନବମରେ ଗଞ୍ଜାମ ପୁଲିସ ଥିବା ବେଳେ ଦଶମରେ କନ୍ଧମାଳ ପୁଲିସ ରହିଛି।

ରାଜଧାନୀରେ ଅନେକ ପୁଲିସ ଅଫିସ୍‌ର ଦିର୍ଘଦିନ ହେବ ଗାଦି ମାଡ଼ି ବସି ରହିଛନ୍ତି। ସେମାନେ ମାମଲାର ତଦନ୍ତ କମ୍ କରୁଛନ୍ତି, କେବଳ କେଉଁ ଥାନା ଅଧିକାରୀ କଣ କରୁଛି, କିଏ ତାଙ୍କ କଥା ମାନୁନି। କାହାକୁ ବଦଳି କରାଯିବ, ଆଦି ରାଜିନିତି କରୁଛନ୍ତି। ସେମାନେ କେବଳ ସରକାର ରାଜକୋଷରୁ ଟଙ୍କା ବରବାଦ କରୁଛନ୍ତି। ନା ସେମାନେ ତଦନ୍ତରେ ସହଯୋଗ କରୁଛନ୍ତି, ନା ମାମଲାର ସୁପରିଭିଜନ କରୁଛନ୍ତି। ନିଜର ଗାଦି କିଭଳି ସୁରକ୍ଷିତ ରହିବ, ସେଥିଲାଗି ବଡ଼ ବାବୁଙ୍କ ଘର ସେବକ ହୋଇଯାଇଛନ୍ତି। ବଡ଼ ଅଧିକାରୀ ସେମାନଙ୍କ ଯାହା କହିଲେ ସେମାନେ ମାନି ନେଇଯାଉଛନ୍ତି। ସେମାନେ ଏଠାରେ ୧୨ରୁ ଅଧିକ ବର୍ଷ ପଡ଼ି ରହିଥିବାରୁ ନିଜର ସ୍ଥିତି ସେମାନେ ଜାହିର କରୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ସିସିଟିଏନ୍‌ଏସ୍ ର୍‍ୟାଙ୍କିଙ୍ଗରେ ରାଜଧାନୀ ପୁଲିସ ପଛରେ ପଡ଼ିଲେ ସେମାନଙ୍କୁ କିଛି ଫରକ ପଡୁନି।

ତଦନ୍ତରେ ମୁଖ୍ୟ ଭୂମିକା ଗ୍ରହଣ କରେ ମେଡ଼ିକାଲର ରିପୋର୍ଟ। ଏହି ରିପୋର୍ଟ ହସ୍ପିଟାଲ କର୍ତ୍ତୃପକ୍ଷ ପୁଲିସକୁ ଏମ୍‌ଏଲ୍‌ଓଏସ୍'ରେ ପଠାଇବେ। ସବୁ କିଛି ଅନ୍‌ଲାଇନ୍ ବ୍ୟବସ୍ଥାରେ ହେବ। ତାହା ପୁଲିସ ସିସିଟିଏନ୍‌ଏସ୍ ମାଧ୍ୟମରେ। କିନ୍ତୁ ଅନ୍ୟ ଜିଲ୍ଲା ପୁଲିସ ଅନ୍‌ଲାଇନ୍‌ରେ କରୁଥିବା ବେଳେ କମିସନରେଟ୍ ପୁଲିସ ଏଥିରେ ପଛରେ ପଡ଼ିଛି। କାରଣ ମେଡ଼ିକାଲ ରିପୋର୍ଟ ପାଇବା ପାଇଁ ଥାନା କର୍ମଚାରୀ ହସ୍ପିଟାଲକୁ ଯାଇ ପଡ଼ି ରହୁଛନ୍ତି। ବହୁ ଥର ଯିବା ପରେ ତାଙ୍କୁ ମେଡ଼ିକାଲ ରିପୋର୍ଟ ମିଳୁଛି। ଫଳରେ ତଦନ୍ତରେ ବ୍ୟାଘାତ ହେବା ସହ ଅପରାଧୀ ଖସିଯିବାର ଆଶଙ୍କା ରହିଛି। କମିଶନରେଟ୍ ପୁଲିସ ଏହି ଏମ୍‌ଏଲ୍‌ଓଏସ୍'ରେ ୪.୦୫ ମାର୍କ ପାଇଛି। ଯାହାକି ଅତ୍ୟନ୍ତ ନିମ୍ନ ମାନର। ତେଣୁ ପୁଲିସ ଏହି ଅନ୍‌ଲାଇନ୍ ମାଧ୍ୟମରେ ମେଡିକାଲ ରିପୋର୍ଟ ଦିଆଗଲେ ତଦନ୍ତରେ ସହଜ ହେବ। ସିସିଟିଏନ୍‌ଏସ୍ ର୍‍ୟାଙ୍କିଙ୍ଗ୍‌କୁ ଦେଖି ଡିସିପି ଥାନା ଅଧିକାରୀମାନଙ୍କୁ ତାଗିଦ କରିଛନ୍ତି। କିପରି ଏହି ମାର୍କରେ ଆଗକୁ ବଢ଼ିବେ ସେନେଇ ଗୁରୁମନ୍ତ୍ରୀ ଦେଇଛନ୍ତି। ହେଲେ ପୂର୍ବରୁ ମଧ୍ୟ ଏଭଳି କଡ଼ା ତାଗିଦ କରାଯାଇଥିଲେ ମଧ୍ୟ ସ୍ଥିତି ସୁଧୁରିବା ବଦଳରେ ର୍‍ୟାଙ୍କିଙ୍ଗ୍‌ରେ ପୁଲିସ ତଳକୁ ତଳକୁ ଯାଉଛି। ତେଣୁ ଏଥିରୁ ସ୍ପଷ୍ଟ ହୋଇଛି ପୁଲିସ ନିଜର କମା ସଠିକ୍ ରୂପେ କରୁନାହନ୍ତି। ନା ତଦନ୍ତ ଶେଷ କରି ପାରୁନି, ନା ବଡ଼ ଅଧିକାରୀମାନେ ଠିକ୍ ଢଙ୍ଗରେ ସୁପରିଭିଜନ କରୁଛନ୍ତି। କେବଳ ନାମକୁ ମାତ୍ର ଥାନାକୁ ଆସି ଡ୍ୟୁଟି ସାରି ଘରକୁ ପଳାଉଛନ୍ତି।

# ରାଜ୍ୟର ୭ ସହରର ବାୟୁ ସ୍ୱଚ୍ଛ

**'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ' ପୁରସ୍କାର**

- ୩ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ଅନୁଗୋଳ ପୁରସ୍କୃତ
- ୧୦ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ଭୁବନେଶ୍ୱର, କଟକ, ରାଉରକେଲା ସ୍ଥାନିତ
- ତାଳଚେର, ବାଲେଶ୍ୱର, କଳିଙ୍ଗ ନଗର ବି ସାମିଲ



ଭୁବନେଶ୍ୱର,୯।୯(ସମିସ): ପ୍ରକାଶ ପାଇଛି 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ' ତାଲିକା ୨୦୨୫। ଏଥିରେ ବିଭିନ୍ନ ବର୍ଗରେ ରାଜ୍ୟର ୭ ସହର ସ୍ଥାନ ପାଇଛନ୍ତି। ୩ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ଓଡ଼ିଶାର ଅନୁଗୋଳ ସହର ପୁରସ୍କୃତ ହୋଇଛି। ଏଥିରେ ଅନୁଗୋଳ ସହର ୩ୟ ସ୍ଥାନରେ ରହିଛି। ଏହି ବର୍ଗରେ ତାଳଚେର ୪ର୍ଥ, ବାଲେଶ୍ୱର ୧୧ ଏବଂ କଳିଙ୍ଗ ନଗର ୧୯ତମ ସ୍ଥାନ ହାସଲ କରିଛି। ଅପରପକ୍ଷେ ୩-୧୦ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛ ବାୟୁ ପାଇଁ ଭୁବନେଶ୍ୱର, କଟକ ଏବଂ ରାଉରକେଲା ସହର ସ୍ଥାନିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଅଧୀନରେ ୧୩୦ଟି ସହରରେ ଏହି ସର୍ବେକ୍ଷଣ କରାଯାଇଥିଲା।

ମଙ୍ଗଳବାର ନୂଆଦିଲ୍ଲୀରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସହରଗୁଡ଼ିକୁ ପୁରସ୍କୃତ କରିଛନ୍ତି। ୩ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ରାଜ୍ୟର ଏକ ମାତ୍ର ସହର ଭାବେ ଅନୁଗୋଳ ସହର ପୁରସ୍କୃତ ହୋଇଛି। ସର୍ବେକ୍ଷଣରେ ଅନୁଗୁଳ ସହରକୁ ମୋଟ ୨୦୦ରୁ ୧୯୧ ଅଙ୍କ ମିଳିଥିଲା। ପୁରସ୍କାର ବାବଦ ସହରକୁ ୧୨.୫୦ ଲକ୍ଷ ଟଙ୍କା ମିଳିଛି। ସଡ଼କ ଭିତ୍ତିଭୂମି ଏବଂ ଜନ ସଚେତନତା କ୍ଷେତ୍ରରେ ଅନୁଗୋଳ ସହର ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏଥିରେ ମୋଟ ୩ଟି ବର୍ଗରେ ସହରଗୁଡ଼ିକୁ ଚୟନ କରାଯାଇଛି। ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ବର୍ଗରେ ଇନ୍ଦୋର ୨୦୦ରୁ ସମ୍ପୂର୍ଣ୍ଣ ୨୦୦ ଅଙ୍କ ହାସଲ କରି ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ବର୍ଗରେ ଜବଲପୁର ଦ୍ୱିତୀୟ ଏବଂ ଆଗ୍ରା ଓ ସୁରତ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ୩ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ଦେୱାସ୍ ଏବଂ ପରୱାନୁକୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ମିଳିଛି। ଅପରପକ୍ଷେ ୩-୧୦ ଲକ୍ଷରୁ କମ୍ ଜନସଂଖ୍ୟା ବର୍ଗରେ ସ୍ୱଚ୍ଛ ବାୟୁ ପାଇଁ ସହର ମଧ୍ୟରେ ଭୁବନେଶ୍ୱର ୪ର୍ଥ , କଟକ ୧୦ମ, ରାଉରକେଲା ୧୭ତମ ସ୍ଥାନରେ ରହିଛି। କାର୍ଯ୍ୟକ୍ରମରେ ସହରଗୁଡ଼ିକର ମେୟର, ଜିଲ୍ଲାପାଳ ଏବଂ ମହାନଗର ନିଗମ କମିଶନରମାନେ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

# ମକାଚାଷୀଙ୍କୁ ମାରି ଜଙ୍ଗଲରେ ପୋତିଥିଲେ

- ୨ଭାଇ ଗିରଫ, ଜଣେ ଫେରାର୍
- ପିତୃହତ୍ୟାର ପ୍ରତିଶୋଧ ନେଲେ ୩ ଭାଇ



ବୈପାରୀଗୁଡ଼ା, ୯।୯(ସମିସ): କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦଣ୍ଡାବାଡ଼ି ଗ୍ରାମର ନିଖୋଜ ମକା ଚାଷୀଙ୍କ ଗଳିତ ମୃତଦେହ ୧୦ଦିନ ପରେ ଆଜି କାଡ଼ାକୁଣ୍ଡ ଜଙ୍ଗଲରୁ ଉଦ୍ଧାର ହୋଇଛି। ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲରେ ପୋତି ଦେଇଥିଲେ। ମୃତ ଚାଷୀଜଣଙ୍କ ହେଲେ, ଦଣ୍ଡାବାଡ଼ି ଗାଁର ସମାରୁ ପୂଜାରୀ। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ, ହରିଚନ୍ଦ୍ର ଭୂମିଆ ଓ ଭୀମ ଭୂମିଆ। ଅନ୍ୟତମ ଅଭିଯୁକ୍ତ ସୋମନାଥ ଭୂମିଆ ଫେରାର୍ ହୋଇଯାଇଛି। ତାକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ କହିଛି। ପିତୃ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ୩ ଅଭିଯୁକ୍ତ ଭାଇ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ୍ କହିଛି। ସୂଚନାନୁଯାୟୀ, ଗତ ଅଗଷ୍ଟ ୨୯ ତାରିଖରୁ ସମାରୁ ନିଖୋଜ ଥିବା ନେଇ ପରିବାରଲୋକ ବୈପାରୀଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏନେଇ ନମ୍ବର ୧୯/୨୫ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତରୁ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଜମିବାଡ଼ିକୁ ନେଇ ସମାରୁଙ୍କ ସହ ଅଣ୍ଡରିଯୋଡ଼ି ଗାଁର ୩ ଭାଇ ହରିଚନ୍ଦ୍ର ଭୂମିଆ, ଭୀମ ଭୂମିଆ ଏବଂ ସୋମନାଥ ଭୂମିଆଙ୍କ ବିବାଦ ରହିଥିଲା। ଏପରିକି, ସେମାନେ ସମାରୁଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ମଧ୍ୟ ଦେଇଥିଲେ। ପୁଲିସ ସନ୍ଦେହରେ ହରିଚନ୍ଦ୍ର ଓ ଭୀମକୁ ଥାନାକୁ ଆଣି ପଚାରାଉଚରା କରିବାରୁ ସତ ପଦାକୁ ଆସିଥିଲା। ଗତ ଅଗଷ୍ଟ ୪ତାରିଖ ଦିନ ୩ ଅଭିଯୁକ୍ତଙ୍କ ବାପା ଧାନ ଭୂମିଆଙ୍କୁ କେହି ହତ୍ୟା କରିଥିଲା। ତେବେ ଏଥିରେ ସମାରୁଙ୍କ ହାତ ଥିବା ସନ୍ଦେହ କରି ସେମାନେ ସମାରୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଗତ ୨୯ ତାରିଖ ରାତି ପ୍ରାୟ ୧୧ଟାରେ ସେମାନେ ସମାରୁଙ୍କ ଘରେ ପଶି ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ତାଙ୍କ ଶବକୁ ୪କିମି ଦୂର କାଡ଼ାକୁଣ୍ଡ ଜଙ୍ଗଲକୁ ନେଇ ସେଠାରେ ପୋତି ଦେଇଥିଲେ।

# ମାଟି ଖୋଳି ଶିଶୁର ଶବ ବାହାର କଲା ପୁଲିସ୍

ମୋରଡ଼ା/ରାସଗୋବିନ୍ଦପୁର, ୯।୯ (ସମିସ): ରାସଗୋବିନ୍ଦପୁର ପୁଲିସ ମଙ୍ଗଳବାର ମାଟି ତଳୁ ଦେଢ଼ବର୍ଷର ଏକ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରିଛି। ମୃତ ଶିଶୁଟି ହେଲା, ନାକିଚୁଆ ପଞ୍ଚାୟତ ଭାଲୁଘେରା ଗ୍ରାମର ସମୀର ପାତ୍ରଙ୍କ ପୁଅ ବାପୁନ। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଦୁଇମାସ ତଳେ ସମୀରଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା। ସମୀର ପେଟପାଟଣା ପାଇଁ ବାହାରକୁ କାମ କରିବାକୁ ଯିବାରୁ ପୁଅ ବାପୁନକୁ ସମ୍ପର୍କୀୟ ମାମୁ ରଘୁ ବେସ୍ରାଙ୍କ ଘରେ ଛାଡ଼ିଥିଲେ। କିଛି ଦିନ ତଳେ ବାପୁନର ଦେହ ଅସୁସ୍ଥ ହୋଇଥିଲା। ରଘୁଙ୍କ ପରିବାରଲୋକେ ଔଷଧ ଆଣି ଦେଇଥିଲେ ମଧ୍ୟ ସୁସ୍ଥ ହୋଇନଥିଲା। ଗତ ୭ ତାରିଖରେ ଶିଶୁପୁତ୍ରର ମୃତ୍ୟୁ ଘଟିବାରୁ ରଘୁଙ୍କ ପରିବାର ତାକୁ ମାଟି ଖୋଳି ପୋତି ଦେଇଥିଲେ। କିନ୍ତୁ ଶିଶୁର ମୃତ୍ୟୁକୁ ନେଇ ସନ୍ଦେହ କରି ଖୁଣ୍ଟା ବ୍ଲକ୍ ଗୌଡ଼ଗାଁର ତାଙ୍କ ନିଜ ଅଜା ଅଜୟ କୁମାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଛି। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**କେନ୍ଦ୍ର ସରକାର ଓ ସୁପ୍ରିମକୋର୍ଟଙ୍କ କମିଟି ନିର୍ଦ୍ଦେଶକୁ ଅବମାନନା**

# ଗୋଲଡେନ୍ ଆୱାର୍‌ରେ ହସ୍ପିଟାଲରେ ପହଞ୍ଚି ପାରୁନାହାନ୍ତି ଦୁର୍ଘଟଣାଗ୍ରସ୍ତ

**ଗୋଟିଏ ପୋର୍ଟାଲରେ ସରକାରୀ ଓ ବେସରକାରୀ ଆମ୍ବୁଲାନ୍ସ ଯୋଡ଼ିବାକୁ ଦାବି**

ଭୁବନେଶ୍ୱର, ୯।୯ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତାହତ ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଗୋଲ୍ଡେନ୍ ଆୱାର୍ (ଦୁର୍ଘଟଣାର ଘଣ୍ଟାକ ମଧ୍ୟରେ) ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ଦୁଇ ବର୍ଷ ତଳେ କେନ୍ଦ୍ର ସରକାରଙ୍କ ଭୂ-ପୃଷ୍ଠ ପରିବହନ ମନ୍ତ୍ରଣାଳୟ ବିଭିନ୍ନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଚ୍ଚତମ ନ୍ୟାୟାଳୟ ପକ୍ଷରୁ ଗଠନ କରାଯାଇଥିବା ସଡ଼କ ସୁରକ୍ଷା ଅନୁଧ୍ୟାନ କମିଟି ପକ୍ଷରୁ ମଧ୍ୟ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହା ସତ୍ତ୍ୱେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ପଛଘୁଞ୍ଚା ଦେଉଛନ୍ତି। ଫଳରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଅନେକ ଦୁର୍ଘଟଣାଜନିତ ମୃତ୍ୟୁକୁ ରୋକାଯାଇପାରୁନାହିଁ।

ରାଜ୍ୟ ସଡ଼କ ସୁରକ୍ଷା ବିଶେଷଜ୍ଞ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଏ ସଂପର୍କରେ ମୁଖ୍ୟ ଶାସନ ସଚିବ, ପରିବହନ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଏକ ପତ୍ର ଲେଖି ଏ ବିଷୟରେ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଚିଠିରେ ସେ ଦର୍ଶାଇଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଠିକ୍ ସମୟରେ ଡାକ୍ତରଖାନାକୁ ପଠା ଯାଇପାରୁନାହିଁ। ଭୁବନେଶ୍ୱର-କଟକ ଭଳି ଜାଗାରେ ଦୁର୍ଘଟଣା ସଂଘଟିତ ହେବାର ଗୋଟିଏ ଦିନ ପରେ ମଧ୍ୟ ୧୦୮ ରେ ଏହି ସୁବିଧା ଉପଲବ୍ଧ ହୋଇପାରୁନାହିଁ। ମାନବିକତା ଦୃଷ୍ଟିକୋଣରୁ ରାଜ୍ୟ ସରକାର ତୁରନ୍ତ ଗୋଟିଏ ପୋର୍ଟାଲରେ ସରକାରୀ ସେବା ଓ ଘରୋଇ ଆମ୍ବୁଲାନସ୍ ସେବାକୁ ଯୋଡ଼ିବା ସହ ବେସରକାରୀ ଆମ୍ବୁଲାନସ୍ ସେବା ଗ୍ରହଣ କରୁଥିବା କ୍ଷତିଗ୍ରସ୍ତ ଲୋକଙ୍କୁ ଯାତାୟାତ ଖର୍ଚ୍ଚ ପ୍ରଦାନ କରିବାକୁ ଚିଠିରେ ଦର୍ଶାଯାଇଛି। ଗୋଲଡେନ୍ ଆୱାର୍‌ରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସରକାରୀ ଚିକିତ୍ସାଳୟ ସହ ଯେଉଁ ସବୁ ବେସରକାରୀ ଚିକିତ୍ସାଳୟ ୪୮ ଘଣ୍ଟା ପାଇଁ ନିଃଶୁଳ୍କ ସେବା ପ୍ରଦାନ କରିବା ପାଇଁ ଅନୁମୋଦିତ ହୋଇଛନ୍ତି, ସେହି ବେସରକାରୀ ସଂସ୍ଥାକୁ ମଧ୍ୟ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ପଠାଇବାର ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଛନ୍ତି। ରାଜ୍ୟରେ ନିଃଶୁଳ୍କ ସେବା ଯୋଗାଉଥିବା ସମସ୍ତ ବେସରକାରୀ ହସ୍‌ପିଟାଲର ନମ୍ବର ସାଧାରଣରେ ପ୍ରକାଶ କରିବା ଓ ସମସ୍ତ ସରକାରୀ ହସ୍‌ପିଟାଲ, ବେସରକାରୀ ହସ୍‌ପିଟାଲ ଓ ଥାନା ସମ୍ମୁଖରେ ଆବଶ୍ୟକ ବୋର୍ଡ ମାରି ଏହାର ପ୍ରଚାରପ୍ରସାର କରିବାକୁ ଆଇନଜୀବୀ ଶ୍ରୀ ନନ୍ଦ ଅନୁରୋଧ କରିଛନ୍ତି। ଏହି ବ୍ୟବସ୍ଥା ପ୍ରଚଳନ ହେଲେ ରାଜ୍ୟରେ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଲୋକଙ୍କ ସଂଖ୍ୟା ୩୦ପ୍ରତିଶତ କମିଯିବ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଜାମିନ ପ୍ରଦାନରେ କଠିନ ସର୍ତ୍ତ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରିଥାଏ : ହାଇକୋର୍ଟ

କଟକ, ୯।୯(ସମିସ): ଜଣେ ଅଭିଯୁକ୍ତକୁ ଜାମିନ ଦେବା ବେଳେ ତାଙ୍କର ପରିବାର ପରିଜନର ଜଣଙ୍କୁ ଜାମିନଦାର ଭାବେ ରଖିବା ଭଳି କଠିନ ସର୍ତ୍ତାରୋପ ଜାମିନ ପ୍ରଦାନର ଉଦ୍ଦେଶ୍ୟକୁ ବିଫଳ କରିଥାଏ ବୋଲି କହିଛନ୍ତି ହାଇକୋର୍ଟ। ନିମ୍ନ ଅଦାଲତଙ୍କ ଦ୍ୱାରା ଏଭଳି ଏକ ସର୍ତ୍ତକୁ ଚାଲେଞ୍ଜ କରି ରୁଜୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜାମିନ ପାଇବା ସତ୍ତ୍ୱେ ଅଭିଯୁକ୍ତ ଜାମିନ ସର୍ତ୍ତ ପାଳନ କରି ହାଜତରୁ ମୁକୁଳିବା ଅସମ୍ଭବ ହୋଇଥାଏ। ଆଇନର ଅନୁମୋଦନ ବିନା ଏଭଳି ସର୍ତ୍ତ ରଖିବା ଅଭିଯୁକ୍ତଙ୍କୁ ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରିବ ବୋଲି ହାଇକୋର୍ଟ ଏହି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଜାମିନ ସର୍ତ୍ତକୁ କୋହଳ କରିଛନ୍ତି ଅଦାଲତ। କଳାହାଣ୍ଡି ଦୌରା ଅଦାଲତଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏକ କଠିନ ଜାମିନ ସର୍ତ୍ତକୁ ଆବେଦନକାରୀ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ଅଭିଯୁକ୍ତ-ଆବେଦନକାରୀଙ୍କୁ ଅଦାଲତ ଦୁଇଜଣ ସ୍ଥାୟୀ ଜାମିନଦାର ଦାଖଲ କରିବାକୁ କହିଥିଲେ, ଯେଉଁମାନଙ୍କ ମଧ୍ୟରୁ ଜଣେ ତାଙ୍କର ସମ୍ପର୍କୀୟ/ପରିଜନ ହେବା ଆବଶ୍ୟକ ବୋଲି ସର୍ତ୍ତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଏପରି ସର୍ତ୍ତ ପାଳନ କରିବା କଷ୍ଟକର ଏବଂ ଏହି କାରଣରୁ ଜାମିନ ମଞ୍ଜୁର ହେବା ପରେ ମଧ୍ୟ ତାଙ୍କୁ ହାଜତରୁ ମୁକ୍ତ ହୋଇପାରିବେ ନାହିଁ। ନିମ୍ନ ଅଦାଲତ ଦ୍ୱାରା ଲାଗୁ କରାଯାଇଥିବା ଏପରି ଅସାଧାରଣ ପ୍ରତିବନ୍ଧକକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ଜାମିନ ପାଇଁ ସର୍ତ୍ତାବଳୀ ଲଗାଇବାର ଉଦ୍ଦେଶ୍ୟ ହେଉଛି, ଅଭିଯୁକ୍ତଙ୍କ ଉପସ୍ଥିତି ସୁନିଶ୍ଚିତ କରିବା କିନ୍ତୁ ତାଙ୍କ ସ୍ୱାଧୀନତାକୁ ହ୍ରାସ କରିବା ନୁହେଁ। ତେଣୁ, ଯେତେବେଳେ ଦୁଇଜଣ ଜାମିନଦାରଙ୍କ ପ୍ରଦାନ କରିବାର ସର୍ତ୍ତାବଳୀ ପୂର୍ବରୁ ଲାଗୁ କରାଯାଇଥିଲା, ସେତେବେଳେ ଅଭିଯୁକ୍ତଙ୍କ ସମ୍ପର୍କୀୟ ଜଣେ ଜାମିନଦାରଙ୍କ ପାଇଁ ସର୍ତ୍ତାରୋପର କୌଣସି ଆବଶ୍ୟକତା ନଥିଲା ବୋଲି ହାଇକୋର୍ଟ କହିଛନ୍ତି।

**ଚିକିତ୍ସା ଅବହେଳାରୁ ଆଶ୍ରମ ସ୍କୁଲ ହଷ୍ଟେଲ ଅନ୍ତେବାସୀଙ୍କ ମୃତ୍ୟୁ ପ୍ରସଙ୍ଗ**

# ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କଟକ, ୯।୯(ସମିସ): ରାୟଗଡ଼ା ଜିଲ୍ଲା ଦୁର୍ଗପଡୁ ଆଶ୍ରମ ସ୍କୁଲ ହଷ୍ଟେଲରେ ରହୁଥିବା ଷଷ୍ଠ ଶ୍ରେଣୀ ଅନ୍ତେବାସୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚଆରସି)। ମୃତ ଛାତ୍ରୀଙ୍କ ବାପା ମହେନ୍ଦ୍ର ମାଣ୍ଡାଙ୍ଗିଙ୍କୁ ତିନି ମାସ ଭିତରେ ୮ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି ଓଏଚଆରସି କହିଛନ୍ତି। କମିସନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କ୍ଷତିପୂରଣ ରାଶି ଅର୍ଥ ଏକ ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା କରାଯାଇ ଏହାର ସୁଧ ଟଙ୍କା ପ୍ରତି ତିନି ମାସରେ ମହେନ୍ଦ୍ରଙ୍କୁ ପ୍ରଦାନ କରାଯିବ।

ସେହିଭଳି ରାୟଗଡ଼ା ଜିଲ୍ଲାପାଳଙ୍କ ୨୦୨୫, ମାର୍ଚ୍ଚ ୨୬ର ରିପୋର୍ଟ ଅନୁସାରେ କର୍ତ୍ତବ୍ୟରେ ଅବହେଳା ପାଇଁ ସଂପୃକ୍ତ ଆଶ୍ରମ ସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଏସ୍. ଅନୀଲ କୁମାର ଓ ହଷ୍ଟେଲର ସହକାରୀ ଅଧୀକ୍ଷକ ଜି. ଶବରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଭଳି ସ୍ଥିତିରେ ସରକାର ଚାହିଁଲେ ଦାୟୀ ବ୍ୟକ୍ତିଙ୍କ ନିକଟରୁ କ୍ଷତିପୂରଣ ରାଶି ଭରଣା କରିପାରିବେ ବୋଲି କମିସନ୍ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ମ୍ୟାଲେରିଆରେ ପୀଡ଼ିତ ଛାତ୍ରୀଜଣଙ୍କୁ ଉପଯୁକ୍ତ ଚିକିତ୍ସା ହଷ୍ଟେଲରେ ପ୍ରଦାନ କରାଯାଇନଥିଲା କି ଡାକ୍ତରଖାନାରେ ଭର୍ତ୍ତି କରିବାକୁ କିଛି ପଦକ୍ଷେପ ନିଆଯାଇନଥିଲା। ପରେ ଛାତ୍ରୀଙ୍କୁ ତାଙ୍କ ଘରେ ଛାଡ଼ି ଦିଆଯାଇଥିଲା। ଶେଷରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ମାନବାଧିକାର କର୍ମୀ ଶ୍ରୀ ଦାସ କମିସନଙ୍କ ନିକଟରେ ମାମଲା ରୁଜୁ କରିଥିଲେ।

# ପଞ୍ଚଭୂତରେ ଲୀନ ରାଜେନ୍ଦ୍ର ଢୋଲକିଆ

- ଅଶ୍ରୁଳ ଶ୍ରଦ୍ଧାଞ୍ଜଳିରେ ବିଦାୟ ଦେଲେ ଜିଲ୍ଲାବାସୀ
- ଶୋଭାଯାତ୍ରାରେ ଦୁଇ ସହର ପରିକ୍ରମା କଲା ମରଶରୀର



ନୂଆପଡ଼ା, ୯।୯ (ସମିସ): ପଶ୍ଚିମ ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ବିଜେଡି ନେତା, ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ତଥା ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି। ହଜାର ହଜାର ଶୁଭେଚ୍ଛୁଙ୍କ ଗହଣରେ ଖରିଆରରୋଡ଼୍‌ଠାରେ ଆଜି ତାଙ୍କର ଅନ୍ତିମ ସଂସ୍କାର ସଂପନ୍ନ ହୋଇଛି। ସ୍ୱର୍ଗତ ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ମୁଖାଗ୍ନି ଦେଇଛନ୍ତି।

ଆଜି ପୂର୍ବାହ୍ନରେ ଚେନ୍ନାଇରୁ ଏକ ସ୍ୱତନ୍ତ୍ର ବିମାନରେ ତାଙ୍କ ଶବ ରାୟପୁରରେ ପହଞ୍ଚିଥିଲା। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଟେମରିଗେଟ୍ ନିକଟରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ, ଏସ୍‌ପି ଅପ୍ରିତପାଲ ସିଂ ଶ୍ରଦ୍ଧାଞ୍ଜଳି ଦେବା ପରେ ମରଶରୀରକୁ ଏକ ରଥରେ ସଜ୍ଜିତ କରି ଶୋଭାଯାତ୍ରାରେ ନିଆଯାଇଥିଲା। ଏହାକୁ ସୀମାନ୍ତରେ ବିଜେଡି ତରଫରୁ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ, ବର୍ଷା ସିଂ ବରିହା, କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଲମ୍ବୋଦର ନିଆଲ, ବିଜେପିର ପୂର୍ବତନ ଖଡିଆଳ ବିଧାୟକ ହିତେଶ କୁମାର ବଗର୍ତିଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ମରଶରୀରକୁ ନୂଆପଡ଼ା ଏବଂ ଖରିଆରରୋଡ୍ ସହରରେ ପରିକ୍ରମା କରାଯିବା ପରେ ଖରିଆରରୋଡ୍‌ସ୍ଥିତ ତାଙ୍କର ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ଜିଲ୍ଲା ପ୍ରଶାସନ ତରଫରୁ ଗାର୍ଡ ଅଫ୍ ଅନର୍ ଦିଆଯିବା ପରେ ତାଙ୍କର ଅନ୍ତିମ ସଂସ୍କାର ସଂପନ୍ନ ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ମଲ୍ଲିକ, ରୀତା ସାହୁ, ଦେବୀ ପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ରଜନୀ କାନ୍ତ ସିଂ, ପୁଷ୍ପେନ୍ଦ୍ର ସିଂ, ଆୟୁବ ଖାଁ, ବିଜୟ ମହାନ୍ତି, ସୌଭାଗ୍ୟ ବେହେରା, ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ, ଦେବେଶ ଆଚାର୍ଯ୍ୟ, ଦେବଗଡ଼ବିଧାୟକ ରଞ୍ଜନ ବିଶ୍ୱାଳ, ଗୁରୁକୁଳର ବ୍ରତାନନ୍ଦ ସରସ୍ୱତୀ, ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, କାର୍ତ୍ତିକ ଦୀପ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଧନୀରାମ ସାହୁ, ତାରେଶ୍ୱରୀ ସାହୁ,ପ୍ରେମ ସାହୁ, ସନ୍ଦୀପ ଶର୍ମା, ଗୋଲଡି ଅଗ୍ରୱାଲ, ସୋନିଆ ଜୈନ, ଅନସୂୟା କୁମ୍ଭାର, ବଣ୍ଟି ଡାଗା, ରାମଲାଲ ହଂସ, ଶେଖର ଜୈନ, ରବି ବାଗ ପ୍ରମୁଖ ଯୋଗ ଦେଇଥିଲେ।

**ଭାସ୍କର ରାଓ ଓ ହିମିରିକାଙ୍କ ଇସ୍ତଫା ପ୍ରସଙ୍ଗ**

# ସଂଗଠନ ଉପରେ ପ୍ରଭାବ ପଡ଼ିବନି: ବିଜେଡି


- ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସୁଦୃଢ଼ ରହିଛି
- ଭାସ୍କର ରାଓଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ



ଭୁବନେଶ୍ୱର,୯।୯(ସମିସ): ଏନ୍. ଭାସ୍କର ରାଓ, ଲାଲବିହାରୀ ହିମିରିକା ଓ ରାୟଗଡ଼ା ଜିଲ୍ଲାର ବିଜେଡିର କିଛି କର୍ମକର୍ତ୍ତା ମଙ୍ଗଳବାର ଦଳରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ଏହାଦ୍ୱାରା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବିଜୁ ଜନତା ଦଳ କହିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ସଂଗଠନ ରାଜ୍ୟରେ ସୁଦୃଢ଼ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ବୋଲି ଦଳ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଏହି ନେତାମାନଙ୍କର ଇସ୍ତଫା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ସେହିପରି, ଦଳରେ ନିଷ୍ପତ୍ତି କିଏ ନେଉଛନ୍ତି ବୋଲି ଶ୍ରୀ ରାଓ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯଦି ଶ୍ରୀ ରାଓ ଦଳରେ କିଏ ନିଷ୍ପତ୍ତି ନେଉଛନ୍ତି ବୋଲି ଜାଣିପାରୁନାହାନ୍ତି, ତାହେଲେ ବିଭିନ୍ନ ପଦପଦବୀରେ ରହି ଲମ୍ବା ସମୟ ରହି କିଭଳି କାର୍ଯ୍ୟ କରୁଥିଲେ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ଶ୍ରୀ ରାଓଙ୍କୁ ଦଳ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାକୁ ସୁଯୋଗ ଦେବା ସହ ତାଙ୍କୁ ରାଜ୍ୟସଭା ସାଂସଦ କରାଇଥିଲା। ଦଳ ତାଙ୍କୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥିବା ସତ୍ତ୍ୱେ ସେ ଦଳ ଛାଡ଼ିବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ବିଜେଡି ଶାସନ ଦାୟିତ୍ୱରେ ଥିବା ସମୟରେ ସେ ଦଳର ବିଭିନ୍ନ ଦାୟିତ୍ୱରେ ଥିଲେ। ଆଜି ବିରୋଧୀ ଦଳ ଭାବେ ବିଜେଡି ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ସେ ଦଳ ଛାଡ଼ିଛନ୍ତି। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସୁଦୃଢ଼ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ବିପଦ ସମୟରେ ଆହା କହୁଥିବା ବ୍ୟକ୍ତି ରକ୍ତ ସମ୍ପର୍କଠୁ ବି ଅଧିକ ନିଜର: ପ୍ରଭାତୀ



ଭୁବନେଶ୍ୱର, ୯।୯ (ସମିସ): ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ଦେଶର ମହିଳାମାନଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିପଦ ସମୟରେ ଆହା କହୁଥିବା ବ୍ୟକ୍ତିଟି ରକ୍ତ ସମ୍ପର୍କ ଠାରୁ ବି ଅଧିକ ନିଜର ବୋଲି ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ପ୍ରଚେଷ୍ଟାରେ ପ୍ରତି ଜିଲ୍ଲାରେ ୫ ଜଣ ନିଃସହାୟ ମହିଳାଙ୍କ ଜୀବନରେ ନୂତନ ଉର୍ଜା ଓ ଉତ୍ସାହ ଆଣନ୍ତୁ ବୋଲି ସେ ଆହ୍ୱାନ ଦେବା ସହ ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ମହିଳାକେନ୍ଦ୍ରିକ ଅର୍ଥନୀତି ଓ ମହିଳା କେନ୍ଦ୍ରିକ ବିକଶିତ ଓଡ଼ିଶାର ପ୍ରାଥମିକତା ବୋଲି ସେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗ ପ୍ରମୁଖ ଶାସନସଚିବ ଶୁଭା ଶର୍ମା ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ସେହିପରି ଶୁଭା ଶର୍ମା, ମୋନିଷା ବାନାର୍ଜୀ, ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଅଧିକାରୀଙ୍କ ସହ ପ୍ରତି ଜିଲ୍ଲାର ଶକ୍ତି ସଦନ, ୱାନ ଷ୍ଟପ୍ ସେଣ୍ଟର, ପୋଲିସ ପ୍ରଶାସନିକ, ସୁରକ୍ଷା ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୮୦ ଜଣ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ମାନସୀ ପାଢ଼ୀ ଆଇନଗତ ଢାଞ୍ଚା ଏବଂ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଡିଆଇଆର୍ ଦାଖଲ, ଯୌତୁକ ନିଷେଧ ଆଇନର ସାରାଂଶ, ମୁଖ୍ୟ ବ୍ୟବସ୍ଥା ଏବଂ ଦଣ୍ଡ ବିଧାନ ସମ୍ବନ୍ଧରେ, ଆଇନର ଅଭିଯୋଗ ପରିଚାଳନା ଉପରେ ବିଭିନ୍ନ ଅଧିବେଶନରେ ଆଲୋଚନା କରିଥିଲେ। ଶେଷରେ ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆତ୍ମସମର୍ପଣ କଲେ ୭ ଫେରାର ଶିକାରୀ

ବାରିପଦା, ୯।୯(ସମିସ): ବନ୍ୟଜନ୍ତୁ ଶିକାର ଘଟଣାରେ ଜଡ଼ିତ ୭ଜଣ ଫେରାର୍ ଶିକାରୀ ଆଜି ବନବିଭାଗ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଶରତ ଥାନା ଅନ୍ତର୍ଗତ କାଟୁରିଆ ଗ୍ରାମର ଚମ୍ପାଇ ସିଂ, ପ୍ରଧାନ ସିଂ, କର ସିଂ, କନ୍ଦ ଗାଗରାଇ, ଅଇଁଠୁ ସିଂ, ରାମ ସିଂ ଗାଗରାଇ ଓ ଠାକୁରା ସୋରେନ। ସେମାନଙ୍କ ପାଖରୁ ୫ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏମାନେ ଦୀର୍ଘ ଦିନ ଧରି ଫେରାର୍ ଥିଲେ। ମଙ୍ଗଳବାର ପୋଡ଼ାଡିହା ରେଞ୍ଜ କାର୍ଯ୍ୟାଳୟରେ ସରପଞ୍ଚ ଏବଂ ୱାର୍ଡମେମ୍ବର୍‌ଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଏଥିସହ ଗ୍ରାମର ଅନ୍ୟ ଶିକାରୀମାନେ ମଧ୍ୟ ଶିକାର ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାରେ ସମୁଦାୟ ୭ଟି ଦେଶୀ ବନ୍ଧୁକ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି।


# ପାର୍ବଣରେ ପୁଲିସକୁ ମହିଳା ସୁରକ୍ଷା ଚିନ୍ତା

- ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିଜିଙ୍କ ନିର୍ଦ୍ଦେଶ
- ପୁରୀ ଓ କୋଣାର୍କ ରାସ୍ତାରେ ଲାଗିବ ୧୦୦ କୋଟିର ସିସିଟିଭି

ଭୁବନେଶ୍ୱର, ୯।୯(ସମିସ): ଆଗକୁ ଆସୁଛି ପୂଜା। ବିଭିନ୍ନ ପୂଜା ମଣ୍ଡପ ବୁଲିବେ ମହିଳା। ତେଣୁ ପୂଜା ସମୟରେ ମହିଳା ସୁରକ୍ଷା ନେଇ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ ଡିଜି ୱାଇ.ବି. ଖୁରାନିଆ। ଭୁବନେଶ୍ୱର ମହିଳାଙ୍କ ପାଇଁ ସୁରକ୍ଷିତ ସହର। ଏଭଳି ସବୁ ସହରରେ ମହିଳା କିଭଳି ସୁରକ୍ଷିତ ମଣିବେ ସେ ନେଇ ପୁଲିସ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି। ଅପରପକ୍ଷରେ ରାଜ୍ୟ ପୁଲିସର ଆଧୁନିକୀକରଣ ପାଇଁ ୧୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରୁ ସାରା ରାଜ୍ୟରେ ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥରେ ସ୍ଥାୟୀ ଭାବେ ସିସିଟିଭି ଲାଗିବା ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୧୦୦ କୋଟି ଟଙ୍କା ବିନିମୟରେ ଭୁବନେଶ୍ୱର ଉତ୍ତରା ଠାରୁ ପୁରୀ ଓ କୋଣାର୍କ ରାସ୍ତାରେ ସ୍ଥାୟୀ ଭାବେ ସିସିଟିଭି ଲଗାଇବା ଯୋଜନା ରହିଛି ବୋଲି ପୁଲିସ ଡିଜି କହିଛନ୍ତି।

ପୁଲିସ ଭବନ ଠାରେ ଆୟୋଜିତ ରାଜ୍ୟ ପୁଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ ଏକ ଦିନିକିଆ କର୍ମଶାଳାରେ ଡିଜି ଯୋଗେଶ ବାହାଦୂର ଖୁରାନିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏକ ସୁରକ୍ଷିତ ଓଡ଼ିଶା ଗଢ଼ିବା ନିମନ୍ତେ ଆଗେଇ ଆସିବାକୁ ପୁଲିସ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ସମାଜକୁ ସଠିକ ଢଙ୍ଗରେ ପରିଚାଳନା କରିବାରେ ମହିଳାଙ୍କ ଉଦ୍ୟମ ପ୍ରଶଂସନୀୟ। ମାତ୍ର ମହିଳାମାନେ ଧର୍ଷଣ, ଯୌନ ଅତ୍ୟାଚାର, ଘରୋଇ ହିଂସା, ରାସ୍ତାରେ ନିର୍ଯାତନା ଏବଂ ସାଇବର ଅପରାଧର ଶିକାର ହେଉଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ। ଏହାକୁ ରୋକିବାକୁ ପ୍ରତିଟି ସ୍ତରରେ ଯତ୍ନବାନ ହେବାକୁ ଡିଜିପି ପରାମର୍ଶ ଦେଇଥିଲେ। ସମଗ୍ର ରାଜ୍ୟରେ ୫୩୭ଟି ଥାନାରେ ଖୋଲାଯାଇଥିବା "ମହିଳା ଓ ଶିଶୁ ଡେସ୍କ"ର ସଠିକ ପରିଚାଳନା ଓ ତଦାରଖ କରିବାକୁ ଡିଜିପି ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ସଂଘଟିତ ହୋଇଥିବା ଗଣ ବଳାତ୍କାର ଭଳି ସଙ୍ଗୀନ ଘଟଣା ସମାଜରେ ମହିଳା ମାନଙ୍କ ମନୋବଳକୁ ଦୁର୍ବଳ କରିଛି। ଏହି ସବୁ ମାମଲାଗୁଡ଼ିକରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡବିଧାନ କରିବାରେ ଅଗ୍ରଣୀ ଭୂମିକା ତୁଲାଇବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ମହିଳା ଓ ଶିଶୁ ମାନଙ୍କ ସମ୍ବେଦନଶୀଳ ଛବି ଓ ଭିଡିଓ ଗୁଡ଼ିକର ଦୃତ ପ୍ରଘଟକୁ ରୋକିବା ପାଇଁ ସାଇବର ପାଟ୍ରୋଲିଂ ବୃଦ୍ଧି ଓ ସୋସିଆଲ୍ ମିଡିଆ ମନିଟରିଂକୁ ଅଧିକ କ୍ରିୟାଶୀଳ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନତି। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ନାବାଳିକାଙ୍କୁ ଦୁଷ୍କର୍ମ ଭଳି ସଙ୍ଗୀନ ମାମଲା ଗୁଡିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ୧୩ଟି ଜିଲ୍ଲାର ଏସପି, ତଦନ୍ତକାରୀ ଅଧିକାରୀ, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରିଥିଲେ।

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ନେପାଳରୁ ସନ୍ଦେଶ

ସାମ୍ପ୍ରତି ନେପାଳରେ ଯାହା ଘଟିଛି, ଘଟୁଛି ଓ ଘଟିବାକୁ ଯାଉଛି ତାହାର ପ୍ରଭାବ କେବଳ ସେହି ଦେଶ ଭିତରେ ସୀମିତ ନାହିଁ। ସେଠାରେ ସୃଷ୍ଟ ହିଂସା, ଜୀବନହାନି ପଛରେ କାରଣ ଯାହା ବି ଥାଉ ନା କାହିଁକି, ମନମୁଖି ଶାସନ ବ୍ୟବସ୍ଥା ବିରୋଧରେ ଛାତ୍ରସମାଜ ଭିତରେ ନବଜାଗରଣର ବାତାବରଣ କ୍ରମେ ଯେ ବିଶ୍ୱ ରାଜନୀତିରେ ନୂଆ ସମ୍ଭାବନା ସୃଷ୍ଟି କରୁଛି ତାହା ସ୍ୱୀକାର କରିବାକୁ ହେବ। ଏଥିସହିତ ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସୃଷ୍ଟ ନୂତନ ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ହିମାଳୟ ପାଦଦେଶରୁ ଏକ ସତର୍କ ଘଣ୍ଟିର ସୂଚନା ମଧ୍ୟ ମିଳିଛି।

ନେପାଳ ଘଟଣାରୁ ଅବଶିଷ୍ଟ ବିଶ୍ୱକୁ ଅନ୍ତତଃ ତିନିଟି ସନ୍ଦେଶ ଯାଇଛି। ପ୍ରଥମତଃ, ଜନତା, ବିଶେଷକରି ଯୁବବର୍ଗଙ୍କ ଉପରେ ମୁଖ୍ୟସ୍ରୋତର ଗଣମାଧ୍ୟମ ତୁଳନାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ଓ ଆଦୃତି ବଢ଼ିବାରେ ଲାଗିଛି। ଏପରିକି ସାମାଜିକ ଗଣମାଧ୍ୟମ ନିର୍ବାଚନ ଫଳାଫଳ ନିର୍ଣ୍ଣୟରେ ବଡ଼ ଭୂମିକା ନିର୍ବାହ କରୁଛି, ଯାହାର ପ୍ରଭାବରୁ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ମଧ୍ୟ ବର୍ତ୍ତିପାରିନାହିଁ। ସରକାରୀ କଳର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ସାମାଜିକ ଗଣମାଧ୍ୟମ ହିଁ ସାମ୍ପ୍ରତିକ କୋଳାଶ୍ରିତ ଗଣମାଧ୍ୟମ ଯୁଗରେ ନିର୍ଭୀକ ସାମ୍ବାଦିକତାର ଭୂମିକା ନିର୍ବାହ କରୁଛି। ତେଣୁ ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମକୁ ନେପାଳ ସରକାର ନିଷେଧ ଘୋଷଣା କରିବା ପରେ ତାହାର ତତ୍କାଳ ପ୍ରତିକ୍ରିୟା ଛାତ୍ର ଓ ଯୁବ ସମାଜରେ ପ୍ରତିଫଳିତ ହୋଇଛି। ଦ୍ୱିତୀୟତଃ, ସାମ୍ପ୍ରତିକ ଯୁବପିଢ଼ି(ଜେନ୍-ଜେଡ୍)କୁ ସାମାଜିକ ଗଣମାଧ୍ୟମ ନିଜର ମୋହ-ମାୟାଜାଲ୍‌ରେ ଏତେ ଆସକ୍ତ କରି ରଖିଛି ଯେ ତା'ବିନା ଦଣ୍ଡେ ମଧ୍ୟ ତିଷ୍ଠିବା ଅସମ୍ଭବ ହୋଇପଡ଼ିଛି। ସାମାଜିକ ଗଣମାଧ୍ୟମର ସମାଜ ଉପରେ ଏହି ନକାରାତ୍ମକ ପ୍ରଭାବ ଆଦୌ ଶୁଭଙ୍କର ନୁହେଁ।

ତୃତୀୟ ସନ୍ଦେଶଟି ଉଭୟ ଚିନ୍ତାଜନକ ଓ ସକାରାତ୍ମକ। ଯଦି ଶାସନ ବିରୋଧୀ ଆନ୍ଦୋଳନ ଓ ବିଦ୍ରୋହ ପଛରେ ବାହ୍ୟଶକ୍ତିର ହାତ ଥିବା ଧରାନିଆଯାଏ ତେବେ ତାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଏକତା ପ୍ରତି ବଡ଼ ଆହ୍ୱାନ। ଗତବର୍ଷ ବାଂଲାଦେଶ, ଚଳିତ ବର୍ଷ ଇଣ୍ଡୋନେସିଆ ଏବଂ ଏବେ ନେପାଳରେ ଶାସନତନ୍ତ୍ର ବିରୋଧରେ ସୃଷ୍ଟ ବିରୋଧ, ବିକ୍ଷୋଭ ଓ ବିଦ୍ରୋହ ଆଦୌ କାକତାଳିକ ହୋଇ ନ ପାରେ। ବାଂଲାଦେଶରେ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପଛରେ ଆମେରିକା, ଚୀନ୍ ଓ ପାକିସ୍ତାନର ପ୍ରଚ୍ଛନ୍ନ ହାତ ଥିବା ଅଭିଯୋଗ କେତେକାଂଶରେ ପ୍ରମାଣିତ। ତେଣୁ ଇଣ୍ଡୋନେସିଆ ଓ ନେପାଳରେ ସେଭଳି ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। କିନ୍ତୁ ସକାରାତ୍ମକ ଦିଗରୁ ବିଚାର କଲେ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ବାଂଲାଦେଶର ଛାତ୍ର ଆନ୍ଦୋଳନ ପଛରେ ଥିଲା ନିରଙ୍କୁଶ କ୍ଷମତାର ମନମୁଖି ଶାସନରେ ଅତିଷ୍ଠ ପୁଞ୍ଜିଭୂତ ଅସନ୍ତୋଷର ବାସ୍ତବ ପ୍ରତିଫଳନ। ଗତ ସପ୍ତାହରେ ଇଣ୍ଡୋନେସିଆରେ ଶାସନତନ୍ତ୍ର ବିରୋଧରେ ସମାନ କାରଣରୁ ଜନପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସେହିପରି ସମ୍ପ୍ରତି ନେପାଳ ଘଟଣା ପଛର ପୃଷ୍ଠଭୂମି ଯଦି କେବଳ ସାମାଜିକ ଗଣମାଧ୍ୟମର ନିଷେଧାଦେଶରେ ସୀମିତ ଥା'ନ୍ତା ତେବେ ନେପାଳ ପ୍ରଧାନମନ୍ତ୍ରୀ ଇସ୍ତଫା ଦେଇ ନ ଥା'ନ୍ତେ। ନେପାଳରେ ଜେନ୍‌ଜେଡ୍‌ର ହିଂସାତ୍ମକ ଆନ୍ଦୋଳନ ପଛରେ ସାମାଜିକ ଗଣମାଧ୍ୟମ ନିଷେଧକୁ ବିରୋଧ ଏକ ବାହାନାମାତ୍ର। ଅସଲ କାରଣ ଶାସନତନ୍ତ୍ରର ଦୁର୍ନୀତି, ଭ୍ରଷ୍ଟାଚାର ଓ ସ୍ୱୈରଚାର, ଏହା ଏକ ଅପ୍ରିୟସତ୍ୟ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସକଙ୍କୁ ଗାଦିଚ୍ୟୁତ କରିବା ପାଇଁ ଯଦି ରାଜତନ୍ତ୍ର ବ୍ୟବସ୍ଥା ଭଳି ପ୍ରଜାତନ୍ତ୍ରଙ୍କୁ ବିଦ୍ରୋହର ପଥ ଆପଣେଇବାକୁ ପଡ଼େ, ଗଣତନ୍ତ୍ର ପାଇଁ ଏହାଠାରୁ ବଳି ବିପଦ ଆଉ କ'ଣ ହୋଇପାରେ? ତେଣୁ ଇଣ୍ଡୋନେସିଆ ଓ ନେପାଳ ଘଟଣାକୁ ଆଞ୍ଚଳିକ ସମସ୍ୟା ଭାବେ ଆଦୌ ଅଣଦେଖା କରାଯାଇ ନ ପାରେ। ଗଣତନ୍ତ୍ର ହେଉ କି ରାଜତନ୍ତ୍ର ନିରଙ୍କୁଶ ଓ ନିରବଚ୍ଛିନ୍ନ କ୍ଷମତା ଯେତେବେଳେ ଜନତାନ୍ତ୍ରିକ ଓ ଜନକଲ୍ୟାଣ ବିମୁଖୀ ହୋଇଯାଏ ସେତେବେଳେ ଜନଅସନ୍ତୋଷ ଆଉ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବ ନାହିଁ, ଏହା ସାମ୍ପ୍ରତିକ ଦୃଶ୍ୟପଟର ସବୁଠାରୁ ବଡ଼ ସଙ୍କେତ। ସେଭଳି ଘୁଣଖିଆ ଶାସନର ଅବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ଆଗାମୀ ଦିନରେ ଛାତ୍ରସମାଜ ସାରଥି ସାଜିବେ ସେହି ଶୁଭସଙ୍କେତ ମଧ୍ୟ ମିଳୁଛି।

## ଆଧାରକୁ ସ୍ୱୀକୃତି

ଭୋଟର ତାଲିକାରେ ନାମ ସାମିଲ୍ ପାଇଁ ପ୍ରମାଣସିଦ୍ଧ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ପରିଚୟ ପତ୍ର ଭାବରେ 'ଆଧାର'କୁ ଗ୍ରହଣ କରିବା ପାଇଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ ଆୟୋଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବିହାରରେ ଆରମ୍ଭ ହୋଇଥିବା ସଘନ ଭୋଟର ତାଲିକା ସଂଶୋଧନରେ ଯେଉଁ ବିବାଦ, ବିତର୍କ ଓ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ତାହାର ଆପାତତଃ ସମାଧାନର ବାଟ ବାହାରିଛି। ଏଥିସହିତ ନିର୍ବାଚନ ଆୟୋଗ 'ଆଧାର'କୁ ଭୋଟର ପରିଚୟ ଭାବେ ବୈଧ ନ କରିବା ପାଇଁ ଯେଉଁ କସରତ କରିଥିଲେ ତାହା ମଧ୍ୟ ନିଷ୍ଫଳ ହୋଇଛି।

ବିହାରରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭରୁ ବିବାଦ ଓ ବିତର୍କ ସୃଷ୍ଟି ହୋଇଥିଲା। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଏଥିପାଇଁ ନିର୍ବାଚନ ଆୟୋଗ ଭୋଟରଙ୍କଠାରୁ ଯେଉଁ ପ୍ରମାଣପତ୍ର ଲୋଡ଼ିଥିଲେ ତାହା ହିଁ ସମସ୍ୟା ସୃଷ୍ଟି କରିଥିଲା। ୧୨କୋଟି ଜନସଂଖ୍ୟା ବିଶିଷ୍ଟ ବିହାର ଭଳି ସବୁକ୍ଷେତ୍ରରେ ଏକ ପଛୁଆ ରାଜ୍ୟରେ ଭୋଟରମାନେ ମାତ୍ର ମାସକ ଭିତରେ ସେହିସବୁ ପ୍ରମାଣପତ୍ର ଯୋଗାଡ଼ କରିବା ଦୁରୁହ ବ୍ୟାପାର ଥିଲା। ସରକାରୀ ବ୍ୟବସ୍ଥାର ସବୁକ୍ଷେତ୍ରରେ 'ଆଧାର' ବାଧ୍ୟତାମୂଳକ ଓ ଅପରିହାର୍ଯ୍ୟ ଥିବାରୁ ସାମ୍ପ୍ରତିକ ଜଟିଳ ପରିସ୍ଥିତିରେ ଭୋଟର ପରିଚୟ ପାଇଁ ତାହାକୁ ସ୍ୱୀକାର କରିଥିଲେ ଆକାଶ ଛିଡ଼ି ପଡ଼ିନଥା'ନ୍ତା। କିନ୍ତୁ ନିର୍ବାଚନ ଆୟୋଗ ତାଙ୍କ ଜିଦ୍‌ରେ ଅଡ଼ି ବସିବାରୁ ଲୋକେ ତ ହଇରାଣ ହେଲେ, ସଂସଦର ମୌସୁମୀ ଅଧିବେଶନ ପ୍ରାୟତଃ ଅଚଳ ହୋଇଗଲା। ସର୍ବୋଚ୍ଚ ନ୍ୟାୟାଳୟର ବହୁମୂଲ୍ୟ ସମୟ ମଧ୍ୟ ନଷ୍ଟ ହେଲା।

'ଆଧାର'କୁ ନାଗରିକ ପ୍ରମାଣପତ୍ର ରୂପେ ଗ୍ରହଣ କରାଯିବ ନାହିଁ, ଅଥଚ ପରିଚୟପତ୍ର ରୂପେ ଗ୍ରହଣ କରିବାରେ ଅସୁବିଧା ନାହିଁ ବୋଲି ନ୍ୟାୟାଳୟଙ୍କ ରାୟ ପରେ ଏହି ସମସ୍ୟାର ଅବସାନ ଘଟିଛି। ଓଡ଼ିଆରେ ଏକ ଲୋକକଥା ଅଛି, ଯାହାର ମର୍ମାର୍ଥ ହେଉଛି - ଯାହା ଅବଧାର୍ଯ୍ୟ ତାହା ହିଁ ଶେଷରେ ହୁଏ, ଅଥଚ ତାହାକୁ ପ୍ରଥମରୁ ଅସ୍ୱୀକାର କଲେ ଅଯଥା ସମାଜର ସମ୍ମାନ ଓ ସମୟ ହାନି ହୁଏ। ନିର୍ବାଚନ ଆୟୋଗଙ୍କ ବିହାର ଭୋଟର ତାଲିକା ସଂଶୋଧନ କସରତରୁ ସେହି ଆପ୍ତବାକ୍ୟଟି ପ୍ରମାଣିତ ହେଉଛି।

# କିପରି ଧନୀ ହେବେ?

ଡ. ଅବଶ ପରିଡ଼ା

କିପରି ଧନୀ ହେବେ? ବାକ୍ୟଟି ଠିକ୍ ଚୁମ୍ବକ ପରି, ଯାହା ଆମକୁ ଆକର୍ଷଣ କରେ। ନଜର ଆପେ ଆପେ ଟାଣି ହୋଇଯାଏ। ଏଥିରେ କିଛି ମନ୍ଦ ବି ନାହିଁ। ପ୍ରାୟ ଅଧିକାଂଶ ଲୋକ ଧନୀ ଏବଂ ଏକ ସମୃଦ୍ଧ ଜୀବନ ବଞ୍ଚିବାକୁ ଇଚ୍ଛା ରଖନ୍ତି। କିଛିଦିନ ତଳେ 'ଧନୀ ହେବାର ଆକାଂକ୍ଷା' ଶୀର୍ଷକ ଏକ ସର୍ବେକ୍ଷଣରେ ପ୍ରକାଶ ପାଇଛି ଯେ ଶତକଡ଼ା ୬୫ ପ୍ରତିଶତଙ୍କ ପାଇଁ ପୂର୍ବାପେକ୍ଷା ଟଙ୍କା ଓ ସମ୍ପତ୍ତି ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପୃଥିବୀର ସବୁ ଯାଗାରେ ସମାନ ପରିସ୍ଥିତି। ବିଶ୍ୱ ଅର୍ଥନୀତିର ତିନି-ଚତୁର୍ଥାଂଶ ପ୍ରତିନିଧିତ୍ୱ କରୁଥିବା ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ଅତ୍ୟଧିକ ଟଙ୍କା ସଞ୍ଚୟ କରିବା, ଧନୀ ହେବା ପାଇଁ ବାଟ ଖୋଜିବା ସହିତ ଏକ ସମୃଦ୍ଧ ଜୀବନକୁ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିରୁ ଭାରତୀୟମାନେ ମଧ୍ୟ ଭିନ୍ନ ନୁହନ୍ତି। ଆମମାନଙ୍କ କ୍ଷେତ୍ରରେ ଧନୀ ହେବାର, ବିଶେଷକରି କୋଟିପତି ହେବାର ଆଶା ଓ ଆକାଂକ୍ଷା ବଢ଼ୁଛି। କିନ୍ତୁ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କୋଟିପତି ହେବା ପାଇଁ ଭାରତୀୟମାନେ ଅବୈଧ ନୁହେଁ, ବରଂ ନୈତିକ ଓ ଆଇନଗତ ଉପାୟକୁ ପସନ୍ଦ କରୁଛନ୍ତି। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ନିଜର ଅଭ୍ୟାସ ଓ ଜୀବନଶୈଳୀକୁ ମଧ୍ୟ ପରିବର୍ତ୍ତନ କରିବାକୁ ଭାରତୀୟମାନେ ଇଚ୍ଛୁକ।

ଏଠାରେ ଏକ ସାଧାରଣ ପ୍ରଶ୍ନ ଆସିପାରେ ଯେ ଧନୀ ହେବାର ଆକାଂକ୍ଷା ବଢ଼ୁଛି କାହିଁକି? ଏହି ପ୍ରଶ୍ନର ସରଳ ଉତ୍ତର ହେଉଛି କେବଳ ଭଲ ଭାବେ ବଞ୍ଚିବା ପାଇଁ ନୁହେଁ, ବରଂ ପରିବର୍ତ୍ତନ ପାଇଁ ଏହି ଆକାଂକ୍ଷାର ସୃଷ୍ଟି। ଆଧୁନିକୀକରଣର ଚାପ, ଅସରନ୍ତି ଆଶା, ଅସମାନ ଆୟ, ଉପଭୋକ୍ତାବାଦର ଅଭ୍ୟାସ ଏବଂ ବ୍ୟକ୍ତିଗତ ସ୍ୱପ୍ନ ଭଳି ଅନେକ କାରଣ ଏଥିପାଇଁ ସହାୟକ। 'ଧନୀ ହେବାର ପ୍ରକ୍ରିୟା' କିଛି ଅଛି କି? ଆପଣଙ୍କ ମନକୁ ଏ ପ୍ରଶ୍ନ ବି ଆସୁଥିବ। ହଁ, ଏହି ପ୍ରକ୍ରିୟାର ଗୋଟେ ଲମ୍ବା ତାଲିକା ଅଛି।

ପ୍ରଥମଟି ହେଉଛି, ସାଂଗଠନିକ ଓ ଗଠନମୂଳକ ପ୍ରକ୍ରିୟା। ଅନେକ ଏହାକୁ ଧନୀ ହେବାର ପ୍ରକୃତ ପଥ ବୋଲି ମତ ରଖନ୍ତି। ଶିକ୍ଷା, ଦକ୍ଷତା-ନିର୍ମାଣ, ଉଦ୍ୟୋଗିତା ସହାୟତା, ସରକାରୀ ଯୋଜନା, ଋଣ, ନିଯୁକ୍ତି, ସମ୍ପତ୍ତି ସୃଷ୍ଟି ଉପକରଣ ଯଥା ସେୟାର ବଜାର, ମ୍ୟୁଚୁଆଲ୍ ଫଣ୍ଡ, ରିଅଲ୍ ଇଷ୍ଟେଟ୍ ଓ ନିବେଶ ଇତ୍ୟାଦି ଏହାର ଉପାଦାନ। ଦ୍ୱିତୀୟଟି ହେଉଛି ଶୋଷଣମୂଳକ କିମ୍ବା ଭ୍ରମାତ୍ମକ ପ୍ରକ୍ରିୟା। ଏଥିରେ ନିଜେ ଧନୀ ହେବାକୁ ହେଲେ ଅନ୍ୟଲୋକଙ୍କୁ ବୋକା କିମ୍ବା ବିଭ୍ରାନ୍ତ କରାଯାଏ। ଠକେଇପୂର୍ଣ୍ଣ ନିବେଶ ମଡେଲ, ଯେପରିକି ଚିଟ୍‌ଫଣ୍ଡ, ମିଛ ବ୍ୟବସାୟ ଟିପ୍ସ, କ୍ରିପ୍ଟୋ ଠକେଇ, ଉଚ୍ଚ-ଦେୟ ଯୁକ୍ତପାଠ୍ୟକ୍ରମ, ଲଟେରୀ ଓ ଜୁଆ ଅର୍ଥନୀତି ଇତ୍ୟାଦି ଏଥିରେ ଅନ୍ତର୍ଭୁକ୍ତ। ଆଚରଣଗତ ପ୍ରକ୍ରିୟା ହେଉଛି ତୃତୀୟ, ଯେଉଁଥିରେ ବ୍ୟକ୍ତିର ଆଶାକୁ ପରିଚାଳନା କରାଯାଏ। ଏହି ପ୍ରକ୍ରିୟା 'ଆକାଂକ୍ଷୀ ମାର୍କେଟିଙ୍ଗ' ଉପରେ ନିର୍ଭରଶୀଳ। ଏହାର ମାନେ ହେଉଛି ବିଳାସପୂର୍ଣ୍ଣ ବିଜ୍ଞାପନ ଏବଂ ଧନୀ ହେବାର ସଫଳ କାହାଣୀକୁ ବିଶ୍ୱାସ କରିବା ପାଇଁ ଏକ ଚାପ ପ୍ରୟୋଗ କରାଯାଏ। ଆଚରଣଗତ ପ୍ରକ୍ରିୟାର ସବୁଠାରୁ ଆଧୁନିକ ଉପାଦାନ ହେଉଛି ଆପ୍ସ ଏବଂ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ନିବେଶ। ଏସବୁକୁ ଏକ ଖେଳ ଭାବରେ ଉପସ୍ଥାପନ କରାଯିବା ସହିତ ଏକ ବିପଦପୂର୍ଣ୍ଣ ଅର୍ଥନୈତିକ ଆଚରଣକୁ ପ୍ରୋତ୍ସାହିତ କରାଯାଏ। ଚତୁର୍ଥ ତଥା ଶେଷ ହେଉଛି ସାଂସ୍କୃତିକ ଓ ପ୍ରତୀକାତ୍ମକ ପ୍ରକ୍ରିୟା। ଏଥିରେ ଆକାଂକ୍ଷୀ ବର୍ଣ୍ଣନା ହୁଏ ଏବଂ ପୁସ୍ତକ, ଭିଡିଓ, ଗଣମାଧ୍ୟମ, ଜ୍ୟୋତିଷ ଓ ପାଠ୍ୟକ୍ରମ ଇତ୍ୟାଦି ଏହାର ଉପାଦାନ। ଚୁମ୍ବକରେ କହିବାକୁ ଗଲେ ଧନୀ ହେବାର ପ୍ରକ୍ରିୟାରେ ବୈଧ ଅର୍ଥନୈତିକ ଉପଦେଶଠାରୁ ଆରମ୍ଭ କରି ପ୍ରତୀକାତ୍ମକ ଓ ଶୋଷଣମୂଳକ ରଣନୀତି ପରିସରଭୁକ୍ତ। ଲୋକମାନେ ଏଠି ଦୁଇପ୍ରକାରର ବ୍ୟବହାର କରନ୍ତି। ଯଥା ଧନୀ ହେବାର ସ୍ୱପ୍ନ ଆଡ଼କୁ ଅଗ୍ରସର ହୁଅନ୍ତି କିମ୍ବା କେତେକ ସମୟରେ ଭ୍ରମିତ ମଧ୍ୟ ହୁଅନ୍ତି।

'କିପରି ଧନୀ ହେବେ' କେବଳ ଏକ ବାକ୍ୟ ନୁହେଁ ଏହା ଏକ ଶିଳ୍ପ, ଏକ ବିଶାଳ ଅର୍ଥନୀତି। ଲୋକଙ୍କ ଆକାଂକ୍ଷା ଉପରେ ନିର୍ମିତ ଏକ ମେଟା-ମାର୍କେଟ। ଆମେ ଯେଉଁ ସମାଜରେ ରହୁଛେ, ସେଠାରେ ଉଭୟ ବସ୍ତୁବାଦୀ ଓ ବ୍ୟକ୍ତିଗତ ସଫଳତାକୁ ପ୍ରାଥମିକତା ଦିଆଯାଏ। ସମାଜବିଜ୍ଞାନୀ ମ୍ୟାକ୍ସ ୱେବରଙ୍କ ପ୍ରୋଟେଷ୍ଟାଣ୍ଟ ନୀତି ଏଠି ଖୁବ ପ୍ରାସଙ୍ଗିକ। ୱେବରଙ୍କ ମତରେ ଧନ ହେଉଛି ଶୃଙ୍ଖଳା, ପ୍ରୟାସ ଓ ଭାଗ୍ୟର ଏକ ନୈତିକ ଚିହ୍ନ। ଧନ ଓ ସମ୍ପତ୍ତି ଆମ ନିମନ୍ତେ କେବଳ ବଞ୍ଚିବାର ଏକ ମାଧ୍ୟମ ନୁହେଁ, ବରଂ ସାମାଜିକ ସ୍ଥିତି, ସ୍ୱାଧୀନତା ଏବଂ ଆତ୍ମମୂଲ୍ୟର ପ୍ରତୀକ। କହିବାକୁ ଗଲେ 'ଧନୀ ହେବି' ଏକ ସାଂସ୍କୃତିକ ଆବେଗ। ତେଣୁ ଏହି ଆବେଗକୁ ନେଇ ବେପାର ହେବା ମଧ୍ୟ ସ୍ୱାଭାବିକ। ପୁସ୍ତକ, ଟକ୍ ଶୋ, ପାଠ୍ୟକ୍ରମ ଓ ଜ୍ୟୋତିଷଶାସ୍ତ୍ର ଦ୍ୱାରା ଏକ ବଜାର ସୃଷ୍ଟି ହୁଏ। ପ୍ରତିବଦଳରେ ବଜାର ଦିଏ ଆର୍ଥିକ ସମୃଦ୍ଧିର ପଥ ଓ ସମାଧାନର ପ୍ରତିଶ୍ରୁତି। ଏହା ସତ ଯେ ବ୍ୟକ୍ତିର ଆଶାକୁ ବ୍ୟବସାୟରେ ପରିବର୍ତ୍ତନ କରୁଛନ୍ତି କିଛି ପୁସ୍ତକ ପ୍ରକାଶକ, ପ୍ରେରଣାଦାୟକ ବକ୍ତା ଓ ଗଣମାଧ୍ୟମ। ଏକ ସ୍ୱୟଂ-ସହାୟକ ପୁସ୍ତକ କିମ୍ବା ଏକ ୟୁଟ୍ୟୁବ୍ ସେମିନାରରେ କେବଳ ଶବ୍ଦ ବା ଭାଷଣ ବିକ୍ରି ହୁଏ ନାହିଁ। ବରଂ ପରିବର୍ତ୍ତନର ସମ୍ଭାବନାକୁ ବିକ୍ରୟ କରାଯାଉଛି। ପିଏରେ ବୋର୍ଡିୟୁଙ୍କ 'ସାଂସ୍କୃତିକ ପୁଞ୍ଜି' ବା କଲ୍‌ଚରାଲ୍ କ୍ୟାପିଟାଲ୍‌ର ଧାରଣା ଏଠାରେ ପ୍ରଯୁଜ୍ୟ।

ଯେତେବେଳେ 'ସଫଳତା'ର ଭାଷା ଏକ ପ୍ରତୀକାତ୍ମକ ପୁଞ୍ଜି ହୋଇଯାଏ ସେତେବେଳେ ଗ୍ରାହକମାନେ ଏହାକୁ ଅର୍ଥନୈତିକ ପୁଞ୍ଜିରେ ରୂପାନ୍ତରିତ କରିବା ଆଶାରେ କିଣନ୍ତି। ଉଦାହରଣ ସ୍ୱରୂପ, 'ରିଚ୍ ଡ୍ୟାଡ୍ ପୋର ଡ୍ୟାଡ୍' କିମ୍ବା 'ଥିଙ୍କ୍ ଆଣ୍ଡ ଗ୍ରୋ ରିଚ୍' ଭଳି ପୁସ୍ତକ ସାରା ବିଶ୍ୱରେ କୋଟିକୋଟି ସଂଖ୍ୟାରେ ବିକ୍ରି ହୋଇସାରିଛି। ପ୍ରତିଦିନ ଏହାର ବହୁଭାଷୀ ନକଲ ମଧ୍ୟ ବଜାରକୁ ଆସୁଛି। ଏକ ଆକଳନ ଅନୁଯାୟୀ, ୨୦୨୪ ମସିହାରେ ବିଶ୍ୱ ସ୍ୱୟଂ ସହାୟକ ଶିଳ୍ପର ମୂଲ୍ୟ ପ୍ରାୟ ଚାରିଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା, ଯେଉଁଥିରେ ବ୍ୟକ୍ତିତ୍ୱ ବିକାଶ, ସଫଳତା, ସ୍ୱୟଂ-ସହାୟକ ପୁସ୍ତକ, ପ୍ରଶିକ୍ଷଣ, ପାଠ୍ୟକ୍ରମ ଏବଂ ପ୍ରେରଣାଦାୟକ ଭାଷଣ ଅନ୍ତର୍ଭୁକ୍ତ। ଆଗାମୀ ପାଞ୍ଚ ବର୍ଷରେ ଏହି ଅର୍ଥନୀତି ୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯିବ।

ଏଠାରେ ଦୁଇଟି କଥା ଆଲୋଚନା କରିବା। ଉଭୟ ଆର୍ଲି ହଚସଚିଲ୍ଡଙ୍କ ଭାବପ୍ରବଣ ଶ୍ରମ(ଇମୋସନାଲ୍ ଲେବର) ଏବଂ ଇଭା ଇଲୁଜଙ୍କ ଭାବପ୍ରବଣ ପୁଞ୍ଜିବାଦ(ଇମୋସନାଲ୍ କ୍ୟାପିଟାଲିଜିମ୍) ବ୍ୟାଖ୍ୟା କରେ ଯେ ଧନୀ ହେବାର ବିଷୟବସ୍ତୁ ଆଶା, ଆତ୍ମବିଶ୍ୱାସ ଏବଂ ସମ୍ପର୍କ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯାଇଛି। ତେଣୁ ଏହାକୁ ପାଥେୟ କରି ଇଭେଣ୍ଟ ଏବଂ ଟକ୍ ଶୋ' ଆମ ସାମୂହିକ ଭାବନାକୁ ପରିଚାଳନା କରୁଛନ୍ତି। ଉଦାହରଣ ସ୍ୱରୂପ, ଦର୍ଶକଙ୍କ କରତାଳି, ସାକ୍ଷ୍ୟ, 'ପୂର୍ବ-ପର' କାହାଣୀ ଓ ପରାମର୍ଶର ପ୍ରଭାବ ହେଉଛି ପୁନରାବୃତ୍ତି-କ୍ରୟକରିବାର ଏକ ଫାଶ। ଏଠି ଜାଣି ରଖନ୍ତୁ ଯେ ଧନ ରୋଜଗାର ଓ ଯୋଜନା ପାଇଁ ହେଉଥିବା ପ୍ରେରଣାଦାୟକ ଭାଷଣର ବଜାର ଅତ୍ୟନ୍ତ ଲାଭଦାୟକ, କୋଡ଼ିଏ ହଜାର କୋଟି ଟଙ୍କାର ବେପାର।

ପୃଥିବୀର ଅଧାରୁ ଅଧିକ ଯୁବବର୍ଗଙ୍କ ଚିନ୍ତା ହେଉଛି ବେକାରୀ ସମସ୍ୟା ଓ ଅନିଶ୍ଚିତ ଚାକିରି। ତେଣୁ ଯେତେବେଳେ ସାଂରଚନିକ ବ୍ୟବସ୍ଥା ଏହି ସମସ୍ୟାର ସମାଧାନ ଯୋଗେଇପାରୁନାହିଁ ସେତେବେଳେ ଏହାର ସମାଧାନ ପାଇଁ ବ୍ୟକ୍ତିଗତକୃତ 'ମହାଜାଗତିକ ସମାଧାନ' ଆଡ଼କୁ ଯୁବବର୍ଗ ମୁହାଁଉଛନ୍ତି। ଏହାର ଅର୍ଥ ହେଉଛି, ଜ୍ୟୋତିଷଶାସ୍ତ୍ର, ସଂଖ୍ୟା ବିଜ୍ଞାନ, 'ଭାଗ୍ୟ-ଆଧାରିତ' ଧନ ପରାମର୍ଶ। ସାମାଜିକ ବ୍ୟବସ୍ଥା ଯେବେ ସ୍ଥିରତା ପ୍ରଦାନ କରିବାରେ ବିଫଳ ହୁଏ, ସେସମୟରେ ଲୋକମାନେ ଅର୍ଥ ପାଇଁ କୌଣସି ଏକ ପ୍ରତୀକାତ୍ମକ ପ୍ରଣାଳୀ ଉପରେ ଆସ୍ଥା ରଖନ୍ତି। ସମ୍ଭବତଃ, ସେଇଥିପାଇଁ ସାମଗ୍ରିକ ଜ୍ୟୋତିଷ ବଜାର ଯେମିତିକି ପାଠ, ଆପ୍ସ, ରହସ୍ୟମୟ ସେବା ଇତ୍ୟାଦିର ବଜାର ମୂଲ୍ୟ ପ୍ରାୟ ୯୫ ହଜାର କୋଟି ଟଙ୍କା ବୋଲି ଆକଳନ କରାଯାଇଛି।

ବିଶ୍ୱରେ ଏମିତି ଗୋଟିଏ ମାତ୍ର ବ୍ୟବସାୟ ଯାହା କେବେ ଭାଙ୍ଗିବ ନାହିଁ ତାହା ହେଉଛି ଲୋକଙ୍କୁ ଶିଖାଇବା ଯେ ସେମାନେ କିପରି ଭାଙ୍ଗି ନ ପଡ଼ିବେ। ଏହା ମଜାକଥା ନୁହେଁ। ଉଦାହରଣ ହେଉଛି ଯେ ସର୍ବାଧିକ ବିକ୍ରି ହେଉଥିବା ପୁସ୍ତକର ଲେଖକଙ୍କଠାରୁ ଆରମ୍ଭ କରି ୟୁଟ୍ୟୁବ୍ ଗୁରୁ ପର୍ଯ୍ୟନ୍ତ, ସମସ୍ତେ ଧନୀ ହେବାର ରହସ୍ୟ ଜାଣନ୍ତି। କିନ୍ତୁ ସେ ବହି କିଣୁଥିବା ଲୋକ କିମ୍ବା ଭିଡିଓକୁ ରାତି ଅନିଦ୍ରା ହୋଇ ଦେଖୁଥିବା ଲୋକ ଧନୀ ହେବାର ଫର୍ମୁଲା କେବେବି ଜାଣିପାରେନାହିଁ। ଏଇ ଯେମିତି ଜ୍ୟୋତିଷ ଆପ୍ସ। ପ୍ରତିଶ୍ରୁତି, ମିଳେ ଯେ ଶୁକ୍ର ଆସନ୍ତା ଚନ୍ଦ୍ର ଗ୍ରହଣ ପରେ ଆପଣଙ୍କୁ କୋଟିପତି କରିବ। ପରବର୍ତ୍ତୀ ସୂଚନା ଆସେ କି ଅଧିକ ପ୍ରିମିୟମ୍ ଭବିଷ୍ୟବାଣୀ ପ୍ୟାକ୍ ପାଇଁ ୯୯୯ ଟଙ୍କା ପୈଠ କରନ୍ତୁ। ତେଣୁ ଏଠାରେ ପରାମର୍ଶ ରହିବ ଯେ ଯଦି ଆପଣ ପ୍ରକୃତରେ ଧନୀ ହେବାକୁ ଚାହାନ୍ତି, ତେବେ କେବଳ ସୂତ୍ର ଅନୁସରଣ କରନ୍ତୁ ନାହିଁ। ଏହାକୁ ଲେଖନ୍ତୁ, ପ୍ରକାଶ କରନ୍ତୁ, ପ୍ରୟୋଗ କରନ୍ତୁ ଏବଂ ନିଜ ପ୍ରତିଭା ଓ ଦକ୍ଷତାକୁ ବିକ୍ରୟ କରନ୍ତୁ। କାରଣ ଏହି ସ୍ୱପ୍ନର ବଜାରରେ ବିକ୍ରେତାମାନେ ସର୍ବଦା କ୍ରେତାଙ୍କ ଅପେକ୍ଷା ଅଧିକ ଧନୀ ହୁଅନ୍ତି।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ରୋଷେଇ ଘରର ସ୍ୱାସ୍ଥ୍ୟ ଚିନ୍ତା

ବିଚିତ୍ର ବିଶ୍ୱାଳ

'ଏଇଟି ଆମର ରୋଷେଇ ଘର, ଏ ଘର ଭିତର ସଫାସୁତର / ଏଇଠାରେ ମା' ପରିବା କାଟେ, ବେସର ବାଟେ, ଜାଇ ରଗଡ଼େ, ଶାଗ ଖରଡ଼େ / ଗଢ଼ଇ ପିଠା, ଆରିସା କାକରା ଆହା କି ମିଠା।' ରୋଷେଇ ଘର ବିଷୟରେ ଶୈଶବରେ ପଢ଼ିଥିବା ଏହି ଗୀତଟି ଏବେ ବି ଅନେକଙ୍କ ସ୍ମୃତିରେ ତାଜା ହୋଇ ଥିବ ନିଶ୍ଚୟ। ଇଞ୍ଜିନ୍ ଯେମିତି ଗାଡ଼ିଟିକୁ ଟାଣିଥାଏ, ସେମିତି ରୋଷେଇ ଘର ହିଁ ଘରର ଇଞ୍ଜିନ୍ ଭାବେ କାମ କରିଥାଏ। ଆମ ସଂସ୍କୃତିରେ ରୋଷେଇ ଘରକୁ ଏକ ପବିତ୍ର ସ୍ଥାନ ଭାବେ ବିବେଚନା କରାଯାଏ। ଅପରିଷ୍କାର ହାତ ଓ ଗୋଡ଼ ନେଇ ରୋଷଇ ଘରକୁ ଯିବା ମନା। ଯଦିଓ ଏହାର ବୈଜ୍ଞାନିକ କାରଣ ବି ରହିଛି, କିନ୍ତୁ ଏହାକୁ ସଂସ୍କୃତି ସହିତ ଯୋଡ଼ି ଦିଆଯାଇ ଚଳଣିର ଏକ ଅଭିନ୍ନ ଅଂଶରେ ପରିଣତ କରିଦିଆଯାଇଛି।

ଆଦିବାସୀ ସମାଜରେ ମଧ୍ୟ ରୋଷେଇ ଘରର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଚକୋଟିଆ- ଭୁଞ୍ଜିଆ ଆଦିବାସୀ ସଂପ୍ରଦାୟର ରୋଷେଇ ଘରକୁ 'ଲାଲ୍ ବଙ୍ଗଳା' କୁହାଯାଏ। ନିଜ ପରିବାର ଲୋକଙ୍କ ବ୍ୟତୀତ ବାହାର ଲୋକ ତାଙ୍କ ରୋଷେଇ ଘରକୁ ଛୁଇଁବା ମନା। ସେମାନଙ୍କ ବିଶ୍ୱାସ ଅନୁସାରେ 'ଲାଲ୍ ବଙ୍ଗଳା'ରେ ସେମାନଙ୍କ ଦେବାଦେବୀ ଅବସ୍ଥାନ କରିଥା'ନ୍ତି। ଆମ ଓଡ଼ିଆ ପରମ୍ପରା ଓ ବିଶ୍ୱାସ ଅନୁସାରେ ରୋଷେଇ ଘରେ ବା ଭିତର ଘରେ 'ଦେଇପିଣ୍ଡି' ଅବସ୍ଥାନ କରିଥା'ନ୍ତି, ଯାହାଙ୍କୁ ପୂଜା କରାଯାଏ। ଆମ ଦେଶରେ ରୋଷେଇ ଘରର ପବିତ୍ରତା ବିଷୟ ବଖାଣିଲେ ଅନେକ ହେବ। ଏତଦ୍‌ବ୍ୟତୀତ ଛୋଟରୁ ବଡ଼ ଯାଏଁ ସମସ୍ତଙ୍କ ମନ ଥାଏ ରୋଷେଇ ଘରେ। ଆଜି କ'ଣ ରୋଷେଇ ହେଉଛି ଓ କ'ଣ ଖାଇବାକୁ ମିଳିବ! ଏହି ଦୃଷ୍ଟିରୁ ରୋଷେଇ ଘରର ଗୁରୁତ୍ୱ ଯଥେଷ୍ଟ ଅଧିକ।

ଆଜିକାଲି ରୋଷେଇ ଘରର ପରିଚୟ ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆଜିକାଲି ଆମେ ଶରୀରରେ ବହନ କରୁଥିବା ପ୍ରାୟ ସମସ୍ତ ରୋଗର କାରଣ ଖାଦ୍ୟ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ସେହି ଖାଦ୍ୟ ପ୍ରସ୍ତୁତ ହେଉଛି ଆମ ରୋଷେଇ ଘରେ। ଆଜିକାଲି ଆମେ ବ୍ୟବହାର କରୁଥିବା ଖାଦ୍ୟ ସାମଗ୍ରୀ ସବୁ, ତାହା ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ ହେଉ କି ପନିପରିବା ହେଉ, ସବୁଥିରେ ପ୍ରଚୁର ପରିମାଣର କୀଟନାଶକର ଅବଶିଷ୍ଟାଂଶର ଉପସ୍ଥିତି ରହୁଛି, ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମ ରୋଷେଇ ଘରକୁ ଏହି ସବୁ ପନିପରିବା ଓ ଫଳ ଖାଦ୍ୟ ଭାବେ ତ ଆସୁଛି, କିନ୍ତୁ ଅସଲରେ ଏହା ବିଷ ଭାବେ ଆମର ଓ ଆମ ପିଲାମାନଙ୍କର ପେଟକୁ ଯାଉଛି।

ଆମ ଦେଶରେ ଏହିପରି ବିଷାକ୍ତ କୀଟନାଶକର ବ୍ୟବହାର ୧୯୭୦ ମସିହା ସବୁଜ ବିପ୍ଳବ ପରଠାରୁ ବହୁଳ ଭାବେ ବୃଦ୍ଧି ପାଇଛି। ୧୯୯୯-୨୦୦୦ରେ ଆମ ଦେଶରେ କୃଷିକ୍ଷେତ୍ରରେ ୪୬.୨୦ ହଜାର ଟନ୍ କୀଟନାଶକର ବ୍ୟବହାର ହେଉଥିବା ବେଳେ ୨୦୨୨-୨୩ରେ ଏହା ୫୨୪୬୬.୪୫ ଟନରେ ପହଞ୍ଚିଛି। ୨୦୨୪ରେ ଆମ ଦେଶରେ କୀଟନାଶକ ବଜାରର ପରିମାଣ ହେଉଛି ୨୬ ହଜାର କୋଟି ଟଙ୍କା। ଆମ ରୋଷେଇ ଘରକୁ ବଜାରରୁ ଆସୁଥିବା ସମସ୍ତ ପନିପରିବାରେ ଯଥେଷ୍ଟ ପରିମାଣର ବିଷ ଭରିରହିଛି। ଯାହାକୁ ଆମେ ପ୍ରତ୍ୟେକ ଦିନ ଖାଦ୍ୟ ଭାବେ ଖାଉଛନ୍ତି। ଏହିସବୁ ବିଷର ପ୍ରଭାବ ଯୋଗୁଁ ସଂପ୍ରତି କ୍ୟାନ୍ସର, ଉଚ୍ଚ ରକ୍ତଚାପ, ମଧୁମେହ, ହୃଦଘାତ ଓ ସ୍ନାୟବିକ ରୋଗର ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲୁଛି।

ଫସଲରେ ବ୍ୟବହାର ହେଉଥିବା କୀଟନାଶକର ସର୍ବାଧିକ ପ୍ରଭାବ ଶିଶୁ ଓ ଗର୍ଭବତୀଙ୍କ ଉପରେ ପଡ଼ିଥାଏ। ତେଣୁ ଏହି ସବୁ ବିଷ କେବଳ ଯେ ବର୍ତ୍ତମାନ ପିଢ଼ିକୁ ରୋଗଗ୍ରସ୍ତ କରୁଛି ତାହା ନୁହେଁ, ଭବିଷ୍ୟତ ପିଢ଼ିକୁ ମଧ୍ୟ ରୋଗୀଣା କରୁଛି। ଏହାସହିତ ଆଜିକାଲି ବଜାର ଦ୍ୱାରା ବହୁଳ ଭାବେ ପ୍ରଭାବିତ ହୋଇଥିବା ଆମ ରୋଷେଇ ଶୈଳୀ ବି ଆମ ଶରୀରରେ ରୋଗ ସୃଷ୍ଟି କରିବାର ଅନ୍ୟ ଏକ କାରଣ ସାଜିଛି। ପୂର୍ବ ଲୋକମାନେ ଯେଉଁଭଳି ଭାବେ ରୋଷେଇ କରୁଥିଲେ, ସଂପ୍ରତି ସେଥିରେ ବହୁତ ପରିବର୍ତ୍ତନ ଆସିଛି। ଆଜିକାଲି ରୋଷେଇରେ ତେଲ, ଚିକ୍କଣ ମଇଦା, ପଲିସ୍ ଚାଉଳ ଆଦିର ପରିମାଣ ବହୁତ ବଢ଼ିଛି, ଯାହା ଆମ ଶରୀରରେ କୋଲେଷ୍ଟ୍ରଲ ଓ ଶର୍କରା ବଢ଼ିବାର ଅନ୍ୟତମ କାରଣ। ସଂପ୍ରତି ଏମିତି ପରିବାର ନ ଥିବ, ଯେଉଁଠି ଲୋକଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା କୋଲେଷ୍ଟ୍ରଲ ହୋଇନଥିବ। ଏହିସବୁ ରୋଗର ମୂଳ କାରଣ ହେଉଛି ଆମେ ଖାଉଥିବା ଖାଦ୍ୟ।

ସମୟ ଥିଲା, ଜନସଂଖ୍ୟାର ଅଧିକ ଭାଗ ଲୋକ ଜୀବାଣୁ ଜନିତ ରୋଗର ଶିକାର ହେଉଥିଲେ। ଆଜି ଜନସଂଖ୍ୟାର ଅଧାରୁ ଅଧିକ ଭାଗ ଲୋକ ଜୀବନଶୈଳୀ ଜନିତ ରୋଗରେ ଆକ୍ରାନ୍ତ। ଏହି ରୋଗ ମୁଖ୍ୟତଃ ଅନୁପଯୋଗୀ ବିଷାକ୍ତ ଖାଦ୍ୟ ଖାଇବା ଯୋଗୁଁ ହିଁ ହେଉଛି, ଯାହା ରୋଷେଇ ଘର ବାଟ ଦେଇ ଆମ ଶରୀରକୁ ଆସୁଛି। ତେଣୁ ସଂପ୍ରତି ସ୍ୱାସ୍ଥ୍ୟକର ଜୀବନ ବଞ୍ଚିବା ପାଇଁ ପ୍ରଥମେ ଆମ ରୋଷେଇ ଘରକୁ ବିଷାକ୍ତ ଖାଦ୍ୟ ଆଣିବା ବନ୍ଦ କରିବାକୁ ହେବ। ରୋଷେଇ ଘର ବିଷମୁକ୍ତ ରହିଲେ ଆମ ଶରୀର ବି ରୋଗମୁକ୍ତ ରହିବ। ଏଥିପାଇଁ ଆମ ଚାଷବାସ ବ୍ୟବସ୍ଥାକୁ ଜୈବିକ କରିବା ସହିତ ପ୍ରକ୍ରିୟାକୃତ ପ୍ୟାକେଟ୍ ଖାଦ୍ୟକୁ ଆମ ରୋଷେଇଘରୁ ବାହାର କରିବାକୁ ହେବ।

ତିରଣ(ଜଗତସିଂହପୁର),
ମୋ: ୯୪୩୮୪୬୮୪୭୪

# ରାଘବ ଦାସ ମଠ ଓ ଅନବସର ନୀତି

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ମହାରାଜା ଚୋଳଗଙ୍ଗ ଦେବ ଉତ୍କଳର ସିଂହାସନ ଆରୋହଣ କଲା ପରେ ତାଙ୍କର ହୃଦ୍‌ବୋଧ ହେଲା ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ଥିଲେ ଉତ୍କଳୀୟମାନଙ୍କର ପ୍ରାଣର ପ୍ରାଣ। ହିନ୍ଦୁ, ବୌଦ୍ଧ ଓ ଆଦିବାସୀ ନିର୍ବିଶେଷରେ ସମସ୍ତ ପ୍ରଜା ତାଙ୍କୁ ନିଜର ଇଷ୍ଟ ରୂପେ ଆରାଧନା କରୁଥିଲେ। ଶାସକ ଓ ଶାସିତଙ୍କ ଧର୍ମ ଭିତରେ ସମନ୍ୱୟ ଏକ ଜରୁରୀ ପ୍ରଶାସନିକ ଆବଶ୍ୟକତା ବୋଲି ରାଜାଙ୍କୁ ଜଣା ଥିଲା। ତେଣୁ ସେ ବିଷ୍ଣୁ ଜଗନ୍ନାଥଙ୍କୁ ନିଜର ଇଷ୍ଟରୂପେ ଗ୍ରହଣ କଲେ। ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଶ୍ରୀକ୍ଷେତ୍ର ଯାତ୍ରା କଲେ। ମନ୍ଦିର ଭିତରକୁ ତାଙ୍କର ପ୍ରଥମ ପ୍ରବେଶରେ ସେ ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ୩୮ ହାତ ମାପର ମନ୍ଦିରର ଭଗ୍ନାବସ୍ଥା ଦେଖି ମର୍ମାହତ ହେଲେ। ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟ ଅନୁରୂପ ଏକ ମନ୍ଦିର ନିର୍ମାଣ କରିବା ପାଇଁ ସଂକଳ୍ପ ନେଲେ।

ମନ୍ଦିର ନିର୍ମାଣର ଦାୟିତ୍ୱ ରାଜା ସେ ସମୟର ବିଖ୍ୟାତ ଶିଳ୍ପାଚାର୍ଯ୍ୟ ହଳଧର ବ୍ରହ୍ମାଙ୍କ ହାତରେ ନ୍ୟସ୍ତ କଲେ। ଓଡ଼ିଶାର ଅଭ୍ୟନ୍ତର ପ୍ରଦେଶରୁ ପଥରସବୁ ଚାପ-ଡଙ୍ଗାରେ ଲଦା ହୋଇ ମହାନଦୀ ଓ ତା'ର ଶାଖା ନଦୀ ଦେଇ ଶ୍ରୀକ୍ଷେତ୍ର ଆସିବା ପରେ ସ୍ୱତନ୍ତ୍ର ଶଗଡ଼ରେ ଲଦା ହୋଇ ନୀଳାଚଳ ପର୍ବତର ପାଦ ଦେଶରେ ପହଞ୍ଚିଲା। ଯୋଜନା ହେଲା ଯେ ପର୍ବତର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ଚାର(କାଠ ଓ ଶକ୍ତ କାଠ ପଟାର ଗଡ଼ା) ବନ୍ଧା ଯିବ। କିନ୍ତୁ ମହାରଣାମାନେ ଯେତେ ଚେଷ୍ଟା କଲେ ମଧ୍ୟ ଚାର ଗଡ଼ାଯାଇ ପାରିଲା ନାହିଁ।

ଚାର ଗଣେଶଙ୍କ ମନ୍ଦିର ନିକଟରେ ଗୋପୀନାଥ ମନ୍ଦିର ଥିଲା। ମହାପ୍ରଭୁଙ୍କର ପରମ ଭକ୍ତ ପରମ ବୈଷ୍ଣବ ଗୁରୁ ରାଘବ ଦାସ ନିକଟସ୍ଥ ଏକ ଆଶ୍ରମରେ ଅବସ୍ଥାନ କରି ଗୋପୀନାଥଙ୍କୁ ଆରାଧନା କରୁଥିଲେ। କ୍ଷେତ୍ରବାସୀ ତାଙ୍କୁ ଗୁରୁ ମାନ୍ୟ କରୁଥିଲେ ଏବଂ ଯେକୌଣସି ସମସ୍ୟାର ସମାଧାନ ପାଇଁ ପରାମର୍ଶ ଲୋଡୁଥିଲେ। ଚାର ବାନ୍ଧିବାରେ ବାରମ୍ବାର ଅସଫଳ ହୋଇ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ରାଘବ ଦାସଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ। ରାଘବ ଦାସ କିଛିସମୟ ଧ୍ୟାନସ୍ଥ ହେଲେ ଏବଂ ମହାପ୍ରଭୁ ସହୁଥିବା ଯନ୍ତ୍ରଣା କଥା ଦେଖି ଶିଶୁପରି କାନ୍ଦିବାକୁ ଲାଗିଲେ। କିଛି ସମୟପରେ ସେ ପ୍ରକୃତିସ୍ଥ ହେଲେ ଏବଂ କହିଲେ, 'ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅନବସର ଘରେ ଚିକିତ୍ସିତ ହେଉଛନ୍ତି। ତୁମର ଚାର ନିର୍ମାଣ ସମୟର କଠୋର ଶବ୍ଦ ଓ ଶ୍ରମିକମାନଙ୍କର ଚିତ୍କାର ମହାପ୍ରଭୁଙ୍କ ରୋଗଯନ୍ତ୍ରଣାକୁ ବହୁଗୁଣିତ କରୁଛି। ତେଣୁ ପ୍ରତିଦିନ ଚନ୍ଦନ ଘୋରି ନେଇ ଅନବସର ଘରେ ଦେବା ପରେ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରୀ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରୁଛନ୍ତି। ମହାପ୍ରଭୁଙ୍କ ଅନବସର ଶେଷ ପର୍ଯ୍ୟନ୍ତ ତୁମର ଚାର ବନ୍ଧା କାମ ସ୍ଥଗିତ ରଖିବା ପାଇଁ ମୁଁ ପରାମର୍ଶ ଦେବି।'

ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଜ୍ୱରାକ୍ରାନ୍ତ ହେଉଥିବା କଥା ଶିଳ୍ପାଚାର୍ଯ୍ୟ ସହଜରେ ଗ୍ରହଣ କରିପାରିଲେ ନାହିଁ। ଏହି ସମୟରେ ରାଜଗୁରୁ ଶୈବ ବାସୁଦେବ ରଥ ସେଠାରେ ପହଞ୍ଚିଲେ। ସେ ମଧ୍ୟ ରାଘବ ଦାସଙ୍କ କଥାରେ ବିଶ୍ୱାସ କରିପାରିଲେ ନାହିଁ। ତେଣୁ ପ୍ରମାଣ ଦେବା ପାଇଁ ରାଘବ ଦାସ ଶିଳ୍ପାଚାର୍ଯ୍ୟ ବ୍ରହ୍ମା ଓ ରାଜଗୁରୁ ବାସୁଦେବଙ୍କୁ ନେଇ ମେରଦା ନୃସିଂହଙ୍କ ପାଖରେ ଥିବା ସେତେବେଳର ଅନବସର ଘର ପାଖରେ ପହଞ୍ଚିଲେ। ଧନ୍ୱନ୍ତରୀ ମହାପ୍ରଭୁଙ୍କ ଚିକିତ୍ସା ପରେ ମୁକ୍ତେଶ୍ୱର ମନ୍ଦିର ପଟୁ ବାହାରି ଆସିଲେ। ସେ ଶିଳ୍ପାଚାର୍ଯ୍ୟ ଓ ରାଜଗୁରୁଙ୍କ ସନ୍ଦେହ ଦୂର କରିବା ପାଇଁ କହିଲେ, 'ଆପଣମାନେ ପରମଭକ୍ତ ରାଘବ ଦାସଙ୍କୁ ପରୀକ୍ଷା କରିବା ପାଇଁ ଆସି ମହାପ୍ରଭୁଙ୍କୁ ପରୀକ୍ଷା କରିବାର ଅପରାଧ କରିଛନ୍ତି। ଚାର ଗଢ଼ାହେବା ଦିନଠାରୁ ନିର୍ମାଣର ଶବ୍ଦ ଯୋଗୁଁ ମହାପ୍ରଭୁଙ୍କର ରୋଗଯନ୍ତ୍ରଣା ବହୁଗୁଣିତ ହୋଇଯାଇଛି। ରାଘବ ଦାସଙ୍କ ପ୍ରଦତ୍ତ ଚନ୍ଦନ କିଛି ପରିମାଣରେ ଠାକୁରଙ୍କ ଯନ୍ତ୍ରଣା ଉପଶମ କରିବାରେ ସହାୟକ ହୋଇଛି। ଅନବସର ସମୟରେ କୌଣସି ଶବ୍ଦ ଶାସ୍ତ୍ରର ବିରୁଦ୍ଧାଚରଣ କରେ।' ଏତିକି କହି ସ୍ୱର୍ଗବୈଦ୍ୟ ଅନ୍ତର୍ଦ୍ଧାନ ହୋଇଗଲେ। ବ୍ରହ୍ମା ଓ ରଥ ରାଘବ ଦାସଙ୍କୁ କ୍ଷମା ପ୍ରାର୍ଥନା କଲେ। ଚାର ଗଢ଼ିବା କାମ ଅନବସର ଶେଷ ହେବା ପର୍ଯ୍ୟନ୍ତ ସ୍ଥଗିତ ରହିଲା।

ରାଜାଙ୍କ ଅନୁରୋଧରେ ରାଘବ ଦାସ ଅନବସର ବେଳେ ପାଳନ କରାଯିବାକୁ ଥିବା ନିୟମ ପ୍ରଣୟନ କଲେ। ଅନବସର ଘରେ ବାର୍ତ୍ତାଳାପ, ବାଦ୍ୟ, ଘଣ୍ଟ, ଘଣ୍ଟା, ନୃତ୍ୟ, ସଙ୍ଗୀତ, ମନ୍ତ୍ର ଉଚ୍ଚାରଣ ଆଦି ହେବ ନାହିଁ। ରଙ୍ଗୀନ ଫୁଲ ଲାଗି କରାଯିବ ନାହିଁ କି ପୁରାଣଶାସ୍ତ୍ର ପଢ଼ାଯିବ ନାହିଁ। ଗନ୍ଧ ଦ୍ରବ୍ୟ ଓ ରନ୍ଧା ଦ୍ରବ୍ୟ ସମର୍ପଣ ହେବ ନାହିଁ। ରାଘବ ଦାସ ରହୁଥିବା ଆଶ୍ରମର ନାମ ପରବର୍ତ୍ତୀ କାଳରେ ରାଘବ ଦାସ ମଠ ନାମରେ ଖ୍ୟାତି ଲାଭ କଲା। ଏହି ମଠ ଆଜିପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି।

ମୋ: ୯୯୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com


ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୨୫ • ପାଉଣ୍ଡ ୧୧୯.୦୮
- ୟୁରୋ ୧୦୩.୬୪ • ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୦୧,୧୦୦ (ନୂଆଦିଲ୍ଲୀ)
- ରୁପା : ୧,୪୦,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୧,୧୦୧.୦୦
- ନିଫ୍ଟି ୨୪,୮୬୮.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଜିଏସ୍‌ଟି ହାର ହ୍ରାସ ପରେ | ଅଟୋ ବିକ୍ରେତାଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ**

# ସବୁ ସୋ' ରୁମ୍‌ରେ ଲାଗିବ ମୋଦିଙ୍କ ଫଟୋ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି)

ନିକଟରେ କେନ୍ଦ୍ର ସରକାର ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରରେ ହ୍ରାସ ଘଟାଇଛନ୍ତି। ଏଥିରେ ଅଟୋମୋବାଇଲ କ୍ଷେତ୍ରରେ ମଧ୍ୟ ବଡ଼ ଧରଣର ଟିକସ ହ୍ରାସ ହୋଇଛି। ଜିଏସ୍‌ଟିରେ ଏହି ହ୍ରାସ ପରେ ଏବେ ଏହାର ବାହାବା ନେବାକୁ କେନ୍ଦ୍ର ସରକାର ପ୍ରସ୍ତୁତ। ଏଥିପାଇଁ ବର୍ତ୍ତମାନ ପ୍ରତ୍ୟେକ କାର ଏବଂ ବାଇକ୍ ଡିଲରସିପ୍ ବା ଶୋ' ରୁମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ଥିବା ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟ (ଏମ୍‌ଏଚ୍‌ଆଇ) ଦେଶର ସମସ୍ତ କାର ଏବଂ ବାଇକ୍ କମ୍ପାନୀଗୁଡ଼ିକୁ ସେମାନଙ୍କ ଡିଲରସିପ୍‌ରେ ପୁରୁଣା ମୂଲ୍ୟ ଏବଂ ଜିଏସ୍‌ଟି ହ୍ରାସ ପରେ ନୂତନ ମୂଲ୍ୟ ଦର୍ଶାଇ ପୋଷ୍ଟର ଲଗାଇବାକୁ କହିଛି।

ଭାରୀ ଶିଳ୍ପ ମନ୍ତ୍ରଣାଳୟ ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକଚର୍ସ (ସିଆମ୍) ମାଧ୍ୟମରେ ଅଟୋ କମ୍ପାନୀଗୁଡ଼ିକୁ ଏ ସମ୍ପର୍କିତ ନିର୍ଦ୍ଦେଶନାମା ପଠାଇଛି। ଏବେ କମ୍ପାନୀଗୁଡ଼ିକର ଅଧିକାରୀମାନେ ପୋଷ୍ଟରଗୁଡ଼ିକୁ ଡିଜାଇନ୍ କରୁଛନ୍ତି ଏବଂ ମନ୍ତ୍ରଣାଳୟରୁ ଅନୁମୋଦନ ପାଇବା ପରେ ହିଁ ସେଗୁଡ଼ିକୁ




ଡିଲରସିପ୍‌ରେ ଲଗାଇବେ। ହେଲେ ଏ କ୍ଷେତ୍ରରେ ପୋଷ୍ଟରଗୁଡ଼ିକର ମୁଦ୍ରଣ ଏବଂ ବଣ୍ଟନ ଖର୍ଚ୍ଚ କମ୍ପାନୀ କିମ୍ବା ଡିଲରସିପ୍ ବହନ କରିବେ କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଅଧିକାରୀମାନେ କହିଛନ୍ତି ଯେ ପୋଷ୍ଟରଗୁଡ଼ିକ ବିଭିନ୍ନ ସ୍ଥାନ ପାଇଁ ସ୍ଥାନୀୟ ଭାଷାରେ ପ୍ରସ୍ତୁତ କରାଯିବ। ଏଭଳି ସ୍ଥଳେ ପ୍ରତ୍ୟେକ ଭାଷାରେ ପୋଷ୍ଟର ପାଇଁ ପୃଥକ ଅନୁମୋଦନ ଆବଶ୍ୟକ ପଡ଼ିବ କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ। ଏକ ଶିଳ୍ପ ସୂତ୍ର ଅନୁଯାୟୀ, ଅଟୋମୋବାଇଲ୍ କମ୍ପାନୀଗୁଡ଼ିକ ଏହି ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ଅତି କମ୍‌ରେ ୨୦-୩୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଚଳିତ ସପ୍ତାହ ଶେଷ ସୁଦ୍ଧା ଏହି ପୋଷ୍ଟରଗୁଡ଼ିକ ଡିଲରସିପ୍‌ରେ ଲଗାଯିବାର ଆଶା କରାଯାଉଛି। ଏହି ନିୟମରୁ ବିଳାସପୂର୍ଣ୍ଣ କାର କମ୍ପାନୀଗୁଡ଼ିକୁ ମୁକ୍ତ କରାଯାଇଛି। ମାରୁତି ସୁଜୁକି, ହ୍ୟୁଣ୍ଡାଇ, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟୟୋଟା ଏବଂ କିଆ ଭଳି ପ୍ରମୁଖ କାର କମ୍ପାନୀଗୁଡ଼ିକ ପୂର୍ବରୁ କହିସାରିଛନ୍ତି ଯେ ସେମାନେ ଜିଏସ୍‌ଟି ହ୍ରାସର ସମ୍ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ଦେବେ, ଯାହା ଫଳରେ ସମସ୍ତ କାରର ମୂଲ୍ୟ ହ୍ରାସ ପାଇବ। ଜିଏସ୍‌ଟି ପରିଷଦ ସମ୍ପ୍ରତି ଛୋଟ କାର ଉପରେ ଟିକସ ୨୯-୩୧% ରୁ ୧୮% କୁ ହ୍ରାସ କରିଛି। ଅନ୍ୟପକ୍ଷରେ ବଡ଼ କାର ଉପରେ ଟିକସ ହାର ୫୦% ରୁ ୪୦% କୁ ହ୍ରାସ କରାଯାଇଛି ଏବଂ କ୍ଷତିପୂରଣ ସେସ୍ ହଟାଇ ଦିଆଯାଇଛି।

# ହିରୋ ଗ୍ଲାମର 'ଏକ୍ସ ୧୨୫'ର ବଜାର ପ୍ରବେଶ

ଭୁବନେଶ୍ୱର, ୯।୯ (ସମିସ)

ଏକ୍ସଟ୍ରିମ୍ ୧୨୫ଆର୍‌ର ଅତୁଳନୀୟ ସାଫଲ୍ୟ ପରେ ହିରୋ ମୋଟୋକର୍ପ ପକ୍ଷରୁ ନୂତନ ଗ୍ଲାମର 'ଏକ୍ସ ୧୨୫'ର ବଜାର ପ୍ରବେଶ କରାଯାଇଛି। ଏହା ଭାରତର ସବୁଠାରୁ ଅତ୍ୟାଧୁନିକ ୧୨୫ସିସି ମୋଟରସାଇକେଲ। ଗ୍ଲାମର ବ୍ରାଣ୍ଡର ଷ୍ଟାଇଲ୍ ଓ ଉଦ୍ଭାବନାର ପରମ୍ପରା ଏବଂ ୫୦ ଲକ୍ଷ ସନ୍ତୁଷ୍ଟ



ଗ୍ରାହକଙ୍କ ଭରସା ଉପରେ ଭିତ୍ତି କରି, ଗ୍ଲାମର 'ଏକ୍ସ ୧୨୫' ନିର୍ମାଣ କରାଯାଇଛି।

ଏହାର ନୂତନ ଓ ଆକର୍ଷଣୀୟ ଡିଜାଇନ୍, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଅତୁଳନୀୟ ପରଫରମାନ୍ସ ଏବଂ ଅସାଧାରଣ ସୁବିଧା ବୈଶିଷ୍ଟ୍ୟ ଗୁଡ଼ିକ ନୂତନ ଯୁଗର ଉଚ୍ଚାକାଂକ୍ଷୀ ଚାଳକର ପ୍ରୟୋଜନଗୁଡ଼ିକ ସମାଧାନ କରେ। ଡିଲକ୍ସ ୧୨୫ସିସି ସେଗମେଣ୍ଟକୁ ଏକ ନୂତନ ରୂପରେ ଉପସ୍ଥାପନା କରିବା ମାଧ୍ୟମରେ ଗ୍ଲାମର ଏକ୍ସରେ ଅନେକ ଗୁଡ଼ିଏ କ୍ୟାଟେଗରିର ପ୍ରଥମ ଉଦ୍ଭାବନା ସମୂହ ଉପଲବ୍ଧ ଥିବା ହିରୋ ମୋଟୋକର୍ପର ଚିଫ୍ ବିଜନେସ ଅଫିସର୍, ଇଣ୍ଡିଆ, ବିଜନେସ୍ ୟୁନିଟ୍ ଆଶୁତୋଷ ବର୍ମା କହିଛନ୍ତି। ଗ୍ଲାମର ଗ୍ଲାମର 'ଏକ୍ସ ୧୨୫'ସମଗ୍ର ଦେଶରେ ସମସ୍ତ ହିରୋ ମୋଟୋକର୍ପ ଡିଲରଶିପରେ ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ଡ୍ରମର ମୂଲ୍ୟ(ଏକ୍ସ-ଶୋରୁମ ଦିଲ୍ଲୀ) ୮୯,୯୯୯ ଓ ଓ ଡିସ୍କର ମୂଲ୍ୟ ୯୯,୯୯୯ ଟଙ୍କା।

## AFFIDAVIT

By virtue of an affidavit sworn before The Notary Public, Sunabeda dated 05/09/2025 I, Sri Abhimanyu Patra, S/o- Late Madhab Patra, Vill.- M Luhaba, Po.- Subai, Ps.- Nandapur, District- Koraput declare that I have changed my son's name from **Badant Patra** to **Bedant Patra**. Henceforth, my son shall be known as **Bedanta Patra** for all purposes.

Sd/-
Abhimanyu Patra

## LOST

By virtue of an affidavit before the notary, Govt. of India, Titilagarh on 7/9/25 and a complain lodged in Titilagarh police station on 3/9/25, I, **Hifzul Rahman,** S/o Hafiji Habibula Rahman resident of At- Neherunagar Ward No.7, PO/PS- Titilagarh, Dist- Balangir, Odisha do hereby declare that, my original ROR of Mouza Titilagarh KHA PS. Titilagarh, PS. No.84 purchased holding No. 463/460 (Plot No. 475/2862/4153 & Plot No. 475/2862) has been lost some where in Titilagarh market on 03/09/2025. If any person finds the same, may please contact My Advocate Mr. Manoj Kumar Hati mobile no. 8598911191.

## ଡୋରଭେରୀର ପ୍ରଥମ ତ୍ରୈମାସିକ ରାଜସ୍ୱରେ ଅସାଧାରଣ ଅଭିବୃଦ୍ଧି


ଭୁବନେଶ୍ୱର, ୯।୯ (ସମିସ): ବିଟୁବି ଗ୍ରୋସରି ଡିଲିଭେରି ପ୍ଲାଟଫର୍ମ ଡୋରଭେରୀ ଏହାର ସଞ୍ଚାଳନର ପ୍ରଥମ ତ୍ରୈମାସିକରେ ଅସାଧାରଣ ରାଜସ୍ୱ ଅଭିବୃଦ୍ଧି ହାସଲ କରିଛି। କମ୍ପାନୀ ୭.୫ କୋଟି ବାର୍ଷିକ ଆବର୍ତ୍ତିତ ରାଜସ୍ୱ (ଏଆର୍‌ଆର୍) ପ୍ରାପ୍ତ କରିଛି ଏବଂ ପ୍ରତିମାସ ୮୫-୯୦% ବୃଦ୍ଧି ରେକର୍ଡ କରୁଛି। ଏହା ଭାରତର ଶୀଘ୍ର ବିକଶିତ ହେଉଥିବା ବିଟୁବି ଗ୍ରୋସରି ପ୍ରକ୍ୟୋରମେଣ୍ଟ ସେକ୍ଟରରେ କମ୍ପାନୀର ମଜବୁତ ସ୍ଥିତିକୁ ପ୍ରକାଶ କରୁଛି। ଡୋରଭେରୀ ଭାରତର ବିଟୁବି ଗ୍ରୋସରି ସପ୍ଲାଇ ଇଣ୍ଡଷ୍ଟ୍ରିରେ ହେଉଥିବା ପରିବର୍ତ୍ତନରୁ ଲାଭ ଉଠାଇବା ପାଇଁ କୌଶଳମୂଳକ ଭାବରେ ସ୍ଥାନିତ ଅଛି ଏବଂ ରିଟେଲ ଓ ହସ୍ପିଟାଲିଟି କ୍ଷେତ୍ର ସହିତ ବିଭିନ୍ନ ବ୍ୟବସାୟ ପାଇଁ ପ୍ରୟୋଜନମୂଳକ ପ୍ରକ୍ୟୋରମେଣ୍ଟ ସମାଧାନ ପ୍ରଦାନ କରୁଛି। ଡୋରଭେରୀର ନିର୍ଦ୍ଦେଶକ ଜି. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି, ପ୍ରାରମ୍ଭିକ ସଫଳତା ଆମର ବ୍ୟବସାୟ ମୋଡେଲର ମଜବୁତି ଏବଂ ସୁସଂଗଠିତ ଗ୍ରୋସରି ପ୍ରକ୍ୟୋରମେଣ୍ଟର ବଢୁଥିବା ଚାହିଦାକୁ ପ୍ରତିଫଳିତ କରେ।

DOORVERY



## ଟାଟା ପାୱାର ପକ୍ଷରୁ ଗ୍ରାହକଙ୍କ ପାଇଁ ବହୁବିଧ ଟଚ୍ ପଏଣ୍ଟ

ଭୁବନେଶ୍ୱର, ୯।୯ (ସମିସ): ଦ୍ରୁତ ଗତିରେ ରୂପାନ୍ତରିତ ହୋଇଥିବା ଓଡିଶାରେ ବିଦ୍ୟୁତ୍ ଆଉ କେବଳ ଏକ ଉପଯୋଗିତା ନୁହେଁ, ଏହା ହେଉଛି ଏକ ସେବା ଅନୁଭୂତି। ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମ୍ ଯଥା ଟିପିସିଓଡିଏଲ, ଟିପିଏସଓଡିଏଲ, ଟିପିଏନଓଡିଏଲ ଏବଂ ଟିପିଡବ୍ଲ୍ୟୁଓଡିଏଲର ନେତୃତ୍ୱ ଅଧୀନରେ ରାଜ୍ୟରେ ବିଲିଂଠାରୁ ବହୁ ଆଗକୁ ବଢ଼ି ଗ୍ରାହକ ସେବା କ୍ଷେତ୍ରରେ ଏକ ବିପ୍ଳବ ଦେଖିବାକୁ ମିଳିଛି, ଯାହା ସେବା ହାସଲ କରିବା, ସହାନୁଭୂତି ଓ ନବସୃଜନ ପାଇଁ ଗଭୀର ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହେଉଛି। ଓଡିଶାରେ ପ୍ରାୟ ୧୦ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରୁଥିବା ଏହି ଡିସକମଗୁଡିକ ଭାରତର ସବୁଠାରୁ ବ୍ୟାପକ ଏବଂ ଗ୍ରାହକ କୈନ୍ଦ୍ରୀକ ବିଦ୍ୟୁତ୍ ବିତରଣ ବ୍ୟବସ୍ଥା ଗଠନ କରିଛନ୍ତି। ମୋବାଇଲ୍ ଆପ୍ ଏବଂ ହ୍ୱାଟସ୍‌ଆପ୍ ବିଲିଂରୁ ଆରମ୍ଭ କରି ଗ୍ରାମାଞ୍ଚଳ ସେବା ଶିବିର ଏବଂ ସ୍ଥାନୀୟ ସେବା କେନ୍ଦ୍ର ପର୍ଯ୍ୟନ୍ତ ଟାଟା ପାୱାର ଓଡିଶାରେ ବିଦ୍ୟୁତ୍ ସେବା ପ୍ରଦାନ, ବିଦ୍ୟୁତ୍ ସେବା ଅନୁଭୂତିକୁ ପୁନଃବ୍ୟାଖ୍ୟା କରିଛି। ଗ୍ରାହକମାନେ ଅନଲାଇନ୍ କିମ୍ବା ଏକ ମିସ୍ କଲ୍ ସେବା ମାଧ୍ୟମରେ ନୂତନ ସଂଯୋଗ ପାଇଁ ମଧ୍ୟ ଆବେଦନ କରିପାରିବେ ଯାହାଦ୍ୱାରା କାଗଜପତ୍ର ଏବଂ ଅଫିସ୍ ପରିଦର୍ଶନ ଏବେ ଅତୀତ ହୋଇଛି।



# ନେପାଳ ସଙ୍କଟ; ଆଶଙ୍କାରେ ସୀମା ପାର ବାଣିଜ୍ୟ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ନେପାଳ ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ବହୁତ ପୁରୁଣା। ନେପାଳ ଏହାର ଅଧିକାଂଶ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାରତରୁ କିଣେ। ଜେନ୍ ଜେଡ୍‌ର ପ୍ରତିବାଦ ଏବଂ ସରକାରର ପତନ ଏହି ବାଣିଜ୍ୟକୁ ପ୍ରଭାବିତ କରିବାର ସମ୍ଭାବନା ଅଛି। ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ବିରୋଧରେ ନେପାଳରେ ଏହି ପ୍ରତିବାଦ। ପରେ ଏଥିରେ ଦୁର୍ନୀତି ଏବଂ ବେକାରୀ ଭଳି ପ୍ରସଙ୍ଗ ଜୋରଦାର ହେଲା। ଏହି କାରଣରୁ ଭାରତର ସୀମାପାର ବାଣିଜ୍ୟରେ ବାଧା ସୃଷ୍ଟି ହୋଇପାରେ। ଅର୍ଥାତ୍, ନେପାଳ ପାଇଁ ଏବେ ଭାରତର ଅର୍ଥନୈତିକ 'ଜୀବନରେଖା' ବିପଦରେ। ତେବେ ଭାରତ ଏବଂ ନେପାଳ ଉଭୟ ବାଣିଜ୍ୟକୁ ସ୍ୱାଭାବିକ ରଖିବାକୁ ଚେଷ୍ଟା କରୁଛନ୍ତି।

ନେପାଳ ଏହାର ଅନେକ ଅତ୍ୟାବଶ୍ୟକୀୟ ସାମଗ୍ରୀ ଭାରତରୁ ମଗାଇଥାଏ। ଏଥିରେ ଔଷଧ, ଲୁହା, ମେସିନ, ପେଟ୍ରୋଲିୟମ ଉତ୍ପାଦ, ଚାଉଳ ଏବଂ ପନିପରିବା ଭଳି ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ। ଭାରତ ଏବଂ ନେପାଳ ମଧ୍ୟରେ ଭଲ ବାଣିଜ୍ୟ କାରବାର ରହିଛି। ଏପରି ପରିସ୍ଥିତିରେ ଦୁଇ ଦେଶ ମଧ୍ୟରେ ଦୃଢ଼ ଆର୍ଥିକ ସମ୍ପର୍କ ରହିଛି। ନେପାଳ ଭାରତରୁ ଚାଉଳ, ଶସ୍ୟ, ପନିପରିବା, ମସଲା ଏବଂ ଚିନି ଭଳି ଅଧିକାଂଶ ଖାଦ୍ୟ ସାମଗ୍ରୀ ଆମଦାନୀ କରେ। ନେପାଳରେ ଭାରତୀୟ ଔଷଧର ମଧ୍ୟ ବହୁତ ଚାହିଦା ଅଛି। ଏହା ବ୍ୟତୀତ ନେପାଳ ଭାରତରୁ ବୈଦ୍ୟୁତିକ ଉପକରଣ ସହ ଶକ୍ତି ଏବଂ ଇନ୍ଧନ ମଧ୍ୟ ଆମଦାନୀ କରିଥାଏ। ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ତାଲିକାରେ ପେଟ୍ରୋଲିୟମ୍ ଉତ୍ପାଦ ଶୀର୍ଷରେ ରହିଥିବାବେଳେ ପ୍ଲାଷ୍ଟିକ୍, ରବର ଭଳି କଞ୍ଚାମାଲ ଏବଂ କପଡ଼ା ଏବଂ କାଗଜ ଭଳି ଜିନିଷ ମଧ୍ୟ ରହିଛି ଆର୍ଥିକ ଦୃଷ୍ଟିରୁ, ଭାରତ ନେପାଳ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ନେପାଳରେ ଅନେକ ଜିନିଷ ତିଆରି ହୁଏ ନାହିଁ। ଏପରି ପରିସ୍ଥିତିରେ, ଭାରତରୁ ଆସୁଥିବା ସାମଗ୍ରୀ ନେପାଳର ଲୋକଙ୍କ ଶିଳ୍ପ ଏବଂ ଦୈନନ୍ଦିନ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଆର୍ଥିକ ସମ୍ପର୍କ ଦୁଇ ଦେଶ ମଧ୍ୟରେ ସହଯୋଗ ଏବଂ ବାଣିଜ୍ୟକୁ ମଜବୁତ କରେ।


## ପୂର୍ବ ତଟ ରେଳପଥ

### ପାର୍ସଲ ସ୍ଥାନ ଲିଜ୍‌ରେ ଦେବା ପାଇଁ ଇ-ନିଲାମ

08 SLRs ଏବଂ 04 VPs ର ଲିଜ୍ ଦେବା ନିମନ୍ତେ

| କ୍ର. | ଟ୍ରେନ୍ ନଂ. ଏବଂ CC ନମ୍ବର | ଠାରୁ - ପର୍ଯ୍ୟନ୍ତ | SLR ଆଗ/ପଛ | ଆବୃତ୍ତି | ଲଟ୍ ସମାପ୍ତି ସମୟ |
|---|---|---|---|---|---|
| 1 | 22974-73 | ପୁରୀ-ଗାନ୍ଧୀଧାମ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1130 ଘଣ୍ଟା |
| 2 | 20851-52 | ଭୁବନେଶ୍ୱର-ପୁଡୁଚେରୀ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1140 ଘଣ୍ଟା |
| 3 | 22805-06 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1150 ଘଣ୍ଟା |
| 4 | 12146-45 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ (ରାଉଣ୍ଡ ଟ୍ରିପ୍) | VP | 1 ଦିନ | 16.09.2025,1200 ଘଣ୍ଟା |
| 5 | 12074 | ଭୁବନେଶ୍ୱର - ହାଓଡ଼ା | F-1 | 7 ଦିନ | 17.09.2025,1130 ଘଣ୍ଟା |
| 6 | 12281 | ଭୁବନେଶ୍ୱର-ନୂଆଦିଲ୍ଲୀ | F-1 | 1 ଦିନ | 17.09.2025,1140 ଘଣ୍ଟା |
| 7 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | F-1 | 1 ଦିନ | 17.09.2025,1150 ଘଣ୍ଟା |
| 8 | 18425 | ପୁରୀ-ଦୁର୍ଗ | R-1 | 7 ଦିନ | 17.09.2025,1200 ଘଣ୍ଟା |
| 9 | 20472 | ପୁରୀ-ଶ୍ରୀ ଗଙ୍ଗାନଗର | R-1 | 1 ଦିନ | 17.09.2025,1210 ଘଣ୍ଟା |
| 10 | 22890 | ପୁରୀ - ଦୀଘା | R-1 | 1 ଦିନ | 17.09.2025,1220 ଘଣ୍ଟା |
| 11 | 12278 | ପୁରୀ - ହାଓଡ଼ା | R-1 | 7 ଦିନ | 17.09.2025,1230 ଘଣ୍ଟା |
| 12 | 22974 | ପୁରୀ-ଗାନ୍ଧୀଧାମ | R-1 | 1 ଦିନ | 17.09.2025,1240 ଘଣ୍ଟା |

ଲଟ୍ ଆରମ୍ଭ ହେବା ତାରିଖ ଓ ସମୟ : 16.09.2025, 1100 ଘଣ୍ଟା (କ୍ରମ ସଂ. 1 ରୁ 4 ପାଇଁ), 17.09.2025, 1100 ଘଣ୍ଟା (କ୍ରମ ସଂ. 5 ରୁ 12 ପାଇଁ), ସର୍ବନିମ୍ନ ବୃଦ୍ଧି : 0.20% (ସମସ୍ତ କ୍ରମ ସଂ. ପାଇଁ), ଲଟ୍ ସ୍ଥିତି : ତ୍ରୁଟି କ୍ୟାଟାଲଗ୍‌ରେ ନୂଆ (ସମସ୍ତ କ୍ରମ ସଂ. ପାଇଁ)।

କ୍ରମ ସଂ. 1 ରୁ 4 : ନିଲାମ କ୍ୟାଟାଲଗ୍ ସଂ. KUR-VP-Sept-25, କ୍ରମ ସଂ. 5 ରୁ 12 : ନିଲାମ କ୍ୟାଟାଲଗ୍ ସଂ. KUR-SLR-Sept-02 ଏବଂ ତା.01.09.2025ରିଖ ରେ ପ୍ରକାଶ ପାଇବ (VPs & SLRs)।

ଉପରୋକ୍ତ ଇ-ନିଲାମ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ।

PR-569/Q/25-26 — ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍


## AFFIDAVIT

By virtue of an affidavit sl No.- 705/25, dtd. 01.09.2025 before the Notary Public, Bhubaneswar, I, Jitan Sahoo,, At/Po- Talabasta, Ps- Banki, Dist.- Cuttack-754007 have changed my name from Jitrndra Kumar Sahoo to Jitan Sahoo. Henceforth I shall be known as Jitan Sahoo for all purposes.

Sd/- Jitan Sahoo

## AFFIDAVIT

By virtue of an affidavit sworn before Notary Public Bhubaneswar, on dated 09.09.2025, I, Nabina Barik resident At- Khajuria,Ps- Kamakshya Nagar, Dist: Dhenkanal, PIN- 759018, Odisha, , declare that I have changed the name of my Son from Prenes Barik to Prince Barik. Henceforth He shall be known as **PRINCE BARIK** for all future purposes.

## Notice
### (Above 18 years of age)

By virtue of an Affidavit sworn before the Notary Public, Udala, Mayurbhnaj, dated 09-09-2025 I, Thibu Murmu, Address At- Dahanibuda, Po- Silaghati, Ps- Khunta, Dist- Mayurbhanj, Pin- 757019 declare that I have changed my name Thiburam Murmu to Thibu Murmu . Henceforth I shall be known as Thibu Murmu for all purposes.

Thibu Murmu

## AFFIDAVIT

By virtue of an affidavit sworn before the Executive Magistrate, Delanga, AF No. 1522, on dated 22/08/2025, I **SUMANTA PRADHAN**, S/o Banambar Pradhan resident of Village At- Rench, Po- Berboi, Ps - Delanga, Via- Berboi, Dist- Puri, State- Odisha, Pin- 752016 declare that I have changed my minor son's name from **ISWARAJITI PRADHAN** to **SURYANSHU PRADHAN.** Henceforth, he shall be known as **SURYANSHU PRADHAN** for all future purposes.

Sd- **SUMANTA PRADHAN**

## AFFIDAVIT

I, Puspanjali Nayak, W/o- Shri Sridhar Nayak, resident of Village - Ostia, Po- Rasanga, PS Gania, Dist - Nayagarh, Pin - 752085, Odisha, declare by this affidavit No - 43932, dated - 09.09.2025, that now on wards I shall be known as Mrs.**PUSPANJALI NAIK** for all future purposes.

## NOTICE

By virtue of an affidavit sworn before the Executive Magistrate, Bhubaneswar, CF No. 47, on dated 09/09/2025, I **MANASI BEHERA**, W/o Kalandi Behera resident of Village At- Balipada, Po- Binayakpur, Ps - Pipili, Dist- Puri, State- Odisha, Pin- 752104 declare that I have changed my name from **MANASI BHOI** to **MANASI BEHERA.** Henceforth, I shall be known as **MANASI BEHERA** for all future purposes.

(Sd- **MANASI BEHERA**)


CAD-1702

TRIBAL DEVELOPMENT CO-OPERATIVE CORPORATION OF ORISSA LTD (TDCCOL)
Tel. 0674-2542475 / 2542617. Fax-2544828. Email: admin@tdccorissa.org.
website: www.tdccodisha.org

No.2462/TPCCOL | Date- 08.09.2025

**Detail Tender Call Notice for Supply of a complete set up for Mustard Oil Expelling Machine along with seeds cleaning machine, Oil filter machine, bottling & labeling machine.**

Sealed Tender(s) are invited from only registered dealers/ manufacturers/ authorized suppliers for supply, installation, testing and commissioning of one **Cold Pressed Mustard Oil Expelling Machine along with seeds cleaning machine, Oil filter machine, bottling & labeling machine with crushing capacity up to 100Kg-120kg/Hr.,** with electrical and tools on turnkey basis to be installed at the following place:

| Sl | Machine to be installed | District | TDCCOL Branch |
|---|---|---|---|
| 1 | Oil Expelling Machine (with cleaning and bottling unit) | KANDHAMAL | BALLIGUDA |

The bidder(s) must submit Demand Draft for Rs. 50, 000/- (Rupees Fifty Thousand) only, drawn in favor of "Managing Director", TDCCOL, payable at Bhubaneswar" towards Earnest Money Deposit (EMD) for the machine. The Tender must be accompanied with brochure containing technical specifications of the machine. The details of the Tender call notice can be downloaded from www.tdccorissa.org.

The bidder(s) should quote their basic rate, taxes, installation charges, freight FOR destination, packing/ forwarding charges, training charges (maximum for 2 days) at site and other charges if any. The supply of the Machines including installation, testing and commissioning is to be completed within 20 days from receipt of the order. The last date for acceptance of Tender is up to **2:00 pm on dated-10.10.2025**

The undersigned reserves the right to accept or reject any or all Tenders without assigning any reason thereof.

OIPR-26005/11/0009/2526 | Managing Director


## AFFIDAVIT

By virtue of an affidavit sworn before the Executive Magistrate, Tangi, Dist.: Khordha, **I, Fakir Charan Panda,** aged about 68 years, S/o: Bhramarbar Panda of Village: Balarampur, PO.: Rameswar, PS: Nirakarpur, Dist.: Khordha declare by this Affidavit No.: 1166, Dated: 29.07.2025 that now onwards my wife's name will be known as **Susama Rani Panda** for all future purposes.

**Fakir Charan Panda**

## AFFIDAVIT

By virtue of an affidavit C.F No.-22, dtd. 01.09.2025 in the court of the Executive Magistrate, Bhubaneswar, I , Pratap Kumar Dash have changed my name from Swadhin Kumar Das to Pratap Kumar Dash. Henceforth I shall be known as Pratap Kumar Dash for all purposes.

**Sd/-Pratap Kumar Dash**

## AFFIDAVIT

By virtue of an Affidavit before Notary Public, Malkangiri, I, **Suruja Hembram**, aged about 60 years, W/o.: Rupae Hembram resident of Village: M.V-03, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 1253/ 25, Dated: 02.09.2025 that I have changed my & my husband surname from Suraj Mardi, W/o.: Rupae Mardi to **Suruja Hembram, W/o.: Rupae Hembram**. Henceforth I shall be known as **Suruja Hembram, W/o.: Rupae Hembram** for all future purposes.

## AFFIDAVIT

By virtue of an affidavit C.F No.-23, dtd. 01.09.2025 in the court of the Executive Magistrate, Bhubaneswar, I , Manguli Charan Dash have changed my name from Manguli Bhoi to Manguli Charan Dash. Henceforth I shall be known as Manguli Charan Dash for all purposes.

**Sd/-Manguli Charan Dash**

## AFFIDAVIT

By virtue of an Affidavit before Notary Public, Malkangiri, I, **Lachmi Padiami**, aged about 25 years, W/o.: Ram Padiami, D/o.: Muka Madkami, resident of Village/PO.: Tamasa, P.S./ Dist.: Malkangiri, Odisha, declare by this Affidavit No.: 1540/2025, Dated: 08.09.2025 that I have changed my name from Lachmi Madkami to **Lachmi Padiami**. Henceforth I shall be known as **Lachmi Padiami**, for all future purposes.

## AFFIDAVIT

By virtue of an affidavit sworn before The Executive Magistrate, Rairangpur, Mayurbhanj dated- 30/07/2025. I, Paresh Hembram, S/o Late Lalmohan Hembram, Address: Village- Kalimati, PO- Sanpurunapani, PS- Bisoi, Dist- Mayurbhanj, Odisha, PIN- 757033 declare that I have changed my daughter's name from Dangi Hembram (old name) to Basanti Hembram (new name). Henceforth, she shall be known as **Basanti Hembram** (new name) for all future purposes.

## AFFIDAVIT

By virtue of an affidavit sworn before The Notary Public, Bhubaneswar, dtd- 03.09.2025 I, **Kiran Das,** W/o Abhaya Kumar Panda, resident of At/Po- Kalarahanga, PS- Mancheswar, Bhubaneswar, Dist- Khordha, Odisha, PIN- 751024 declare that I have changed my minor daughter's name from **Adyasha Das** to **Adyasha Panda.** Henceforth she shall be known as **Adyasha Panda** (new name) for all purposes.

**Kiran Das**

## AFFIDAVIT

I, Monoranjan Parida, S/o- Udyanath Parida, resident of At- Bhikapada, Ps- Khalikote, Dist- Ganjam, Pin- 761029, Odisha declared by this affidavit No. 730, dtd- 08/09/2025 that now onwards I shall be known as **MANOJ KUMAR PARIDA** for all future purposes.

## AFFIDAVIT

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Akhila Kumar Sahoo,** S/o- Bhikari Charan Sahoo, resident of New Forest park, Ashok Nagar, PS.- Capital, Bhubaneswar, Dist.- Khordha, Odisha, 751009 declare that I have changed my minor daughter's name from **Sai Anwesha Sahoo** to **Saianwesaa Sahoo.** Henceforth she shall be known as **Saianwesaa Sahoo** (new name) for all purposes.

**Akhila Kumar Sahoo**

## AFFIDAVIT

By virtue of an affidavit sworn before The Notary Public, Bhubaneswar, dtd- 03.09.2025 I, **Muralidhar Sasmal,** S/o Budhiram Sasamal, resident of At- Pendurapalli, PO- Bheteswar, PS- Banapur, Dist- Khorda, Odisha, PIN- 752031 declare that I have changed my name from **Murali Sasamal** to **Muralidhar Sasmal.** Henceforth I shall be known as **Muralidhar Sasmal** (new name) for all purposes.

**Muralidhar Sasmal**

## AFFIDAVIT

By virtue of an affidavit sworn before The Executive Magistrate, Dhenkanal dated- 22/04/2025. I, **Avanti Samal,** D/o- Trinath Samal, Address: Village- Krushnakumarpur, PO- Kaimati, PS- Sadar, Dist- Dhenkanal, PIN- 759027, Odisha declare that I have changed my name from **Abanti Samal** to **Avanti Samal.** Henceforth, I shall be known as **Avanti Samal** (new name) for all purposes.

**Avanti Samal**

## AFFIDAVIT

By virtue of an affidavit No- 5384 sworn before the Executive Magistrate Champua on dated- 06/09/2025. I Rebati Naik, W/O- Netrananda Naik, Resident of Vill/PO- Asanpat, PS- Baria, Dist- Keonjhar, Odisha, Pin- 758044 declare that I have changed my minor daughter's name from **CHANPI NAIK** (old name ) to **CHAMPI NAIK** (new name) Henceforth she shall be known as **CHAMPI NAIK** all future purposes .

**REBATI NAIK**

## AFFIDAVIT

By virtue of an affidavit (CF No. 83, dtd- 07/10/2024) before The Exeutive Magistrate, Bhubaneswar. I, **Sourajit Acharya**, S/o Sashikanta Acharya, resident of At- Sariabarpatna, PO- Debidol, Dist- Jagatsinghpur, Odisha (Aadhar Card No: 8408 2004 2789) declares that, Sourajit Acharya and Sourjit Acharya is one and same person who is myself and Sashikanta Acharya and Sasikanta Acharya is one and same person who is my father.

## AFFIDAVIT

I, Sudhanshu Sekhar Samal, aged about 46 years, S/o-Dhaneswar Samal, resident of At- Haladibasanta, Po- Sahupada, Ps- Bariramachandrapur, Dist- Jajpur, Pin- 755003, Odisha, do hereby declare by this affidavit No.1838, dtd- 08/09/2025, that now onwards I shall be known as **SUDHANSU SEKHAR SAMAL** for all future purposes.

## AFFIDAVIT

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Sudarsan Jena,** S/o Ratha Jena, resident of At/Po- Chanarpur, PS- Balikuda, Dist- Jagatsinghpur, Odisha, PIN- 754107 declare that I have changed my minor daughter's name from **Sonakshi Nayak** to **Sonakshi Jena.** Henceforth she shall be known as **Sonakshi Jena** (new name) for all purposes.

**Sudarsan Jena**

## AFFIDAVIT

By virtue of an affidavit sworn before The Notary Public, Bhubaneswar, dtd- 04.09.2025 I, **Susanta Khatua,** S/o Sudhira Chandra Khuntia, resident of At- Chakeisiani, PO- Rasulgarh, PS- Mancheswar, Bhubaneswar, Dist- Khordha, Odisha, PIN- 751010 declare that I have changed my name from **Susanta Kumar Khuntia** to **Susanta Khatua.** Henceforth I shall be known as **Susanta Khatua** (new name) for all purposes.

**Susanta Khatua**



# ଭୁବନେଶ୍ୱର ସିଟି

## ଆସୁଛନ୍ତି ମା'

ବୀର ସୁରେନ୍ଦ୍ରସାଏ ନଗର



# ତୋରଣରେ 'ନନ୍ଦିଘୋଷ ରଥ' ମଡେଲ୍

ଭୁବନେଶ୍ୱର, ୯।୯(ସମିସ): ପାର୍ବଣ ଋତୁରେ ମା'ଙ୍କ ଆବାହନ ପାଇଁ ରାଜଧାନୀରେ ଆରମ୍ଭ ହୋଇଛି ପୂଜା ପ୍ରସ୍ତୁତି। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିଯୋଗିତା ମଧ୍ୟ ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ସେହିକ୍ରମରେ ଭିଏସ୍‌ଏସ୍‌ନଗର ପୂଜା କମିଟି ପକ୍ଷରୁ ଏଥର ୪୪ଫୁଟ ଉଚ୍ଚତା ବିଶିଷ୍ଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ସଦୃଶ ତୋରଣ ଆକର୍ଷଣ ପାଲଟିବ। ୧୯୭୮ ମସିହାରୁ ପ୍ରଥମେ ଛୋଟ ଆକାରରେ ଆରମ୍ଭ ହୋଇଥିବା ଦୁର୍ଗାପୂଜା ଏବେ ବହୁ ଆଡ଼ମ୍ବରରେ ପାଳନ କରାଯାଉଛି। ସୁନିଆ ତିଥିରୁ କୁଆଖାଇ ନଦୀରୁ ମୃର୍ତ୍ତିକା ଉତ୍ତୋଳନ ହୋଇ ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଚଳିତ ବର୍ଷ ମା' ମୂର୍ତ୍ତିର ଉଚ୍ଚତା ୧୪ଫୁଟ ରହିଥିବା ବେଳେ ଜରି ମେଢ଼ର ଉଚ୍ଚତା ୧୮ ଫୁଟ ରହିଛି। ତେବେ ଏହି ଜରି ମେଢ଼ ବାରଙ୍ଗ ଫୁଲପୋଖରୀରୁ ଆସିଥାଏ। ଏଠାରେ ମୂର୍ତ୍ତି ନିର୍ମାଣର ବିଶେଷତ୍ୱ ହେଉଛି ଗଙ୍ଗାନଦୀରୁ ଆସିଥିବା ମାଟିରେ ପ୍ରଲେପ ଦିଆଯାଏ। ପୂର୍ବବର୍ଷ ଭଳି ଏଥର ମଧ୍ୟ ମା'ଙ୍କୁ ରୂପା ମୁକୁଟ ଓ ରୂପା ଅଳଙ୍କାରରେ ସଜ୍ଜିତ କରାଯିବ। ପରମ୍ପରା ହେଉଛି ଅଷ୍ଟମୀରେ ଖେଚୁଡ଼ି ଡାଲମା ଭୋଗ ଓ ଦଶମୀରେ ଦହିପଖାଳ, ଶାଗଭଜା ଭୋଗ ସହିତ ନବମୀରେ ଅନ୍ନ ପ୍ରସାଦ ବିତରଣ କରାଯିବ। ଏହା ବ୍ୟତିତ କଲୋନୀର ପ୍ରୟ ୨୫୦୦ ଘରେ ବୁନ୍ଦି ଭୋଗ ଦିଆଯାଏ। ଏହି ପୂଜା କମିଟିର ଆଉ ଏକ ବିଶେଷତ୍ୱ ହେଉଛି ମା'ଙ୍କ ପୂଜା ପାଇଁ ସଂଗ୍ରହ ଦାନ ଆଦାୟ ଓ ଖର୍ଚ୍ଚର ହିସାପ ଅଡିଟ୍ ପରେ ପ୍ରତି ଘରେ ଦିଆଯାଏ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ନବମୀରେ ଆକର୍ଷଣ ପାଲଟିବ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସାଥୀମାନେ ଭଜନ ପରିବେଷଣ।



ପୂଜାରେ ଭିଏସ୍‌ଏସ୍ ନଗର ଓ ଇଡ୍‌କୋ କଲୋନୀରୁ ଦାନ ସଂଗ୍ରହ କରାଯାଏ। ବଜେଟ ଅପେକ୍ଷା ପ୍ରତିବର୍ଷ ଶୃଙ୍ଖଳିତ ପୂଜା ଉପରେ ଗୁରୁତ୍ୱ ଦିଆଯାଏ। ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଖି ଝଲସିବା ଭଳି ରଙ୍ଗବେରଙ୍ଗର ଆଲୋକମାଳାରେ ଗେଟ୍ ନିର୍ମାଣ କରାଯିବ। ଯାହା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ଆଶା ରହିଛି।

-ପ୍ରତାପ କୁମାର ନନ୍ଦ, ସାଧାରଣ ସମ୍ପାଦକ



ମାଆଙ୍କ ପୂଜା ଭାଇଚାରା ଭିତିରେ ହେଉଥିବା ବେଳେ ପ୍ରତି ଘରେ ଦାନ ସଂଗ୍ରହ ସହିତ ନିମନ୍ତ୍ରଣ ଭୋଗ ଦେବାର ପରମ୍ପରା ରହିଛି। ଚଳିତ ବର୍ଷ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭସାଣୀ ହେବ। ଭୁବନେଶ୍ୱର ଭସାଣ ଉତ୍ସବ ସମିତି ସହିତ ପ୍ରଥମରୁ ନିବନ୍ଧିକୃତ ହୋଇଥିବା ଯୋଗୁଁ ଭସାଣୀ ଦିନ ଭିଏସ୍‌ଏସ୍ ନଗରରୁ ବାଣୀବିହାର ଛକ, ସହିଦନଗର, ରୁପାଲି ଛକ ଦେଇ ରାଜମହଲ ଛକ ପର୍ଯ୍ୟନ୍ତ ଭସାଣ ଯାତ୍ରା ଅନୁଷ୍ଠିତ ହେବ।

-ମନୋଜ କୁମାର ସାହୁ, ଯୁଗ୍ମ ସମ୍ପାଦକ



ବୀର ସୁରେନ୍ଦ୍ରସାଏ ନଗର ମାଆଙ୍କ ପୂଜାରେ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁମାନେ କିଭଳି ସହଜରେ ମା'ଙ୍କ ଦର୍ଶନ କରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ସ୍ୱେଚ୍ଛାସେବୀଙ୍କ ସମେତ ସିସିଟିଭି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆଦି କରାଯାଇଛି।

-ଦିଲ୍ଲୀପ ଦାଶଶର୍ମା, ପୂଜା କମିଟି ସଦସ୍ୟ

## ବିଜେଡି ପକ୍ଷରୁ ସଦାଶିବ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୯।୯(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କର କଥା ଓ କାର୍ଯ୍ୟରେ ଫରକ୍ ନଥିଲା। ଭୁସଂସ୍କାର କାର୍ଯ୍ୟକ୍ରମରେ ତାଙ୍କର ତ୍ୟାଗପୂତ ଅବଦାନ ଆଜି ବି ଲୋକ ମୁଖରେ ପ୍ରଚାରିତ ଏବଂ ଚିରଦିନ ପାଇଁ ଉଦାହରଣ ହୋଇ ରହିବ ବୋଲି ମଙ୍ଗଳବାର ତାଙ୍କର ପୁଣ୍ୟ ତିଥିରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

କ୍ୟାପିଟାଲ ହସ୍ପିଟାଲ ଛକରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ପୁଣ୍ୟତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳିତ ହୋଇଛି। ପ୍ରଥମେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଶ୍ୱଜିତ୍ ପଟ୍ଟନାୟକ, ବିଜୟ ସାହୁ, ଅକ୍ଷୟ କୁମାର ସାମଲ, ପ୍ରଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ବସନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।

# ମୌଳିକ ସୁବିଧା ଦାବିରେ ଲୋୟର୍ ପିଏମଜିରେ ବିକ୍ଷୋଭ



ଭୁବନେଶ୍ୱର, ୯।୯(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ କେ. ବାଲିପାଳ ଗ୍ରାମ ପଞ୍ଚାୟତର ଆଦିମ ଅଧିବାସୀ ତଥା ଜନଜାତିମାନେ ମୌଳିକ ଆବଶ୍ୟକତା ଦାବିରେ ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ ସେମାନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିଛନ୍ତି। ଗଣଧାରଣା ଦେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ଉକ୍ତ ପଞ୍ଚାୟତବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଜମି ପଟ୍ଟା ପ୍ରଦାନ କରାଯିବା ସହିତ ସମସ୍ତ ବିସ୍ଥାପିତ ପରିବାରଙ୍କୁ 'ବସୁନ୍ଧରା' ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବା ଦାବି ରହିଛି। ସ୍ୱାଧୀନତାର ୭୯ ବର୍ଷ ବିତି ଯାଇଥିଲେ ମଧ ଉକ୍ତ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରାଯାଇନଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗ୍ରାମ ପଞ୍ଚାୟତର ସମସ୍ତ ପରିବାରଙ୍କୁ ବିଦ୍ୟୁତ ସଂଯୋଗ କରାଯିବା ପ୍ରମୁଖ ଦାବି ରହିଛି। ଆଜି ପର୍ଯ୍ୟନ୍ତ ଗ୍ରାମରେ ବିଦ୍ୟୁତ ସେବା ଏବଂ ମୋବାଇଲ ନେଟଓ୍ୱର୍କ ଭଳି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହୋଇଛନ୍ତି ଏବଂ ସେଥିପାଇଁ ସେଠାରେ ଏକ ମୋବାଇଲ ନେଟଓ୍ୱର୍କ ମଧ୍ୟ ସ୍ଥାପନ କରିବା ନିମନ୍ତେ ଦାବିପତ୍ରରେ ଦର୍ଶାଯାଇଛି। ଅନ୍ୟ ଦାବି ଗୁଡିକ ମଧ୍ୟରେ ଅନୁନ୍ନତ ହାଟଡିହିକୁ ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ କରିବା, ଗ୍ରାମରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବା ଆଦି ଅନ୍ତର୍ଭୁକ୍ତ। ଏହି ବିକ୍ଷୋଭରେ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ସାଧାରଣ ସମ୍ପାଦକ କୁସୁନୁ ଗିଲୁଆ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡରୀ, ବୁଦ୍ଧିରାମ ପୂର୍ତ୍ତି, ରାମାୟେ ପୂର୍ତ୍ତି, ଜିରୁଙ୍ଗ ବଦରା, ଜୁରେ ପୂର୍ତ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ତେବେ ସମସ୍ତ ଦାବି ୩ ସପ୍ତାହ ମଧ୍ୟରେ ପୂରଣ ନହେଲେ ସେପ୍ଟେମ୍ବର ତୃତୀୟ ସପ୍ତାହରେ ବିଧାନସଭା ଘେରାଉ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ଗୋଇପାଇ ପ୍ରକାଶ କରିଛନ୍ତି।

# ଦିବଂଗତ ଅଙ୍ଗଦାତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା



ଯାଁଳା/ ଭୁବନେଶ୍ୱର, ୯।୯(ସମିସ): ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ ଚନ୍ଦକା ଥାନା ଛତାବର ଆଦିବାସୀ ସାହିର ହୁଲ୍ଲାସ ଦିହୁଡି (୫୨)। କିନ୍ତୁ ମୃତ୍ୟୁ ପରେ ହୁଲ୍ଲାସ ତାଙ୍କ ଅଙ୍ଗ ଦାନ କରି ଅମର ହୋଇଯାଇଛନ୍ତି। ବ୍ରେନ ଡେଡ୍ ପରେ ତାଙ୍କ ଯକୃତକୁ ବାହାର କରାଯାଇ ଅନ୍ୟ ଏକ ରୋଗିଙ୍କ ଦେହରେ ଲଗାଯିବା ପାଇଁ ପଠାଇଦିଆଯାଇଛି। ଆଜି ତାଙ୍କ ମର ଶରୀର ଛତାବର ଗ୍ରାମକୁ ଆସିଥିଲା। ଗାଁ ମଶାଣିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହୁଲ୍ଲାସଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯିବା ପରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କ ତିନି ପୁଅ ଓ ବୋହୂମାନେ ଉପସ୍ଥିତ ଥିଲେ। ହୁଲ୍ଲାସଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଥାଉକି ହୁଲ୍ଲାସ ଏକ ଅନୁଷ୍ଠାନରେ ସିକ୍ୟୁରିଟି ଭାବେ କାମ କରୁଥିଲେ। ଗତ ୨୩ ତାରିଖ ଦିନ ଛତାବର ବଜାରରେ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ ବାଇକ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅଗଷ୍ଟ ୩୧ ତାରିଖରେ ତାଙ୍କୁ ସମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗତକାଲି ତାଙ୍କ ବ୍ରେନ ଡେଡ୍ ହେବା ପୂର୍ବରୁ ସମ ଡାକ୍ତରଖାନାର ଡାକ୍ତର ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଅଙ୍ଗଦାନ କରିବା କଥା ତାଙ୍କ ପୁଅ ମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅଙ୍ଗଦାନ ପ୍ରସ୍ତାବରେ ପୁଅ ମାନେ ରାଜି ହୋଇଥିଲେ। ହୁଲ୍ଲାସଙ୍କ ବ୍ରେନ ଡେଡ୍ ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଷ୍ଟେଟ ଅର୍ଗାନ ଆଣ୍ଡ ଟିସ୍ୟୁ, ନ୍ୟାସନାଲ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ ସହଯୋଗରେ ଅଙ୍ଗ ବାହାର କରି ପ୍ରତ୍ୟାରୋପଣ ପ୍ରକ୍ରିୟାର ପ୍ରସ୍ତୁତ କରିଥିଲେ। ମୃତ ହୁଲ୍ଲାସଙ୍କ ପୁଅ ମାନଙ୍କ କହିବା କଥା ଆମ ବାପା ଅଙ୍ଗଦାନ କରି ଅମର ହୋଇଗଲେ। ଛତାବର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗଙ୍କ ସହ ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକ ତାଙ୍କ ଶେଷକୃତ୍ୟ ସମୟରେ ସାମିଲ ହୋଇଥିଲେ। ଅପରପକ୍ଷେ ମଙ୍ଗଳବାର ହସ୍ପିଟାଲ ପକ୍ଷରୁ ହୁଲ୍ଲାସଙ୍କ ମୃତ ଶରୀରକୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଗାର୍ଡ ଅଫ୍ ଅନର ପ୍ରଦାନ ସମୟରେ ସମ୍ ହସ୍ପିଟାଲ୍ ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡ. ଜ୍ୟୋର୍ତିମୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଉଦ୍‌ଯାପିତ

# ଶେଷ ସନ୍ଧ୍ୟା: ଓଡ଼ିଶୀ ନୃତ୍ୟରେ 'ଦୁର୍ଯ୍ୟୋଧନ'

ଭୁବନେଶ୍ୱର, ୯।୯(ସମିସ): ସୃଜନ ଅନୁଷ୍ଠାନ ଦ୍ୱାରା ଓଡିଶୀ ଦଳଗତ ନୃତ୍ୟାଭିନୟ 'ଦୁର୍ଯ୍ୟୋଧନ' ସନ୍ଧ୍ୟାର ବିଶେଷ ଆକର୍ଷଣ ସାଜିଥିଲା। ଏହି ମର୍ମସ୍ପର୍ଶୀ ଉପସ୍ଥାପନାରେ, ଦୁର୍ଯ୍ୟୋଧନଙ୍କୁ ଖଳନାୟକ ଭାବରେ ନୁହେଁ, ବରଂ ଏକ ଦୁଃଖଦ ନାୟକ ଭାବରେ ଚିତ୍ରଣ କରାଯାଇଥିଲା ଯାହାଙ୍କ ମହାନ ଗୁଣ - ଦାନଶୀଳତା, ସାହସ ଏବଂ ଭକ୍ତି ଶେଷରେ ଏକ ପ୍ରଚଣ୍ଡ ଅହଂକାର ଦ୍ୱାରା ଆଚ୍ଛାଦିତ ହୋଇଥିଲା, ଯାହା ତାଙ୍କ ବିନାଶର କାରଣ ଥିଲା। ଏହିପରି ଦୁର୍ଯ୍ୟୋଧନ ଚରିତ୍ରର ଜୀବନ ଏବଂ ମୃତ୍ୟୁକୁ ବର୍ଣ୍ଣନା କରଯାଇଥିଲା ଓଡିଶୀ ନୃତ୍ୟ ମାଧ୍ୟମରେ। ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଲିପି ସହ ଡ. ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଏହା ପ୍ରସ୍ତୁତ କରାଯାଇଥିଲା।



ମଙ୍ଗଳବାର ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ରବୀନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ଅତିଥି ଭାବେ ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦ, ଏମଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଚଳିତ ବର୍ଷ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ, ନୃତ୍ୟ ନିର୍ଦ୍ଦେଶିକା ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମାଧବୀ ମୁଦଗଲ ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ ଏବଂ ସଙ୍ଗୀତ ପ୍ରଶିକ୍ଷକ ଅଲେଖ ଚନ୍ଦ୍ର ସାମଲଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ' ପ୍ରଦାନ ହୋଇଥିବାବେଳେ ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରର ୪୦ ବର୍ଷରୁ କମ୍ ବୟସର ଶତାବ୍ଦୀ ମଲ୍ଲିକଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ଏବଂ ମୁରଲୀଧର ସ୍ୱାଇଁଙ୍କୁ ଓଡ଼ିଶୀ ସଙ୍ଗୀତ ପାଇଁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ' ଏବଂ ଚଳିତ ବର୍ଷ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ନୃତ୍ୟ, ସଙ୍ଗୀତ ଏବଂ ନାଟ୍ୟ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ପାଇଁ ରଘୁନାଥ ଦାସ ଏବଂ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ରୋଟାରୀ କନ୍‌ଫ୍ଲୁଏନ ପକ୍ଷରୁ ଆଲୋଚନାଚକ୍ର



ଭୁବନେଶ୍ୱର/ଯାଁଳା, ୯।୯(ସମିସ): ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁରସ୍ଥିତ ଏସଆଇଡିବିଆଇ ବ୍ୟାଙ୍କ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କ୍ଲବର ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ରୋଟାରୀଆନ ଡା. ଲଳିତ କୁମାର ବେହେରା, ଡ. ବିଷ୍ଣୁ ଚରଣ ସାହୁ, ନିଳାଚଳ ପ୍ରଧାନ, ବିଜୟ କୁମାର ସାମଲ, ପ୍ରିତ୍ କୁମାର ଦାସ, ସରୋଜ କୁମାର ସାହୁ ପ୍ରମୁଖ ଅଂଶ ଗ୍ରହଣ କରି କରିଥିଲେ। ଏଥିରେ ୫୦ରୁ ଅଧିକ ରୋଟାରିଆନ ଅଂଶ ଗ୍ରହଣ କରିଥିଲେ। କ୍ଲବ୍ ତରଫରୁ ସମ୍ପାଦକ ପ୍ରଣତ୍ କିଶୋର ଜେନା ଧନ୍ୟବାଦ ଦେଇଥିଲେ।

## 'ଲହରୀ' ଦେଖିଲେ ଗଣମାଧ୍ୟମ ପ୍ରତିନିଧି



ଭୁବନେଶ୍ୱର, ୯।୯(ସମିସ): ଚଳିତ ସେପ୍ଟେମ୍ବର ୧୨ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବହୁ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ଲହରୀ'। ମୁକ୍ତିଲାଭ ପୂର୍ବରୁ କଳ୍ପନା କନିକା ଗ୍ୟାଲେରିଆ ମଲ୍ ସ୍ଥିତ ପିଭିଆର ସିନେମାରେ ଏହାର ଏକ ସ୍ୱତନ୍ତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ କେବଳ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ସିନେମା ଦେଖିଥିଲେ। ତେବେ କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ 'ଲହରୀ' ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି। ସିନେମାରେ ଏଥିରେ ମାଟିର କଥା, ସଂସ୍କୃତି ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥାକୁ ଦର୍ଶାଯାଇଥିବା ବେଳେ ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅମର୍ଦ୍ଧେ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଯୋଜନା କରିଛନ୍ତି ଚଳଚ୍ଚିତ୍ର ନିର୍ମାତା ଝିଲିକ ଭଟ୍ଟାଚାର୍ଯ୍ୟ। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଛନ୍ତି। ଅଭିନେତା ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଥିବାବେଳେ ବାବୁସାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

## କ୍ୟାପିଟାଲ୍ ହସ୍ପିଟାଲ୍ ମାଆ ଓ ଶିଶୁ ଚିକିତ୍ସାଳୟ

# ୱାଟର୍ ପ୍ୟୁରିଫାୟର୍ ଅଚଳ

ଭୁବନେଶ୍ୱର, ୯।୯(ସମିସ): ରାଜଧାନୀର କ୍ୟାପିଟାଲ ହସ୍ପିଟାଲ ଉପରେ କେବଳ ଭୁବନେଶ୍ୱରବାସୀ ନୁହେଁ। ବରଂ ଆଖପାଖ ଅଞ୍ଚଳ ସମେତ ଅନ୍ୟ ଜିଲ୍ଲାରୁ ପ୍ରତ୍ୟେକ ଦିନ ହଜାର ହଜାର ରୋଗୀ ଏହି ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସୁଛନ୍ତି। ରୋଗୀଙ୍କ ସହ ସେମାନଙ୍କ ସମ୍ପର୍କୀୟମାନେ ବି ଏଠାକୁ ଆସୁଛନ୍ତି। ହେଲେ ଖୋଦ୍ ରାଜଧାନୀର ପ୍ରମୁଖ ଚିକିତ୍ସାଳୟରେ ଏକ ପ୍ରମୁଖ ବିଭାଗରେ ପିଇବା ପାଣିର ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ପିଇବା ପାଣିକୁ ନେଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ। ଏହି ସମସ୍ୟା କ୍ୟାପିଟାଲ ହସ୍ପିଟାଲର ୧୦୦ ଶଯ୍ୟା ବିଶିଷ୍ଟ ମାଆ ଓ ଶିଶୁ ଚିକିତ୍ସାଳୟର ସ୍ୱତନ୍ତ୍ର ବ୍ଲକରେ ଦେଖିବାକୁ ମିଳିଛି।




**■ ପାନୀୟ ଜଳ ପାଇଁ ରୋଗୀ ଓ ସମ୍ପର୍କୀୟ ହନ୍ତସନ୍ତ**

ଏହି ହସ୍ପିଟାଲକୁ ପ୍ରତିଦିନ ଆଖପାଖ ଅଞ୍ଚଳରୁ ଚିକିତ୍ସା ପାଇଁ ଲୋକ ଆସୁଛନ୍ତି। ସେଥିରେ ମାଆ ଓ ଶିଶୁ ଚିକିତ୍ସାଳୟ ବିଭାଗକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ମଧ୍ୟ ଅଧିକ ରହିଛି। ଏହି ସ୍ୱତନ୍ତ୍ର ବିଲ୍ଡିଂଟି ୧୦୦ ଶଯ୍ୟା ବିଶିଷ୍ଟ। ଯାହା ୨୦୧୪ ମସିହାରେ ମାତୃ ଏବଂ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହାର କ୍ଷମତା ବୃଦ୍ଧି କରିଥିଲା। ସେଥିପାଇଁ ମା ଓ ଶିଶୁଙ୍କ ଆବଶ୍ୟକ ସମସ୍ତ ସେବା ମଧ୍ୟ ଉପଲବ୍ଧ ହେଉଥିଲା। ହେଲେ ଗତ କିଛିଦିନ ମଧ୍ୟରେ ଏଠାରେ ପିଇବା ପାଣିର ସମସ୍ୟା ଦେଖିବାକୁ ମିଳୁଛି। ସେହି ବ୍ଲକର ପ୍ରତି ମହଲାରେ ପିଇବା ପାଣିଠୁ ଆରମ୍ଭ କରି ଶୌଚାଳୟ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ହେଲେ ପିଇବା ପାଣି ପାଇଁ ଯେଉଁ ୱାଟର ପ୍ୟୁରିଫାୟର ଲାଗିଛି, ସେଥିମଧ୍ୟରୁ ଅଧିକାଂଶ ଅଚଳ ଅବସ୍ଥାରେ ପରିଲକ୍ଷିତ ହେଉଛି। ସେଠାରେ ଲାଗିଥିବା ଏହି ୱାଟର ପ୍ୟୁରିଫାୟରରୁ ସାଧାରଣତଃ ଥଣ୍ଡା, ଗରମ ଏବଂ ନର୍ମାଲ ପାଣି ନେବାର ବ୍ୟବସ୍ଥା ଥିଲା। ଫଳରେ ରୋଗୀ ବା ତାଙ୍କ ସମ୍ପର୍କୀୟଙ୍କ ଆବଶ୍ୟକତା ମୁତାବକ ଗରମ କି ଥଣ୍ଡା ପାଣି ନେଇଥାନ୍ତି। ହେଲେ ଏବେ ସେଥିରୁ ଅଧିକାଂଶ ଅଚଳ ତ ଆଉ କେଉଁଠି ଗରମ ଏବଂ ଥଣ୍ଡା ପାଣି ଆସୁ ନ ଥିବା ଅଭିଯୋଗ ହେଉଛି। ସେହିଭଳି ରାତିରେ ଅନେକ ସମୟରେ ସେଥିରୁ ପାଣି ସରିଯାଉଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ମତ ଦେଇଛନ୍ତି।

ଏନେଇ ସଠାରେ ଭର୍ତ୍ତି ହୋଇଥିବା ଆଉ କେତେକ ରୋଗୀଙ୍କ ପରିବାର ଲୋକ କୁହନ୍ତି, ଅନେକ ସମୟରେ ଏଠାରେ ପାଣି ପାଇଁ ଲମ୍ବା ଧାଡି ଲାଗୁଛି ହେଲେ ଅଧାରୁ ପାଣି ସରିଯାଉଥିବା ବେଳେ ପାଣି ପାଇଁ ଅନ୍ୟ ମହଲାକୁ ଗଲେ ସେଠାରେ ୱାଟର ପ୍ୟୁରିଫାୟର ଅଚଳ ଦେଖିବାକୁ ମିଳୁଛି। ପ୍ରତି ରୋଗୀଙ୍କ ସହ ତାଙ୍କ ସମ୍ପର୍କୀୟ କିମ୍ବା ପରିବାର ଲୋକ ଆସୁଛନ୍ତି। ଯଦି ସେମାନଙ୍କ ପାଇଁ ପାଣି ଭଳି ଆବଶ୍ୟକୀୟ ସୁବିଧା ନଥିବ ତେବେ ରାଜଧାନୀର ମୁଖ୍ୟ ଚିକିତ୍ସାଳୟକୁ ଲୋକ କାହିଁକି ଆସିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମଧ୍ୟ ସେ କହିଥିଲେ। ଯଦି ରାଜ୍ୟ ରାଜଧାନୀର ପ୍ରମୁଖ ଡାକ୍ତରଖାନାର ଏ ପ୍ରକାରର ଅବସ୍ଥା ତେବେ ଅନ୍ୟ ସ୍ଥାନର ଅବସ୍ଥା ଆକଳନ କରିବା କାଠିକର ପାଠ।



# ଭୁବନେଶ୍ୱର ସିଟି



# ଡିଜେ ନୁହେଁ; ଏଥର ପାରମ୍ପରିକ ବାଦ୍ୟ

ଭୁବନେଶ୍ୱର, ୯।୯(ସମିସ): ଏଥର ପୂଜା ମଣ୍ଡପରେ ଡିଜେ ନୁହଁ ସିଂହ ବାଜା, ଘଣ୍ଟ, ଶଙ୍ଖ, ଦୁଲଦୁଲି ଆଦି ପାରମ୍ପରିକ ବାଦ୍ୟ ବିଶେଷ ଆକର୍ଷଣ ସାଜିବ। ରାଜଧାନୀର ସବୁ ବଡ଼ଠୁ ଛୋଟ ପୂଜା ମଣ୍ଡପରେ ଭସାଣୀ ପାଇଁ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ପ୍ରସ୍ତୁତି ମଧ୍ୟ ଜୋର୍‌ଦାର ଭାବେ ଚାଲିଛି।

ଆରମ୍ଭ ହେଲାଣି ପାର୍ବଣ ଋତୁ। ଆଗକୁ ଆସୁଛି ଦୁର୍ଗାପୂଜା। ସେଥିପାଇଁ ଚଳଚଞ୍ଚଳ ଦୋକାନ ବଜାରଠାରୁ ପୂଜା ମଣ୍ଡପ। ସବୁଠି ପ୍ରତିଯୋଗିତା ମଣ୍ଡପକୁ ଆକର୍ଷଣୀୟ ଢଙ୍ଗରେ ସଜାଇବାକୁ। ଭିନ୍ନ ଭିନ୍ନ ଥିମ୍‌କୁ ନେଇ ପ୍ରସ୍ତୁତ ହେଉଛି ସୁଉଚ୍ଚ ତୋରଣ। ସେହିଭଳି ଭସାଣ ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳିବାକୁ ମଧ୍ୟ ସବୁ ମଣ୍ଡପ ତରଫରୁ ଗୁରୁତ୍ୱ ଦିଆଯାଇଥାଏ। ସେଥିପାଇଁ ଏହି ସମୟରେ ଡିଜେର ଚାହିଦା ଖୁବ୍ ଦେଖିବାକୁ ମିଳିଥାଏ। ହେଲେ ଚଳିତ ବର୍ଷର ଭସାଣୀରେ ଡିଜେ ନୁହଁ ବରଂ ପାରମ୍ପରିକ ବାଦ୍ୟ ଶୁଣିବାକୁ ମିଳିବ।

ଚଳିତ ବର୍ଷ ସମସ୍ତ ପୂଜା ମଣ୍ଡପକୁ ଡିଜେ ବାଜିବନି ବୋଲି କମିସନରେଟ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ରାଜଧାନୀର ସମସ୍ତ ପୂଜା ମଣ୍ଡପର ଭସାଣ ଉତ୍ସବ ପାରମ୍ପରିକ ବାଦ୍ୟରେ କରାଯିବ। ପ୍ରତିବର୍ଷ ପୂଜା ସରିବା ମାତ୍ରେ ମଣ୍ଡପ ପକ୍ଷରୁ ଆସନ୍ତା ବର୍ଷ ପାଇଁ ଅର୍ଥାତ୍ ଏକ ବର୍ଷ ପୂର୍ବରୁ ଡିଜେର ଆଡ୍‌ଭାନ୍ସ ବୁକିଂ ହୋଇଥାଏ। ହେଲେ ଏଥର କଥା ଟିକେ ଅଲଗା, ଡିଜେ ବାଜିବନି ବୋଲି ନିର୍ଦ୍ଦେଶ ମିଳିବା ପରେ ଅଧିକାଂଶ ପୂଜା ମଣ୍ଡପକୁ ଡିଜେ ପାଇଁ ଦିଆଯାଇଥିବା ବୁକିଂକୁ କ୍ୟାନସଲ କରିବାକୁ ପଡ଼ିଛି। ଏହାସହିତ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯାଇଛି। ଏହି ବାଜା ପାଇଁ ପାଖାପାଖି ୨୫ ହଜାରରୁ ୪୦ ହଜାର ପର୍ଯ୍ୟନ୍ତ ମୂଲ୍ୟ ରହୁଛି। ଅନ୍ୟପଟେ କିଛି ପୂଜା ମଣ୍ଡପ ନିଜ ଆଡୁ ପାରମ୍ପରିକ ବାଦ୍ୟକୁ ଆପଣାଇ ଡିଜେର ବ୍ୟବହାରରେ ରୋକ ଲଗାଇଥିବା ମଧ୍ୟ ଦେଖିବାକୁ ମିଳିଛି। ସହିଦନଗର, ନୂଆପଲ୍ଲୀ, ବମିଖାଲ, ରସୁଲଗଡ଼, ପଳାଶୁଣି, ଆଇଗିଣିଆ ଆଦି ପୂଜା ମଣ୍ଡପ ପକ୍ଷରୁ ପାରମ୍ପରିକ ବାଦ୍ୟ ପାଇଁ ବରାଦ ଦିଆ ସରିଲାଣି। ସେମାନଙ୍କ କହିବା ଅନୁଯାୟୀ ଏହି ନିଷ୍ପତ୍ତି ପାଇଁ ପୂର୍ବ ପ୍ରସ୍ତୁତି ଥିଲା। ତେଣୁ ପାରମ୍ପରିକ ବାଦ୍ୟ ପାଇଁ ବରାଦ ଦିଆ ସରିଥିଲା। ତ ଆଉକିଛି ମଣ୍ଡପ ପକ୍ଷରୁ ଡିଜେ ପାଇଁ ଦିଆଯାଇଥିବା ଆଡଭାନ୍ସକୁ କିଛି ମାତ୍ରାରେ ଫେରାଇ ଦିଆଯାଇଛି।

## ସିଂହ ବାଜା, ଘଣ୍ଟ, ଶଙ୍ଖ, ଦୁଲଦୁଲିରେରେ ଭସାଣ ଉତ୍ସବ

### ସେମାନଙ୍କ ମୁହଁରୁ



ଏହି ନିୟମ ସ୍ୱାଗତ ଯୋଗ୍ୟ। ସେଥିପାଇଁ ପୂର୍ବ ବର୍ଷରୁ ହିଁ ଆମେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦେଇଛୁ ଏବଂ ଡିଜେକୁ ନା କହିଛୁ। ସେଥିପାଇଁ ସିଂହ ବାଜା, ଘଣ୍ଟୁଆ, ସଙ୍ଖୁଆ, ଦୁଲଦୁଲି ପାଇଁ ବରାଦ ସରିଥିଲା। ଏହା ଫଳରେ ଶବ୍ଦ ପ୍ରଦୂଷଣ ମଧ୍ୟ ବହୁତମାତ୍ରାରେ କମିବ ବୋଲି ଆଶା।

-ସଚ୍ଚିନନ୍ଦନ ନାୟକ, ସମ୍ପାଦକ, ସହିଦନଗର ଦୁର୍ଗାପୂଜା ସମିତି



ପୂଜାରେ ଡିଜେ ଏକ ଟ୍ରେଣ୍ଡରେ ପରିଣତ ହୋଇଥିଲା। ହେଲେ ଏହାର ବ୍ୟବହାର ଯୋଗୁଁ ଅନେକ ସମସ୍ୟା ସହ ବର୍ଷମା।ନର ପିଲା ଅଧିକ ଉଦ୍ଧତ ମଧ୍ୟ ହେଉଥିଲେ। ଏହି ନିୟମ ହବାର ସମ୍ଭାବନା ଯୋଗୁଁ ଆମ ମଣ୍ଡପ ପକ୍ଷରୁ ୬ ମାସ ପୂର୍ବରୁ ଦୁଇଟି ବାଜା ପାଇଁ ଅର୍ଡର ଦିଆ ସରିଥିଲା। ଯାହା ଢେଙ୍କାନାଲ ଏବଂ ବାଲୁଗାଁ ରୁ ଆସୁଛି। ଏହା ଚଳିତ ବର୍ଷର ଭସାଣୀକୁ ଆହୁରି ଆକର୍ଷଣୀୟ କରିବ ବୋଲି ଆଶା।

-ଟୁଲୁ ପ୍ରଧାନ, ସାଂଗଠନିକ ସମ୍ପାଦକ, ଆଇଗିଣିଆ ଦୂର୍ଗାପୂଜା ମଣ୍ଡପର



ରାଜଧାନୀ ଉପକଣ୍ଠରେ ପାର୍ବଣକୁ ସ୍ୱାଗତ କରୁଛି କାଶତଣ୍ଡୀ

## ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ବୈଠକ

ଭୁବନେଶ୍ୱର, ୯।୯(ସମିସ): ବିଏମସି ଏବଂ ଫିଡବ୍ୟାକ ଫାଉଣ୍ଡେସନ ଦ୍ୱାରା ଲକ୍ଷ୍ମୀସାଗର ଗ୍ରାମର ୱାର୍ଡ କାର୍ଯ୍ୟାଳୟରେ ମା' ଡାଲଖାଇ ଏସ୍‌ଏସ୍‌ଜି ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେଡେରେସନର ସଭାପତି ଶାଶ୍ୱତୀ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଗ୍ରାମକୁ ଆବର୍ଜନା ମୁକ୍ତ ଏବଂ ସଫା କରିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ୱାର୍ଡ କର୍ପୋରେଟର ଭରତ ଲେଙ୍କା, ଫାଉଣ୍ଡେସନର ଆଇସି ବିଶେଷଜ୍ଞ ସନ୍ତୋଷ ପାଣ୍ଡେ, ରଞ୍ଜନ ନାୟକ, ରଞ୍ଜୁକ୍ତା ସେନାପତି ଉପସ୍ଥିତ ଥିଲେ।

## ଶିଖରଚଣ୍ଡୀରୁ ନିଶା ମାଫିଆ ଗିରଫ

ଭୁବନେଶ୍ୱର, ୯।୯(ସମିସ): ଶିଖରଚଣ୍ଡଷ ମନ୍ଦିର ନିକଟରୁ ଜଣେ ନିଶା ମାଫିଆକୁ ଏସ୍‌ଟିଏଫ ଗିରଫ କରିଛି। ତା ନିକଟରୁ ୧୧ଗ୍ରାମର ବ୍ରାଉନ୍ ସୁଗର ଏବଂ ୪୫୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଭଗବାନ ଝା ଓରଫ ଛେଟୁ। ସେ ୨ବର୍ଷ ହେବ ବାଲେଶ୍ୱରରୁ ବ୍ରାଉନ୍ ସୁଗର ଆଣି ଶିଖରଚଣ୍ଡି ବସ୍ତି ଏବଂ ନିକଟରେ ଥିବା କଲେଜ ପିଲାଙ୍କୁ ବିକ୍ରି କରେ। ଏନେଇ ଏସ୍‌ଟିଏଫ ନିକଟରେ ଖବର ପହଞ୍ଚିଥିଲା। ସେ ଆଜି ବାଲେଶ୍ୱରରୁ ବ୍ରାଉନ୍ ସୁଗର ଆଣି ବିକ୍ରି କରୁଥିବା ବେଳେ ଏସ୍‌ଟିଏଫ ପକ୍ଷରୁ ତାକୁ ଗିରଫ କରାଯାଇଛି।

## ଅଭିଜିତଙ୍କ ଆଶୁଆରୋଗ୍ୟ କାମନା କରି ଦୀପଦାନ



ଭୁବନେଶ୍ୱର, ୯।୯ (ସମିସ): ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସୁସ୍ଥତା କାମନା କରି ଓଲିଉଡ କଳାକାର, ଅଭିନେତା, ସଙ୍ଗୀତଜ୍ଞ, ର୍ଦିଶେକ ପ୍ରମୁଖ ରାମ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରିଛନ୍ତି। ଓଡ଼ିଶା ଫିଲ୍ମ ଡିଷ୍ଟ୍ରିବ୍ୟୁସନ ସିଣ୍ଡିକେଟର ସମ୍ପାଦକ ସଚ୍ଚିକାନ୍ତ ଜେନାଙ୍କ ସମେତ ପ୍ରଯୋଜକ ଶ୍ରୀଧର ମାର୍ଥା, ଜୁବୁଲି ସୁନ୍ଦରାୟ, ସଂଳାପକାର ଡଃ ରଜନୀ ରଞ୍ଜନ, ପ୍ରଯୋଜକ ତଥା ନିର୍ଦ୍ଦେଶକ ଗଦାଧର ପୁଟ୍ଟୀ, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଶ୍ରୀତମ ଦାସ, ପ୍ରଯୋଜକ ବିବେକାନନ୍ଦ ବାରିକ, ସଞ୍ଜୟ ଭଟ୍ଟ, ଖଗେଶ୍ୱର ଜୟପୁରିଆ, ଇଂଫ୍ଲୁଏନ୍ସର ପ୍ରକାଶ ନାୟକ କୋରିଓଗ୍ରାଫର ଲୁବୁନ, ଅଭିନେତ୍ରୀ ଅଙ୍କିତା, ପ୍ରିୟରଞ୍ଜନ ମହାନ୍ତି, କଣ୍ଠଶିଳ୍ପୀ ଅଂଶୁମାନ ନାୟକ, ଅନ୍ତରୀକ୍ଷା ନାୟକ, ପ୍ରଦୀପ ଏବଂ ଅନେକ ସଙ୍ଗୀତଜ୍ଞ ଓ ଓଲିଉଡ୍ ପରିବାରବର୍ଗ ଦୀପ ଦାନ କରିଥିଲେ। ସୂଚନା ଅନୁସାରେ, ଜୀବନ ସହ ସଂଗ୍ରାମ କରୁଥିବା ଅଭିଜିତ୍ ମଜୁମଦାର ଏବେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ।

## କଟନଫ୍ୟାବ୍; ଦ୍ୱିତୀୟ ସପ୍ତାହର ବିଜେତା ପୁରସ୍କୃତ

ଭୁବନେଶ୍ୱର, ୯।୯ (ସମିସ): ୧୪ତମ କଟନଫ୍ୟାବ୍ –୨୦୨୫ ୟୁନିଟ୍-୩, ଖାରବେଳ ନଗରସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଛି। ଏହି ପ୍ରଦର୍ଶନୀ ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରଦର୍ଶନୀ ୧୪ ତମ ଥର ପାଇଁ ଭୁବନେଶ୍ୱରରେ ଚାଲୁଛି। ୧୨ଟି ରାଜ୍ୟର ୧୨୨ଟି ହସ୍ତଶିଳ୍ପୀ ଏହି ମେଳାରେ ଯୋଗଦେଇଛନ୍ତି। ଏଥିରେ ଲକ୍ଷ୍ନୌର ଚିକ୍କନ୍‌ୱାକ୍ ଡ୍ରେସ୍ ମ୍ୟାଟେରିଆଲସ୍, ଶାଢ଼ୀ, କୁର୍ତ୍ତା ପାଇଜାମା, ଟପସ୍, ଗୁଜୁରାଟର ଏଥନିକ୍ ପ୍ରି, କୁର୍ତ୍ତା, ଡ୍ରେସ୍ ମ୍ୟାଟେରିଆଲସ୍, ରାଜସ୍ଥାନୀ ବ୍ଲକ ପ୍ରିଣ୍ଟେଡ୍, କୋଟା ଦରୀ ଡ୍ରେସ୍ ମ୍ୟାଟେରିଆଲସ୍, ଲେଡ଼ିଜ୍ କୁର୍ତ୍ତା, ଲେହେଙ୍ଗା-ଚ୍ଛୋଲି, ମଲ୍‌ଲ,ବନ୍ଧେଜ୍ ସୁଇଟସ୍, ସ୍କିଟ୍-ଟପ୍, ସାଲୱାର ଏବଂ ଦୁପଟା, ପଞ୍ଜାବର ଫୁଲ୍‌କରୀ ଡ୍ରେସ୍, ମଧ୍ୟପ୍ରଦେଶର ଚନ୍ଦେରୀ, ମହେଶ୍‌ବରୀ, ବାଗ୍ ପ୍ରିଣ୍ଟ, ୱେଷ୍ଟ ବେଙ୍ଗଲର ସାନ୍ତିନିକେତନ ତନ୍ତ, କନ୍ଥା, ଧକାଇ ଜାମଦାନୀ ଶାଢ଼ୀ, ଓଡ଼ିଶାର ସମ୍ବଲପୁରୀ ଇକତ୍ ଶାଢ଼ୀ, ଆନ୍ଧ୍ର ପ୍ରଦେଶର କଲାମକରୀ ଭେଜିଟେବୁଲ ଡ଼ାୟଡ଼, ମଙ୍ଗଳଗିରୀ, ଗଢ଼େଲ ଜରୀ ବର୍ଡ଼ର ଡ୍ରେସ୍ ମ୍ୟାଟେରିଆଲ ଆଦି ସ୍ଥାନ ପାଇଛି। ଏଥିରେ ପ୍ରତ୍ୟେକ ସନ୍ଧ୍ୟା ୭ଟାରେ ଲଟେରୀ ଦ୍ୱାରା ୩ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଉଛି। ଏଥିରେ ଦ୍ୱିତୀୟ ସପ୍ତାହର ପ୍ରଥମ ବିଜେତା ହୋଇଛନ୍ତି ସବ୍ୟସାଚୀ। ସେ କଟନଫ୍ୟାବ୍ର ମ୍ୟାନେଜର ସାବନ୍ କୁମାରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।



## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୫୨.୫୦ ଲକ୍ଷର ମୃତ୍ୟୁଜନିତ ଦାବି ସମାଧାନ



ଭୁବନେଶ୍ୱର, ୯।୯ (ସିମସ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଏଚ୍ .କେ ଦାସଙ୍କ ମାର୍ଗଦର୍ଶନରେ ଏକ ଚେକ୍ ପ୍ରଦାନ ସମାରୋହ ଆୟୋଜନ କରାଯାଇ ଓଏସ୍‌ଏପି ୬ ବାଟାଲିୟନ୍ କ୍ୟାମ୍ପସ୍‌ଠାରେ ମୃତ୍ୟୁ ଜନିତ ଦାବି ସମାଧାନ କରାଯାଇଛି। ଏହି ସମାଧାନ ଅନ୍ତର୍ଗତ ସରକାରୀ କର୍ମଚାରୀଙ୍କ ପାଇଁ ୟୁନିୟନ୍ ସୁପର ସାଲାରୀ ଆକାଉଣ୍ଟ ଅଧିନରେ ୪୦ ଲକ୍ଷ ଏବଂ ବ୍ୟକ୍ତିଗତ ଋଣ ପାଇଁ ୧୨.୫୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ହୋଇଥିଲା ଯାହା ଦ୍ୱାରା ମୋଟ୍ ୫୨.୫୦ ଲକ୍ଷ ଟଙ୍କାର ଦାବି ସମାଧାନ କରାଯାଇଥିଲା। ମୃତ କର୍ମଚାରୀ ବୁଦ୍ଧରାମ ହେମ୍ବ୍ରମ୍‌ଙ୍କ ପତ୍ନୀ ମାଳତୀ ହେମ୍ବ୍ରମ୍‌ଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିଲା। ଏଥିରେ ଓଏସ୍‌ଏପିର କମାଣ୍ଡାଟ୍ ଏସ୍ .ଏନ୍. ମଲ୍ଲିକ ,ଆସିଷ୍ଟାଣ୍ଟ କମାଣ୍ଡାଟ ଏମ୍. ସାଇଙ୍କ ସମେତ ଓଏସ୍‌ଏପିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ, ଲିପ୍ ମୁଖ୍ୟ ମୃତ୍ୟୁଞ୍ଜୟ କୁମାର ଏବଂ ଚାଉଳିଆଗଞ୍ଜ ଶାଖାର ଶାଖା ପ୍ରବନ୍ଧକ ନବନୀତା ସେନ୍‌ଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା।

## ଗୋରୁ ଗାଡ଼ିକୁ ଅଟକାଇ ମାଡ଼ ମାରିବା ଘଟଣା: ୫ ଗିରଫ

ଭୁବନେଶ୍ୱର, ୯।୯(ସମିସ): ଗୋରକ୍ଷକ ନାମରେ ଗୋରୁ ଗାଡ଼ି ଅଟକାଇ ମାଡ଼ମାରିବା ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ମଙ୍ଗଳବାର ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ରଜତ କୁମାର ଲଧାନିଆ, ସ୍ୱାଧୀନ ପ୍ରଧାନ, ଦିନେଶ କୁମାର ଦାସ, ରାଜେନ୍ଦ୍ର ଜେନା ଏବଂ ଶଶାଙ୍କ ଶେଖର ଜେନାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ ଅଭିଯୋଗକାରୀ ସୋମନାଥ ବେହେରାଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ତଦନ୍ତରେ ଘଟଣାରେ ଉପରୋକ୍ତ ୫ଜଣଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ସୂଚନା ଅନୁଯାୟୀ ଅଭିଯୋଗକାରୀ ତାଙ୍କ ସହଯୋଗୀଙ୍କ ସହିତ ସରକାରଙ୍କ କାମଧେନୁ ଯୋଜନାରେ ବୈଧ କାଗଜପତ୍ର ସହିତ ଦୁଇଟି ବୋଲେରୋ ଗାଡ଼ିରେ ଆନ୍ଧ୍ରପ୍ରଦେଶରୁ କଟକକୁ ଗାଈ ଏବଂ ବାଛୁରୀ ପରିବହନ କରୁଥିଲେ। ସତ୍ୟ ବିହାର ଛକ ନିକଟରେ, ଅଭିଯୁକ୍ତମାନେ ଏକ ଲାଲ ରଙ୍ଗର ଗାଡ଼ିରେ ଆସି ଗାଡ଼ିଗୁଡ଼ିକୁ ବାଧା ଦେଇଥିଲେ। ଅଭିଯୋଗକାରୀ ଏବଂ ଅନ୍ୟମାନଙ୍କୁ ଭୁଲ ଭାବରେ ଅଟକାଇଥିଲେ ଏବଂ ନିଜକୁ ବଜରଙ୍ଗ ଦଳର ସଦସ୍ୟ ବୋଲି ଦାବି କରିଥିଲେ। ଅଭିଯୁକ୍ତମାନେ ଗାଡ଼ିରୁ ଡ୍ରାଇଭର ଏବଂ ଚାଷୀମାନଙ୍କୁ ଟାଣି ଆଣି ହତ୍ୟା କରିବା ଉଦ୍ଦେଶ୍ୟରେ କାଠ ଫାଳିଆରେ ଆକ୍ରମଣ କରିଥିଲେ। ହିଂସାକାଣ୍ଡ ପଶୁମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା, ଯାହା ଫଳରେ ଗୋଟିଏ ମାଈ ବାଛୁରୀ ଦଳି ଚକଟି ହୋଇ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଅଭିଯୋଗକାରୀ ଏବଂ ସହଯୋଗୀମାନଙ୍କୁ ଆହୁରି ବାନ୍ଧି ରାସ୍ତାରେ ଆଣ୍ଠୁମାଡ଼ି ବସିବାକୁ ବାଧ୍ୟ କରିଥିଲେ। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଆହତମାନଙ୍କୁ ପିସିଆର-୬ ଦ୍ୱାରା ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା। ବିଶ୍ୱସ୍ତ ସୂଚନା ଆଧାରରେ, ପୁଲିସ ପାଣ୍ଡରା ଛକରେ ଚଢାଉ କରିଥିଲେ ଏବଂ ଅପରାଧରେ ବ୍ୟବହୃତ କାର ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ ଉପରୋକ୍ତ ସମସ୍ତ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କର ଏକ ସଂଗଠିତ ଭୂମିକା ରହିଛି, ଯେଉଁଥିରେ ଆକ୍ରମଣ, ବଳପୂର୍ବକ ବାଧା ଏବଂ ପଶୁଙ୍କୁ କ୍ରୁରତା ପ୍ରଦର୍ଶନ କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ପକ୍ଷରୁ ସଡ଼କ ସୁରକ୍ଷା ଓ ସ୍ୱଚ୍ଛତା

ଧଉଳି, ୯।୯(ସମିସ): ଉତ୍ତରା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍ତରା ଛକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଡ.ଅମରେନ୍ଦ୍ର ନାଥ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଟ୍ରାଫିକ ଉପାୟୁକ୍ତ(ଡିସିପି) ତପନ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ମହାତ୍ମାଗାନ୍ଧୀ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ସେମାନେ ପ୍ରତି ଦୋକାନୀଙ୍କୁ ଅଳିଆକୁ ଡଷ୍ଟବିନରେ ରଖିବାକୁ ପରାମର୍ଶ ଦେଇଥିଲେ। ସେଗୁଡିକ ପୂର୍ଣ୍ଣ ହୋଇଗଲେ ଗୋଟିଏ ସ୍ଥାନରେ ପୋଡି ପୋତିଦେବାକୁ କହିଥିଲେ। ସେହିପରି ଦୋକାନରେ ଲାଗିଥିବା ସାଇନବୋର୍ଡକୁ ଇଂରାଜୀ ସହ ଓଡ଼ିଆରେ ଲେଖିବାକୁ ଅନୁରୋଧ କରିଥିଲେ। ଉତ୍ତରା ଛକରେ ଥିବା ଦୋକାନ ଗୁଡିକ ସୌନ୍ଦର୍ଯ୍ୟକରଣ ନିମନ୍ତେ ଦୋକାନୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ହେଲମେଟ ନ ପିନ୍ଧି ଯାଉଥିବା ଚାଳକଙ୍କୁ ନିଜ ଜୀବନ ତଥା ପରିବାରର ସୁରକ୍ଷା ନିମନ୍ତେ ହେଲମେଟ ପିନ୍ଧିବା ନିମନ୍ତେ ସଚେତନ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସରୋଜ କୁମାର ପାତ୍ର, ଜୟରାମ ବିଶ୍ୱାଳ, ମଞ୍ଚର ସମ୍ପାଦକ ବେଣୁଧର ନାୟକ, ଦେବୀ ରଞ୍ଜନ ମିଶ୍ର, କୃଷ୍ଣ ଚନ୍ଦ୍ର ଦାସ, ଶରତ ଚନ୍ଦ୍ର ରାୟ, ସାମ୍ବାଦିକ ସୂର୍ଯ୍ୟକାନ୍ତ ଭୋଳ, ପ୍ରଫୁଲ୍ଲ ସେନାପତି, ଗାୟକ ସନ୍ତୋଷ ବେହେରା, ରାଜେନ୍ଦ୍ର କୁମାର ଦାଶ, ବିଜୟ କୁମାର ଦାସ, ବିଶ୍ୱରଞ୍ଜନ ଦାସ, ଶଙ୍କର ପ୍ରସାଦ ତ୍ରିପାଠୀ, ବୈରାଗୀ ପ୍ରସାଦ ଶତପଥୀ, ଭଗବାନ ସାହୁ, ସୀତା କାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



## ଆଇରନ୍ ମ୍ୟାନ୍‌ଙ୍କ ପାଇଁ ସ୍ମୃତିସଭା



ଧଉଳି, ୯।୯(ସମିସ): ଆଇରନମ୍ୟାନ ଭାବେ ପରିଚିତ ବଡି ବିଲଡର ମୃଗାଙ୍କ ଶେଖର ବଡଜେନା (ବାବୁନି)ଙ୍କ ସ୍ମୃତିସଭା ରାଜଧାନୀ ଉପକଣ୍ଠ ନୂଆଗାଁରେ ଅନୁଷ୍ଠିତ ହୋଇଯାଇଛି। ସେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସୁନାମ କରିଥିଲେ ଓ ସମସ୍ତଙ୍କ ପ୍ରିୟପାତ୍ର ଥିଲେ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଥିଲେ। ଏଥିରେ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅଶୋକ ଚନ୍ଦ୍ର ପଣ୍ଡା, ବାପି ସର୍କେଲ, ନବଜ୍ୟୋତି ପଟ୍ଟନାୟକ, ମନ୍ମଥ ରାଉତରାୟ, ଅମୀୟ ଦାଶ, ରଞ୍ଜିତ ମହାପାତ୍ର, ବିଏମ୍‌ସି ମେୟର ସୁଲୋଚନା ଦାସ, କର୍ପୋରେଟର ବିରଞ୍ଚି ନାରାୟଣ ମହସୁପକାର, ଅଜିତ ବେହେରା, ଶିବ ବେହେରା, ଶିବ ପ୍ରସାଦ ରାୟ, ମହାମାୟା ସ୍ୱାଇଁ, ଶ୍ରୀମୟୀ ମିଶ୍ର, କଂଗ୍ରେସ ଜିଲ୍ଲା ସଭାପତି ବିଶ୍ୱଜିତ୍ ଦାଶ, ପ୍ରଶାନ୍ତ ଚମ୍ପତି, ଜିଲ୍ଲାପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସମାଜସେବୀ ବସନ୍ତ ସୁନ୍ଦରାୟ, ପୂର୍ବତନ ସରପଞ୍ଚ ହେମନ୍ତ ପାଳ, ରଞ୍ଜିତ ସୁବୁଦ୍ଧି, ଶଶାଙ୍କ ଶେଖର ନାୟକ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ। ଯୁବ ନେତା ଡ଼ ଚିନ୍ମୟନନ୍ଦ ବଡ଼ଜେନା ପରିଚାଳଣା କରିଥିବା ବେଳେ ଅଭିନେତ୍ରୀ ଗୀତାଞ୍ଜଳି ବେହେରା ଏହାକୁ ସଂଯୋଜନା କରିଥିଲେ।

## ଓଡ଼ିଶା ପତ୍ରକାର ସଂଘର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୯।୯(ସମିସ): ମଙ୍ଗଳବାର ଗୀତଗୋବିନ୍ଦ ସଦନରେ ଓଡ଼ିଶା ପ୍ରତକାର ସଂଘର ୧୬ତମ ପ୍ରତିଷ୍ଠାଦିବସ ପାଳିତ ହୋଇଯାଇଛି। ସଂଘର ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଲେ ଯେ, ସାମ୍ବାଦିକମାନେ ଏକାଠି ହେଲେ ସେମାନଙ୍କ ସମସ୍ୟା ଦୂର ହେବା ସହ ସରକାର ମଧ୍ୟ ସେମାନଙ୍କ ଦାବି ପୂରଣ କରିବା ପାଇଁ ବାଧ୍ୟ ହେବେ। ଅନ୍ୟତମ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ଶ୍ରମିକନେତା ମହେନ୍ଦ୍ର ପରିଡ଼ା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ପତ୍ରକାର ସଂଘର ୱେବସାଇଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଂଘର ରାଜ୍ୟ ସଭାପତି ଅବିନାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ରାମଦାସ ଲିମା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ରାଜ୍ୟ ଉପସଭାପତି ସୁରେଶ ଦାଶ ଧନ୍ୟବାଦ ଦେଇଥିଲେ ଏବଂ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଧୃତିଧର ଦାସ।

# ଲୋପ ହେବାକୁ ବସିଛି ୩୧ ପ୍ରକାର ଉଦ୍ଭିଦ

ଭୁବନେଶ୍ୱର, ୯।୯(ରଞ୍ଜନା ନାୟକ): ପ୍ରାୟ ସବୁଧର୍ମ ଏବଂ ସମ୍ପ୍ରଦାୟରେ ବୃକ୍ଷପୂଜାର ପରମ୍ପରା ରହିଛି। ଏଭଳି ପୂଜା ପଛର କାରଣ ହେଉଛି ଆମ ଚାରିପଟେ ଥିବା ବୃକ୍ଷ ଏବଂ ଗୁଳ୍ମ ଆମ ଜୀବନରକ୍ଷା କରିଥାଏ। ଆୟୁର୍ବେଦିକ ବିଜ୍ଞାନ ମୁତାବକ ଅନେକ ରୋଗ ସମେତ ସଂକ୍ରମଣଜନିତ କାରଣରୁ ବୃକ୍ଷର ପତ୍ର, ବକଳ ବା ଛେଲି, ଅଠା/କ୍ଷୀର ଏବଂ ଚେର ଆଦି ଅଂଶକୁ ବ୍ୟବହାର କରାଯାଇଥାଏ। କିନ୍ତୁ ସମୟ କ୍ରମେ ଜଳବାୟୁର ପରିବର୍ତ୍ତନ ଏବଂ ବ୍ୟାପକ ବୃକ୍ଷଛେଦନ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧିୟ ବୃକ୍ଷ ଲୋପ ପାଇବାରେ ଲାଗିଛି। ବିଶେଷକରି ଲୋଧା, ପିଆଶାଳା, କୁକୁହରି, ଫଣଫଣା, ଲାଲ ଚନ୍ଦନ, ଧୂଆଁଳ, ନାଗକେଶର, ଆଶୋକା, ଧଳା ସୂନ୍ଦରୀ, କାଇଁଚ, ଗଜପାହାଳ, ବାଇଡ଼ଙ୍କ, ପିପାଣ୍ଠି, ଶଲୁରା ପରି ୩୧ ପ୍ରଜାତିର ଗଛ ବର୍ତ୍ତମାନ ବିଲୁପ୍ତ ହେବାକୁ ବସିଛି।

ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଲୋଧା ଗଛକୁ ମହିଳାଙ୍କ ମାସିକ ଧର୍ମରେ ଅନିୟମିତତା ହେଉଥିବା ପାଇଁ ବ୍ୟବାହାର ହେବା ସହିତ ଚର୍ମରୋଗ ଏବଂ ଦେହ ଭିତରେ ଥିବା କ୍ଷତକୁ ଭଲ କରିବା ପାଇଁ ବ୍ୟବହାର ହୋଇଥାଏ। ପିଆଶାଳା ଗଛକୁ ମଧୁମେହ, ହୃଦରୋଗ ପାଇଁ ବ୍ୟବହାର କରାଯାଇଥାଏ। କୁକହାରୀ ଗଛର ମଞ୍ଜିକୁ ଓମୋଗା ୩ ରେ ବ୍ୟବହାର କରିବା ସହିତ ଭିଟାମିନ୍ ପାଇଁ ମଧ୍ୟ ଖାଆଯାଏ। ଫଣଫଣା ଗଛକୁ କାମଳ ରୋଗ ଭଲ ହେବା ପାଇଁ ବ୍ୟବହାର ହୋଇଥାଏ। ଲାଲଚନ୍ଦନ କର୍କଟ ରୋଗ ପଇଁ ବ୍ୟବହାର ହୋଇଥାଏ। ଧୂଆଁଳା ଗଛକୁ ମାନସିକ ରୋଗୀଙ୍କ କ୍ଷେତ୍ରରେ ଭଲ କାମ କରିଥାଏ। ଏଥିସହିତ ଉଚ୍ଚରକ୍ତ ଚାପ ରୋଗୀ ମଧ୍ୟ ବ୍ୟବହାର କରିଥାନ୍ତି। ନାଗକେସର ଫୁସ୍‌ଫୁସ୍ ରୋଗ, ଗ୍ୟାସ ଓ ଚର୍ମ ରୋଗ ପାଇଁ ବ୍ୟବହାର ହେଉଥିବା ବେଳେ ଆଶୋକା ମୁତ୍ରାଶୟ ରୋଗ, ପ୍ରଜନନ ଜନିତ ରୋଗ ପାଇଁ ବ୍ୟବହାର ହୋଇଥାଏ। ଧଳା ସୂନ୍ଦରୀ ଗଛକୁ ଭାଇରାଲ ଜନିତ ରୋଗ ପାଇଁ ବ୍ୟବାହର ହୋଇଥାଏ। ସେହିଭଳି ବିଶେଷକରି ଜଣ୍ଡିସ ହେଲେ ଯେପରି ମଞ୍ଜୁଆତିପତ୍ର, ଥଣ୍ଡା ସର୍ଦ୍ଦିହେଲେ ତୁଳସୀପତ୍ର, ପେଟ ଗ୍ୟାସଜନିତ ସମସ୍ୟା ଦୂର ପାଇଁ ବେଲପତ୍ରକୁ ଔଷଧ ଭାବେ ବ୍ୟବହାର କରାଯାଇଥାଏ। କେବଳ ଏହି ଗଛ ନୁହେଁ; ଏହା ଗଛମାନଙ୍କ ପରି ଅନେକ ଆଧୁନିକରଣ, ଜଳବାୟୁ ପରିବର୍ତ୍ତନ ଏହି ଗଛମାନଙ୍କର ଲୋପ ପାଇବାର ପ୍ରମୁଖ କାରଣ। ତଥାପି ଆମେ ସମସ୍ତେ ଗଛମାନଙ୍କ ପ୍ରତି ସଚେତନ ହେବା ଦରକାର ତେବେ ଯେତିକି ବି ବୃକ୍ଷ ଆମ ସହର ସମେତ ସହରର ଉପକଣ୍ଠମାନଙ୍କରେ ଭରପୁର ହୋଇ ରହିଥିବା ଅନେକ ବର, ଓସ୍ତ, ଶାଳ, ମହୁଲ, ବଉଳ, କରଞ୍ଜ, ଅଶ୍ୱତ୍ଥ, କୋଚିଲା ପରି ଅନେକ ଗଛ ସହରୀକରଣ ଓ ରାସ୍ତା ସମ୍ପ୍ରସାରଣ, ସୁଉଚ୍ଚ ଅଟାଳିକା ପାଇଁ ବଳିପଡ଼ିଯାଇଛି। ବିଲୁପ୍ତ ପାଇ ଯାଉଥିବା ଗଛର ଏକମାତ୍ର ଉପାୟ ହେଉଛି ଏହାକୁ କେବଳ ସଂରକ୍ଷଣ କରିପାରିବା। ଯାହାଦ୍ୱାରା ପରବର୍ତ୍ତୀ ପିଢ଼ି ଏହି ବୃକ୍ଷଗୁଡ଼ିକର ଔଷଧିୟ ସୁବିଧା ପାଇ ପାରିବେ। ପାଖରେ ରହିଛି ସେ ସବୁ ବଞ୍ଚି ପାରିବ ବୋଲି ଆଞ୍ଚଳିକ ଉଦ୍ଭିଦ କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଖୋରା କହିଛନ୍ତି।

ଏ କ୍ଷେତ୍ରରେ ଉଦ୍ଭିଦ ଗବେଷଣା କେନ୍ଦ୍ର ପକ୍ଷରୁ ଚନ୍ଦକା, ମହାନଦୀର ଆଖପାଖ ଅଞ୍ଚଳ, ଅସ୍ତରଙ୍ଗ, ବରବରା, ଭରତପୁର, ବାରଙ୍ଗ ସହିତ ଜଗତସିଂହପୁର, କେନ୍ଦୁଝର, ନୟାଗଡ଼, ଗଞ୍ଜାମ ଆଦି ବିଭିନ୍ନ ବନଖଣ୍ଡ ଅଞ୍ଚଳରୁ ଏହି ଗଛର ନମୁନା ସଂଗ୍ରହ କରାଯାଇ ସେ ସମ୍ପର୍କରେ ଗବେଷଣା କରାଯାଉଛି। ପରବର୍ତ୍ତୀ ସମୟରେ ଉନ୍ନତ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ୨ ରୁ ୩ ମାସ ମଧ୍ୟରେ ଟିସୁ କଲଚର, ବିହନ ଅଙ୍କୁରିତ ହେବା ସହ ସଂରକ୍ଷଣ ହାରକୁ ବୃଦ୍ଧି କରାଯାଉଛି। ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ ପ୍ରତିରୋପଣ କରାଯାଉଛି। ତତ୍‌ସହିତ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ବିରଳ ବିଲୁପ୍ତ ଗଛ ଉପରେ ଅଧିକ ଗବେଷଣା କରିବା ପାଇଁ ସକ୍ଷମ ହୋଇପାରୁଛନ୍ତି।

## ନମୁନା ସଂରକ୍ଷଣ କରି ଟିସୁ କଲ୍‌ଚର୍ କରୁଛି ଉଦ୍ଭିଦ ଗବେଷଣା କେନ୍ଦ୍ର







# ଜେଆଇପିଏଲ୍ ଅଧିକାରୀଙ୍କୁ ଆକ୍ରମଣ, ୬ କୋର୍ଟଚାଲାଣ

କଣିହାଁ, ୯।୯ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ଥାନା ଡେରଙ୍ଗ ଜେଆଇପିଏଲ୍‌ରେ କାର୍ଯ୍ୟରତ ଅଧିକାରୀବଳଭଦ୍ରଜେନାଙ୍କୁଆକ୍ରମଣଅଭିଯୋଗରେ ପୁଲିସ ଡେରଙ୍ଗ ଗ୍ରାମର ୬ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି । ସେମାନେ ହେଲେ, ସନ୍ତୋଷ ସାହୁ (୪୭), ଅକ୍ଷୟ ସାହୁ (୪୮), ଆଶୁତୋଷ ସାହୁ(୨୩), ଗିରୀଶ ଚନ୍ଦ୍ର ସାହୁ (୪୪), ରାଜୁ ବୋଇତା (୩୫) ଓ ନିମେଇ ସାହୁ(୪୭) । ପୁଲିସ ସୂତ୍ରରୁ ପ୍ରକାଶ ଜେଆଇପିଏଲ ଲାଇଜିନିଂ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀ ବଳଭଦ୍ର ଜେନା ଗତକାଲି ସନ୍ଧ୍ୟା ପ୍ରାୟ ୬ଟା ୧୫ରେ ପ୍ଲାଣ୍ଟର ୩ନଂ ଗେଟ୍‌କୁ ବୋଲେରୋ ଯୋଗେ ଯିବା ରାସ୍ତାରେ ଗ୍ରାମର ସାଗର ସାହୁ ପ୍ରମୁଖଙ୍କୁ ଅଭିଯୁକ୍ତମାନେ ଅଟକାଇଥିଲେ । ସେଠାରେ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କର ସୁନା ଚେନ, ମୁଦି ଓ ଟଙ୍କା ଛଡ଼ାଇ ପକାଇଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଆଜି ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସି ପି ରାଧାକ୍ରିଷ୍ଣନ୍...

ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିଲା । ତେବେ ୭୮୧ ସାଂସଦଙ୍କ ମଧ୍ୟରୁ ୭୬୭ ସାଂସଦ ମତଦାନ କରିଥିଲେ । ଅନୁପସ୍ଥିତ ବିଜେଡିର ୭, ବିଆରଏସ୍‌ର ୪ ଏବଂ ଅକାଳୀ ଦଳର ଜଣେ ସାଂସଦଙ୍କୁ ମିଶାଇ ୧୪ ଜଣ ସାଂସଦ ମତଦାନରେ ଭାଗ ନେଇନଥିଲେ । ସନ୍ଧ୍ୟାରେ ମତଗଣନା କରାଯାଇ ଫଳାଫଳ ଘୋଷଣା କରାଯାଇଛି । ରିଟର୍ଣ୍ଣିଂ ଅଫିସର ଫଳାଫଳ ଘୋଷଣା କରି କହିଲେ ଯେ ଆଜିର ମତଦାନରେ ୭୬୭ଟି ଭୋଟ୍ ପଡ଼ିଥିଲା । ଏଥିମଧ୍ୟରୁ ୭୫୨ଟି ବୈଧ ଥିବା ବେଳେ ୧୫ଟି ଭୋଟ୍ ନାକଚ ହୋଇଥିଲା । ବୈଧ ଭୋଟ ମଧ୍ୟରୁ ରାଧାକ୍ରିଷ୍ଣନଙ୍କୁ ୪୫୨ଟି ପ୍ରଥମ ପସନ୍ଦର ଭୋଟ୍ ମିଳିଥିବା ବେଳେ ସୁଦର୍ଶନଙ୍କୁ ମିଳିଛି ୩୦୦ଟି ପ୍ରଥମ ପସନ୍ଦର ଭୋଟ୍ । ଏନ୍‌ଡିଏ ପ୍ରାର୍ଥୀଙ୍କୁ ଆକଳନ ଠାରୁ ୧୭ଟି ଅଧିକ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀଙ୍କୁ ଆକଳନ ଠାରୁ ୨୪ଟି କମ୍ ଭୋଟ୍ ମିଳିଛି ।

ସୂଚନାଯୋଗ୍ୟ ଯେ ଉପରାଷ୍ଟ୍ରପତି ନିର୍ବାଚନରେ ୧୫୨ ହେଉଛି ସବୁଠାରୁ କମ୍ ବିଜୟ ବ୍ୟବଧାନ । ୨୦୨୨ରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଧନଖଡ଼ ୫୨୮ଟି ଭୋଟ୍ ପାଇଥିବା ବେଳେ ବିରୋଧୀ ଦଳ ପ୍ରାର୍ଥୀ ମାର୍ଗାରେଟ୍ ଅଲଭା ପାଇଥିଲେ ମାତ୍ର ୧୮୨ଟି ଭୋଟ୍ । ୩୪୬ଟି ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ ଧନଖଡ଼ । ଗତ ଜୁଲାଇ ମାସରେ ଜଗଦୀପ ଧନଖଡ଼ ଇସ୍ତଫା ଦେବାପରେ ଉପରାଷ୍ଟ୍ରପତି ନିର୍ବାଚନ ଜରୁରି ହୋଇପଡ଼ିଥିଲା । ଏହି ପଦଲାଗି ଏନ୍‌ଡିଏ ପକ୍ଷରୁ ବିଜେପି ନେତା ତଥା ମହାରାଷ୍ଟ୍ର ଗଭର୍ଣ୍ଣର ସିପି ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିରୋଧୀ ମେଣ୍ଟ ପକ୍ଷରୁ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବି ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରାଯାଇଥିଲା ।

ନବନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପନ୍ନୁସାମୀ ରାଧାକ୍ରିଷ୍ଣନ ୨୦ ଅକ୍ଟୋବର ୧୯୫୭ରେ ତାମିଲନାଡୁର ତିରୁପୁରରେ ଜନ୍ମ ଗ୍ରହଣ କରିଥିଲେ । ଜଣେ ଆରଏସଏସ୍ କର୍ମୀ ଭାବେ ସାମାଜିକ ଜୀବନ ଆରମ୍ଭ କରିଥିବା ରାଧାକ୍ରିଷ୍ଣନ ୧୯୮୦ରେ ବିଜେପି ଗଠନ ହେବା ଦିନଠାରୁ ଦଳ ସହିତ ରହିଛନ୍ତି । ୧୯୯୮ ଏବଂ ୧୯୯୯ରେ ସେ ଦୁଇ ଥର କୋଏମ୍ବାଟୁର ଲୋକସଭାରୁ ନିର୍ବାଚିତ ହୋଇଥିଲେ । ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ସେ ତାମିଲନାଡୁର ବିଜେପି ସଭାପତି ଦାୟିତ୍ୱ ତୁଲାଇଥିଲେ । ୨୦୨୩ ଫେବୃଆରିରେ ରାଧାକ୍ରିଷ୍ଣନଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା । ଏହି ସମୟରେ ସେ ତେଲେଙ୍ଗାନା ଓ ଗୋଆର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ । ୨୦୨୪ ଜୁଲାଇରେ ତାଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା ।

ଇତିମଧ୍ୟରେ ନବନିର୍ବାଚିତ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଧନଖଡ଼ ଏବଂ ବିରୋଧୀ ଦଳ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀ ।

### କ୍ରସଭୋଟିଂ ନେଇ...

କରିଥିବାର ସନ୍ଦେହ କରାଯାଉଛି । ଶାସକ ଏନ୍‌ଡିଏ ପାଖରେ ୪୨୫ ସାଂସଦ ଥିବା ବେଳେ ୱାଇଏସ୍‌ଆର କଂଗ୍ରେସର ୧୧ ଜଣ ସଭ୍ୟ ଏହାଙ୍କୁ ସମର୍ଥନ ଘୋଷଣା କରିଥିଲେ । ତେଣୁ ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରତି ୪୩୬ ସଭ୍ୟଙ୍କ ସମର୍ଥନ ଥିଲା । ସେହିଭଳି ବିରୋଧୀ ଦଳ ପ୍ରାର୍ଥୀଙ୍କ ପ୍ରତି ୩୨୪ (ଇଣ୍ଡିଆ ବ୍ଲକ୍ ୩୧୭ ଏବଂ ଆପ୍ ୭) ସାଂସଦଙ୍କ ସମର୍ଥନ ଥିଲା । ରାଧାକ୍ରିଷ୍ଣନଙ୍କୁ ଆକଳନ ଠାରୁ ୧୭ଟି ଅଧିକ ଭୋଟ୍ ମିଳିଥିବା ବେଳେ ରେଡୀଙ୍କୁ ୨୪ଟି କମ୍ ଭୋଟ୍ ମିଳିଛି । ତେଣୁ ମତଦାନରେ ବିରୋଧୀ ଦଳ ପକ୍ଷରୁ କ୍ରସଭୋଟିଂ ହୋଇଥିବା କୁହାଯାଉଛି । ନିର୍ବାଚନରେ ବିରୋଧୀଙ୍କୁ 'ଏକଜୁଟ' ରଖିବା ଲାଗି ବିରୋଧୀ ମେଣ୍ଟର ଉଦ୍ୟମ ସଂପୂର୍ଣ୍ଣ ରୂପେ ସଫଳ ହୋଇନଥିବା ଫଳାଫଳରୁ ଜଣାପଡ଼ିଛି । କାରଣ ଏହାର କିଛି ସାଂସଦ କ୍ରସଭୋଟିଂ କରିଥିବା ବେଳେ ଆଉ କିଛି ସାଂସଦଙ୍କ ଭୋଟ୍ ନାକଚ ହୋଇଛି । ତେବେ କିଏ କ୍ରସ୍‌ଭୋଟିଂ କରିଛନ୍ତି ତାହାକୁ ନେଇ ବିରୋଧୀ ମେଣ୍ଟରେ ଖୋଳତାଡ଼ ଆରମ୍ଭ ହୋଇଯାଇଛି । ଏହାପୂର୍ବରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ତାଙ୍କ ପ୍ରାର୍ଥୀ ଏଥର ୪୦ ପ୍ରତିଶତ ଭୋଟ୍ ପାଇଛନ୍ତି । ଗତଥର କଂଗ୍ରେସ ପ୍ରାର୍ଥୀ ୨୬ ପ୍ରତିଶତ ଭୋଟ୍ ପାଇଥିଲେ ।

ସୂଚନାଯୋଗ୍ୟ ଯେ ରାଜ୍ୟସଭା ଏବଂ ଲୋକସଭା ସାଂସଦଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ, ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରନ୍ତି । ଇଲେକଟୋରାଲ କଲେଜ ସାଂସଦଙ୍କ ସଂଖ୍ୟା ୭୮୧ ଥିବା ବେଳେ ବିଜେଡି (୭), ବିଆରଏସ(୪) ଏବଂ ଅକାଳୀ ଦଳ (୧) ଏବଂ ଅନ୍ୟ ଦୁଇ ଜଣ ସାଂସଦ ଆଜିର ମତଦାନରେ ଭାଗ ନେଇ ନାହାନ୍ତି । ମୋଟ୍ ୭୮୧ ସାଂସଦଙ୍କ ମଧ୍ୟରୁ ଆଜି ୭୬୭ ସାଂସଦ ମତଦାନ କରିଥିଲେ । ତେଣୁ ବିଜୟ ପାଇଁ ପ୍ରାର୍ଥୀଙ୍କୁ ୩୮୪ଟି ଭୋଟର ଆବଶ୍ୟକତା ଥିଲା । ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ୍ ମିଳିଥିବା ବେଳେ ବିରୋଧୀ ପ୍ରାର୍ଥୀ ସୁଦର୍ଶନ ରେଡୀଙ୍କୁ ୩୦୦ ଭୋଟ ମିଳିଛି । ୧୫ଟି ଭୋଟ୍ ନାକଚ ହୋଇଛି ।

### ହିଂସା, ଅରାଜକତା...

ଜେନେରାଲ ଜେଡ୍ ନାମରେ ଚାଲିଥିବା ଏହି ଆନ୍ଦୋଳନ ଆଜି ଆହୁରି ଭୟଙ୍କର ରୂପ ନେଇଥିଲା । ଆନ୍ଦୋଳନକାରୀମାନେ ହଜାର ହଜାର ସଂଖ୍ୟାରେ ଆଜି ପୁଣି ରାସ୍ତାକୁ ଆସି ସଂସଦ, ସୁପ୍ରିମ କୋର୍ଟ ସମେତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଘର ଉପରେ ଆକ୍ରମଣ କରି ନିଆଁ ଲଗାଇଦେଇଥିଲେ । ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କୁ ସେମାନେ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ କରିଛନ୍ତି । ଆଉ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘରେ ଆନ୍ଦୋଳନକାରୀ ନିଆଁ ଲଗାଇଦେବାରୁ ତାଙ୍କ ପତ୍ନୀ ପୋଡ଼ି ଯାଇ ପ୍ରାଣ ହରାଇଛନ୍ତି । ଆନ୍ଦୋଳନକାରୀ ଜଣେ ମନ୍ତ୍ରୀଙ୍କୁ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଥିବାର ଦୃଶ୍ୟ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇବାରେ ଲାଗିଛି । ପରିସ୍ଥିତି ଅସମ୍ଭାଳ ହେଉଥିବା ଦେଖି ରାଷ୍ଟ୍ରପତି ରାମଚନ୍ଦ୍ର ପୌଡ଼େଲ ଏବଂ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଆଜି ସକାଳରେ ସେମାନଙ୍କ ପଦରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି । ଏହାପୂର୍ବରୁ ଅନେକ ମନ୍ତ୍ରୀ ଇସ୍ତଫା ଦେଇ ସାରିଥିଲେ । ଖବର ମିଳିଛି ଯେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେବାକୁ ରାଜି ନଥିଲେ । ଆନ୍ଦୋଳନକାରୀଙ୍କୁ ଦମନ କରିବା ଲାଗି ସେ ସେନା ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପକ୍ଷରେ ସେନା ଅଧ୍ୟକ୍ଷ ଏଥିରେ ରାଜି ହୋଇନଥିଲେ ଏବଂ ଓଲିଙ୍କୁ ଗାଦି ଛାଡ଼ିବା ଲାଗି ପରାମର୍ଶ ଦେଇଥିଲେ । ଏହାପରେ ଓଲି ଇସ୍ତଫା ଘୋଷଣା କରିଥିଲେ । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ପରେ କିଛି ଆନ୍ଦୋଳନକାରୀ ଆନନ୍ଦ ପ୍ରକାଶ କରୁଥିବା ବେଳେ ଅନେକ ଆନ୍ଦୋଳନକାରୀ ସଂସଦ ଭିତରେ ପଶି ନିଆଁ ଲଗାଇଦେଇଛନ୍ତି । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଘରୋଇ ବାସଭବନ ଉପରେ ମଧ୍ୟ ସେମାନେ ଆକ୍ରମଣ କରିଛନ୍ତି ।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଆଗେଇ ଆସିଛି ସେନା । ଅନେକ ସାମରିକ ହେଲିକପଟର ମନ୍ତ୍ରୀ ଓ ଅଫିସରମାନଙ୍କୁ ଉଦ୍ଧାର କରି ନିରାପଦ ସ୍ଥାନକୁ ନେଉଥିବା ଦେଖାଯାଉଛି । ଏହାର କିଛି ସମୟ ପରେ ବିମାନଘାଟିରେ ବିମାନ ସେବାକୁ ବାତିଲ କରାଯାଇଛି । ଇତିମଧ୍ୟରେ ସେନାବାହିନୀ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଶାନ୍ତି ବଜାୟ ରଖିବା ଲାଗି ନିବେଦନ କରାଯାଇଛି । ସେନା ପକ୍ଷରୁ କୁହାଯାଇଛି ଯେ ନେପାଳ ଓ ନେପାଳବାସୀଙ୍କର ସ୍ୱାଧୀନତା ଓ ସାର୍ବଭୌମତ୍ୱର ସୁରକ୍ଷା ଲାଗି ସେନା ସାମ୍ବିଧାନିକ ଦାୟିତ୍ୱ ତୁଲାଇବାକୁ ସଂକଳ୍ପବଦ୍ଧ । ଶାନ୍ତି, ସାମାଜିକ ସଦଭାବ ଏବଂ ଜାତୀୟ ଏକତା ବଜାୟ ରଖିବାରେ ସେନାକୁ ସହଯୋଗ କରିବା ଲାଗି ସେନା ଯୁବ ଆନ୍ଦୋଳନକାରୀଙ୍କୁ ଆହ୍ୱାନ ଜଣାଇଛି ।

ସୂଚନାଯୋଗ୍ୟ ଯେ ୨୦୦୮ ରେ ୨୪୦ ବର୍ଷ ପୁରୁଣା ରାଜତନ୍ତ୍ର ସମାପ୍ତ ହେବାପରେ ନେପାଳରେ ରାଜନୈତିକ ଅସ୍ଥିରତା ଲାଗି ରହିଛି । ଗତ ୧୭ ବର୍ଷ ଭିତରେ ନେପାଳରେ ୧୪ଟି ସରକାର ଗଠିତ ହେଲାଣି ଏବଂ କୌଣସି ଗୋଟିଏ ସରକାର ବି ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନାହିଁ । ୭୩ ବର୍ଷୀୟ ଓଲି ଗତବର୍ଷ ଚତୁର୍ଥ ଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ।

### ଶୀତଳଭଣ୍ଡାରରେ...

ଏଥିପାଇଁ ଶିମିଳିପାଳକୁ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ଏସବୁକୁ ଦୃଷ୍ଟିରେ ରଖି ଗତ ୨୦୨୪ ଜାନୁଆରୀ ମାସରେ ଶିମିଳିପାଳଠାରେ ଏକ କଳାବାଘ ସଫାରୀ ନିର୍ମାଣ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ । ବାରିପଦା ନିକଟରେ ଅର୍ଥାତ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଏହି ସଫାରୀ ପ୍ରାୟ ୨୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ହେବାର ଥିଲା । ଏଥି ମଧ୍ୟରୁ ୧୦୦ ହେକ୍ଟର ଅଞ୍ଚଳ ପ୍ରଦର୍ଶନୀ କ୍ଷେତ୍ର ପାଇଁ ଥିବାବେଳେ ଅବଶିଷ୍ଟ ଅଞ୍ଚଳକୁ ପଶୁ ଚିକିତ୍ସା ସେବା ସୁବିଧା, କର୍ମଚାରୀ ଭିତ୍ତିଭୂମି, ପରିଦର୍ଶକ ସୁବିଧା ଏବଂ ଏକ ଉଦ୍ଧାର କେନ୍ଦ୍ରର ବିକାଶ ପାଇଁ ବ୍ୟବହାର କରାଯିବାର ପ୍ରସ୍ତାବ ଥିଲା । ଏହି ସଫାରୀ କଳାବାଘ ଭଳି ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ଅନନ୍ୟ ଜୈବ ବିବିଧତାର ସଂରକ୍ଷଣ ଏବଂ ପ୍ରଦର୍ଶନ ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥାନ୍ତା ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଥିଲେ ।

ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ପରେ ଏହି ବିରଳ କଳାବାଘଙ୍କୁ ନେଇ ଶିମିଳିପାଳରେ ପ୍ରସ୍ତାବିତ ବ୍ୟାଘ୍ର ସଫାରୀ କାର୍ଯ୍ୟ ଆଗେଇ ପାରୁନାହିଁ । ଇତି ମଧ୍ୟରେ କଳାବାଘ ସଫାରୀ ଘୋଷଣାକୁ ଦେଢବର୍ଷ ପୂରିଗଲାଣି । ପୂର୍ବ ସରକାରଙ୍କ ଘୋଷଣା ଅନୁଯାୟୀ ଅକ୍ଟୋବର ୨୦୨୫ରେ ଏହି କଳାବାଘ ସଫାରୀ ପ୍ରଦର୍ଶନୀ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥାନ୍ତା । ଅମଲାତାନ୍ତ୍ରିକ ଅବହେଳା ଓ ବିଭାଗୀୟ ଉଦାସୀନତା ଯୋଗୁଁ ଏହି ପ୍ରକଳ୍ପ ଆଗେଇ ପାରୁନଥିବା ଅଭିଯୋଗ ଏବେ ଅଭିଯୋଗ ହୋଇଛି ହେଉଛି । ଯାହାଫଳରେ ଏହି ବିରଳ କଳାବାଘ ସଫାରୀ ପ୍ରସ୍ତାବ ଶୀତଳଭଣ୍ଡାରେ ରହିଯାଇଛି । ସୂଚନା ଥାଉ କି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ୨୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ । ଏଠାରେ ୫୦ ରୁ ଅଧିକ ସ୍ତନ୍ୟପାୟୀ ପ୍ରଜାତି, ୩୦୦ରୁ ଅଧିକ ପକ୍ଷୀ ପ୍ରଜାତି ଏବଂ ୬୦ ରୁ ଅଧିକ ସରୀସୃପ ପ୍ରଜାତିର ବାସସ୍ଥାନ କରୁଛନ୍ତି । ରାଜ୍ୟର ସର୍ବାଧିକ ବାଘ ଏଠାରେ ରହିଥିବା ବେଳେ ଦେଶରେ ଏକମାତ୍ର ସ୍ଥାନ ଭାବେ ଏଠାରେ ବିରଳ କଳାବାଘ ଦେଖାଯାଇଥାନ୍ତି ।

### ୧୩ ତାରିଖ...

ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ଏହା ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏଁ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ହେବ । ଏହା ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ସେ କହିଛନ୍ତି । ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ଓ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । ରାୟଗଡ଼ା ଜିଲ୍ଲାର କୋଟ୍ରାଗୁଡ଼ାରେ ସର୍ବାଧିକ ୫୮.୨ ମିମି ବର୍ଷା ରେକର୍ଡ କରାଯାଇଛି ।

### ବର୍ଷକରେ ଇଭି...

ଚଳପ୍ରଚଳ କରିବ । ୨୦୩୬ ଅର୍ଥାତ ଓଡ଼ିଶାକୁ ଶହେ ବର୍ଷ ବେଳକୁ ଏହି ସଂଖ୍ୟା ୭୦ ଓ ୨୦୪୭ ସୁଦ୍ଧା ମୋଟ୍ ଗାଡ଼ିର ୮୦ ପ୍ରତିଶତ ଇଭି ରହିଥିବ ବୋଲି ଏଥିରେ ଦର୍ଶାଯାଇଛି । ନୂତନ ନୀତିରେ ୨ ଚକିଆ ଇଭି ଗାଡ଼ି ପାଇଁ ସର୍ବାଧିକ ୨୦ ହଜାର ଟଙ୍କା, ୩ ଚକିଆ ପାଇଁ ୩୦ ହଜାର ଓ ୪ ଚକିଆ ଗାଡ଼ି ପାଇଁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ପ୍ରଦାନ କରାଯିବ । ଏହା ସହିତ ବୈଦ୍ୟୁତିକ ବସ୍, ପରିବହନ ସେବା ପାଇଁ ଗାଡ଼ି ଓ ଟ୍ରକ୍ ଓ ଇଭି ଆମ୍ବୁଲାନ୍ସ ଇତ୍ୟାଦି ପାଇଁ ମଧ୍ୟ ଉତ୍ସାହଜନକ ଭାବେ ରିଆତି ଦିଆଯିବ । ଆସନ୍ତା ୬ ମାସ ମଧ୍ୟରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ବ୍ୟବହୃତ ହେଉଥିବା ଗାଡ଼ି ଗୁଡ଼ିକୁ ଇଭି ଗାଡ଼ିରେ ପରିବର୍ତ୍ତନ କରାଯିବ । ସେହିପରି ରାଜ୍ୟର ସବୁ ସହରାଞ୍ଚଳରେ ପୌର ସଂସ୍ଥାଗୁଡ଼ିକ ଅଳିଆ ସଂଗ୍ରହ ଗାଡ଼ି ଓ ସେବାରେ ନିୟୋଜିତ ଗାଡ଼ି ଗୁଡ଼ିକୁ ଇଭିରେ ପରିବର୍ତ୍ତନ କରିବେ । ରାଜ୍ୟର ସମସ୍ତ ପାର୍କ, ପର୍ଯ୍ୟଟନ କ୍ଷେତ୍ର, ପିକ୍‌ନିକ୍ ସ୍ପଟ୍ ଆଦିରେ ସଟଲ୍ ସେବାରେ ବ୍ୟବହୃତ ଗାଡ଼ି ଓ ଡଙ୍ଗାକୁ ସୌରଚାଳିତ ବା ଇଭିରେ ରୂପାନ୍ତରିତ କରାଯିବ । ଏଥିପାଇଁ ୧୨ ମାସ ସମୟ ନିଆଯିବ । ଅନୁରୂପ ଭାବରେ ବର୍ଷେ ମଧ୍ୟରେ ସମସ୍ତ ସ୍କୁଲ୍ କଲେଜ୍‌ରେ ଚାଲୁଥିବା ବସ୍, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଚାଲୁଥିବା ଆମ୍ବୁଲାନ୍ସ ଓ ପୁଲିସ ପିସିଆର ଗୁଡ଼ିକ ମଧ୍ୟ ଇଭିରେ ରୂପାନ୍ତରିତ ହେବ । ଏଥିପାଇଁ ରାଜ୍ୟରେ ବ୍ୟାଟେରୀ ସ୍ୱାପିଂ କେନ୍ଦ୍ର ପ୍ରତିଷ୍ଠା ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିଆତି ବ୍ୟବସ୍ଥା କରାଯିବା ସହିତ ୩୦୦ ନୂଆ ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ହେବ ଏଥିପାଇଁ ୫ ଲକ୍ଷ ଟଙ୍କା ରିଆତି ବ୍ୟବସ୍ଥା ହୋଇଛି । ପ୍ରକାଶିତ ଏହି ଚିଠି ବିଜ୍ଞପ୍ତିକୁ ନେଇ ଗୋଟିଏ ମାସ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ । ଏହା ପରେ ବିଭାଗ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ।

### ରାଜ୍ୟରେ ବଢୁଛି...

ଅସ୍ଥିରତାକୁ ଦାୟୀ କରାଯାଉଛି । କିଏ ଫାଶୀରେ ଝୁଲୁଛି ତ କିଏ ବିଷ ପିଇ ଜୀବନ ହାରୁଛି । କେହି ପାଣିକୁ ଡେଇଁ ଆତ୍ମହତ୍ୟା କରୁଛି, କିଏ ପୁଣି ଦେହରେ ନିଆଁ ଲଗାଇ, କିଏ ଟ୍ରେନ୍ ଆଗକୁ ଡ଼େଇଁ ଜୀବନ ହାରୁଛି । ପ୍ରତିଦିନ ଏପରି ଖବର ଗଣମାଧ୍ୟମର ଶିରୋନାମା ପାଲଟୁଛି । ସବୁଠାରୁ ଗୁରତ୍ୱପୂର୍ଣ୍ଣ ଘଟଣା ହେଉଛି ମୋଟ ଆତ୍ମହତ୍ୟାର ୭୦ ପ୍ରତିଶତ ହେଉଛନ୍ତି କେବଳ ଯୁବପିଢ଼ି ।

୧୮ରୁ ୨୫ ବର୍ଷର ଯୁବବର୍ଗ ବା ବିଦ୍ୟାର୍ଥୀ ପ୍ରେମ, ପାଠପଢ଼ା ଚାପ, ପରିବାରଲୋକଙ୍କ ତାଗିଦ୍ ପାଇଁ ଆତ୍ମହତ୍ୟା କରୁଥିବାବେଳେ ୨୫ରୁ ୪୦ ବୟସ ବର୍ଗର ଲୋକମାନେ ପାରିବାରିକ କହଳ, ସଂସାର ବୋଝ, କର୍ମକ୍ଷେତ୍ରରେ ଚାପ କିମ୍ବା ବ୍ୟବସାୟରେ କ୍ଷତି ସହି ନପାରି ଆତ୍ମହତ୍ୟା ରାସ୍ତାକୁ ଆପଣାଉଥିବା ସୂଚନା ରହିଛି । ପରିବାର ଠାରୁ ଦୂରରେ ରହୁଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ଆତ୍ମହତ୍ୟା ଘଟଣା ଅଧିକ ଦେଖିବାକୁ ମିଳୁଛି । ଏ ସଂକ୍ରାନ୍ତରେ ମନସ୍ତତ୍ତ୍ୱିତ୍ ସଚ୍ଚିଦାନନ୍ଦ ନାଥ କହିଛନ୍ତି ଯେ, ଆତ୍ମହତ୍ୟାର ମୂଳ କାରଣ ହେଉଛି ନିଃସଙ୍ଗତା । ଯେଉଁମାନେ ବିଭିନ୍ନ କାରଣରୁ ମାନସିକ ଚିନ୍ତାରେ ରହୁଛନ୍ତି ସେମାନଙ୍କୁ ପରିବାର, ବନ୍ଧୁ କିମ୍ବା କର୍ମକ୍ଷେତ୍ରରେ ସହଯୋଗୀମାନେ ଏକାକୀ ନ କରି ସହଯୋଗ କଲେ ବ୍ୟକ୍ତିର ମାନସିକ ସ୍ଥିତି ବଦଳିଥାଏ । ତେଣୁ ଏଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଉଚିତ୍ । ବିଶେଷ କରି ବର୍ତ୍ତମାନ ଅଧିକ ଯୁବଗୋଷ୍ଠୀ ଡିଜିଟାଲ ଦୁଃଖ ବା ଯନ୍ତ୍ରଣାର ସମ୍ମୁଖୀନ ହେଉଛନ୍ତି । ଅଧିକ ସମୟ ଧରି ରିଲସ୍ ଦେଖିବା, ବିଭିନ୍ନ ପ୍ରକାର ଗେମ୍ ଖେଳିବା, ଅନ୍ୟର ଜୀବନଶୈଳୀକୁ ନିଜ ଜୀବନ ସହ ତୁଳନା କରି ଦୁଃଖ ପ୍ରକାଶ କରିବା, ସାମାଜିକ ଗଣମାଧ୍ୟରେ ଲାଇକ୍ କମିବାର ଚିନ୍ତା ଆଦି ଯୁବଗୋଷ୍ଠୀଙ୍କ ବ୍ୟବହାରରେ ପରିବର୍ତ୍ତନ କରିବା ସହ ମାନସିକ କ୍ଷେତ୍ରରେ ମଧ୍ୟ ଦୁର୍ବଳ ଅନୁଭବ ହୋଇଥାଏ । ଯାହାକି ସେମାନେ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିନପାରି ଆତ୍ମହତ୍ୟା ପାଇଁ ମନସ୍ଥ କରିଥାନ୍ତି । ତେବେ ଆତ୍ମହତ୍ୟା କେବେହେଲେ ଏକ ତତ୍‌କ୍ଷଣାତ୍ ନିଷ୍ପତ୍ତି ନୁହେଁ, ଏଥିପାଇଁ ପୂର୍ବରୁ ମାନସିକ ଭାବେ ଚିନ୍ତା କରାଯାଇଥାଏ । ତେବେ ଯେଉଁମାନେ ମାନସିକ ଭାବେ ଦୁର୍ବଳ ସେମାନେ ଛୋଟ ଛୋଟ କଥାକୁ ମନ ଭିତରେ ଗଭୀର ଭାବେ ଚିନ୍ତା କରି ଏଭଳି ନିଷ୍ପତ୍ତି ନେଉଛନ୍ତି । ଏକ ରିପୋର୍ଟ ଅନୁସାରେ ଭାରତରେ ପ୍ରତି ୩ମିନିଟରେ ଜଣେ ଆତ୍ମହତ୍ୟା କରୁଥିବା ବେଳେ ଓଡ଼ିଶାରେ ପ୍ରତି ୧୦ଜଣଙ୍କ ମଧ୍ୟରୁ ଜଣେ ଆତ୍ମହତ୍ୟା କରିବାକୁ ଚିନ୍ତା କରୁଛନ୍ତି । ସାମାଜିକ ଗଣମାଧ୍ୟମ ଆବଶ୍ୟକତା ଠାରୁ ଅଧିକ ବ୍ୟବହାର ନକରିବା, ପରିବାର ସଦସ୍ୟଙ୍କ ସହ ମନଖୋଲି କଥାବାର୍ତ୍ତା କରିବା କାର୍ଯ୍ୟକ୍ଷେତ୍ର ହେଉ ଅବା ବ୍ୟକ୍ତିଗତ କ୍ଷେତ୍ରରେ ଭଲ ବନ୍ଧୁଙ୍କ ସହ ସମ୍ପର୍କ ରଖିବା, ରାତିରେ ଭଲ ନିଦରେ ଶୋଇବା ଆଦିକୁ ଗୁରୁତ୍ୱ ଦେବା ନିହାତି ଜରୁରୀ ବୋଲି ଶ୍ରୀ ନାଥ କହିଛନ୍ତି ।

## ବିମାନବନ୍ଦର ନିର୍ମାଣରେ ପରିବେଶ ନିୟମ ଉଲ୍ଲଂଘନ

# କେନ୍ଦ୍ର ଓ ରାଜ୍ୟକୁ ଏନ୍‌ଜିଟି ଛାଟ

କଟକ, ୯।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣରେ ବ୍ୟାପକ ପରିବେଶଗତ ନିୟମ ଉଲ୍ଲଂଘନ ଅଭିଯୋଗ କରି ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦାୟର ଆବେଦନକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିଛନ୍ତି ଏନଜିଟି । ସୁରେନ୍ଦ୍ର ତାପାସୁ ଓ ଅନ୍ୟ ୯ଜଣ ବାସିନ୍ଦାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଅରୁଣ କୁମାର ତ୍ୟାଗୀ (ନ୍ୟାୟିକ ସଦସ୍ୟ) ଏବଂ ଡକ୍ଟର ଆଫରୋଜ ଅହମ୍ମଦ (ବିଶେଷଜ୍ଞ ସଦସ୍ୟ)ଙ୍କୁ ନେଇ ଗଠିତ ଏନଜିଟିର ପୂର୍ବାଞ୍ଚଳ ଜୋନ୍ ଖଣ୍ଡପୀଠ ଏହି ନୋଟିସ୍ ଜାରି କରିଛନ୍ତି । କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ପ୍ରମୁଖ ସଚିବ (ଜଙ୍ଗଲ ଏବଂ ପରିବେଶ), ଅତିରିକ୍ତ ମୁଖ୍ୟ ସଚିବ (ବାଣିଜ୍ୟ ଏବଂ ପରିବହନ), ପୁରୀ ଜିଲ୍ଲାପାଳ ଏବଂ ବିଭାଗୀୟ ବନ ଅଧିକାରୀ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନୋଟିସ୍ ଜାରି କରାଯାଇଛି । ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୦ ତାରିଖରେ ହେବ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢୀ ମାମଲା ପରିଚାଳନା କରୁଛନ୍ତି ।

ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ପ୍ରକଳ୍ପଟି ବାଧ୍ୟତାମୂଳକ ପରିବେଶଗତ ଅନୁମତି (ଇସି), ଜଙ୍ଗଲ ଅନୁମତି (ଏଫସି) କିମ୍ବା ଉପକୂଳ ନିୟନ୍ତ୍ରଣ କ୍ଷେତ୍ର (ସିଆରଜେଡ୍) ଅନୁମୋଦନ ବିନା ଆରମ୍ଭ ହୋଇଛି । ସମ୍ବେଦନଶୀଳ ଏବଂ ଘୂର୍ଣ୍ଣିଝଡ଼-ପ୍ରବଣ ଉପକୂଳ ଅଞ୍ଚଳରେ ଗଛ କାଟିବା ସ୍ଥାୟୀ ବିକାଶ ନୀତିର ଉଲ୍ଲଘଂନ ହୋଇଥିବା ବେଳେ ପ୍ରକଳ୍ପର ରାସ୍ତା ତିଆରି କରିବା ପାଇଁ ୧୩,୫୦୦ରୁ ଅଧିକ ଗଛ କଟାଯାଇଛି । ୪୭୧.୪୦୧ ହେକ୍ଟର୍ ପରିମିତ ଅଞ୍ଚଳରେ ହେବାକୁ ଥିବା ଏହି ବିମାନବନ୍ଦର ସ୍ଥାନରେ ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ଏବଂ ଏହା ସିଆରଜେଡ୍-୩ ମଧ୍ୟରେ ଅବସ୍ଥିତ । ଏହି ଅଞ୍ଚଳ ବାଲୁଖଣ୍ଡ-କୋଣାର୍କ ବନ୍ୟପ୍ରାଣୀ ଅଭୟାରଣ୍ୟ ନିକଟରେ ରହିଛି, ଯାହା କୃଷ୍ଣସାର ମୃଗଙ୍କ ବାସସ୍ଥାନ ଏବଂ ଅଲିଭ୍ ରିଡଲେ କଇଁଛଙ୍କ ବସାଘର ଭାବେ ପରିଚିତ । ଏଣୁ ସିପସରୁବାଲି ମୌଜା ପ୍ରକଳ୍ପ ସ୍ଥାନରେ ଆପ୍ରୋଚ୍ ରୋଡ୍, ସୀମା ପ୍ରାଚୀର ଏବଂ ସାମଗ୍ରୀ ଷ୍ଟକ୍‌ୟାର୍ଡ ସମେତ ଚାଲିଥିବା ନିର୍ମାଣ କାର୍ଯ୍ୟ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ପାଇଁ ପ୍ରାର୍ଥନା କରାଯାଇଛି ।

## ଏମ୍‌କେସିଜି ଇଏନ୍‌ଟି ବିଭାଗର ସଫଳ ଅସ୍ତ୍ରୋପଚାର

# ବୃଦ୍ଧଙ୍କ ଖାଦ୍ୟନଳୀରୁ ବାହାରିଲା ୯ ଇଞ୍ଚର ଦାନ୍ତକାଠି

ବ୍ରହ୍ମପୁର, ୯।୯ (ସମିସ): ଏମ୍‌କେସିଜି ମେଡ଼ିକାଲ ଇଏନ୍‌ଟି ବିଭାଗରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ଖାଦ୍ୟନଳୀରୁ ୯ ଇଞ୍ଚର ଏକ ଦାନ୍ତକାଠି ବାହାର କରାଯାଇଛି । ଅସାବଧାନତା ଯୋଗୁଁ ବୃଦ୍ଧଜଣଙ୍କ ଦାନ୍ତକାଠିଟିକୁ ଗିଳିଦେଇଥିଲେ । ଏଥିଯୋଗୁଁ ଅସହ୍ୟ ଯନ୍ତ୍ରଣା ସହ ଖାଇବାରେ ସମସ୍ୟା ହୋଇଥିଲା । ପରିବାରଲୋକ ତାଙ୍କୁ ଏମ୍‌କେଜସିଜିରେ ଭର୍ତ୍ତି କରାଇବା ପରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଅସ୍ତ୍ରୋପଚାର କରିଥିଲେ । ଏସୋଫାଗୋସ୍କୋପ୍ ପଦ୍ଧତିରେ ଦୀର୍ଘ ଏକ ଘଣ୍ଟା ଧରି ଅସ୍ତ୍ରୋପଚାର ପରେ ଖାଦ୍ୟନଳୀରୁ ଦାନ୍ତ କାଠିଟିକୁ ବାହାର କରାଯାଇଥିଲା । ଅସ୍ତ୍ରୋପଚାର ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବିଭାଗୀୟ ମୁଖ୍ୟ ଆସୋସିଏଟ୍ ପ୍ରଫେସର୍ ଡା. ସଞ୍ଜିତ କୁମାର ମିଶ୍ର କହିଛନ୍ତି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଗ୍ରାମର କାମରାଜୁ ନାୟକ (୮୦) ଗତ ବୁଧବାର ସକାଳେ ଦାନ୍ତ ଘଷୁଥିବା ବେଳେ ଅସାବଧାନତାବଶତଃ ଦାନ୍ତକାଠିଟିକୁ ଗିଳି ଦେଇଥିଲେ । ବହୁ ଚେଷ୍ଟା ସତ୍ତ୍ୱେ ବାହାରିନଥିଲା । ଫଳରେ ଖାଦ୍ୟ ଖାଇବାରେ ସମସ୍ୟା ସହ ଅସହ୍ୟ ଯନ୍ତ୍ରଣା ହୋଇଥିଲା । ବିଭିନ୍ନ ମେଡ଼ିକାଲ ବୁଲି



ଶେଷରେ ସୋମବାର ଏମ୍‌କେସିଜି ମେଡ଼ିକାଲରେ ପହଞ୍ଚିଥିଲେ । ସେଠାରେ ଇଏନ୍‌ଟି ବିଭାଗର ଡାକ୍ତର କାମରାଜୁଙ୍କ ଚିକିତ୍ସା କରିବା ସହ ବିଭିନ୍ନ ପରୀକ୍ଷା କରିଥିଲେ । ବୃଦ୍ଧଙ୍କ ରକ୍ତଚାପ ଉଚ୍ଚ ରହିଥିବାରୁ ନିଶ୍ଚେତକ ଦେଇ ଅସ୍ତ୍ରୋପଚାର କରିବା ବିପଦପୂର୍ଣ୍ଣ ଥିଲା । ଶେଷରେ ଏସୋଫାଗୋସ୍କୋପ୍ ପଦ୍ଧତିରେ କାମରାଜୁଙ୍କ ଖାଦ୍ୟନଳୀରେ ଥିବା ଦାନ୍ତକାଠିକୁ ବାହର କରିବାକୁ ନିଷ୍ପତ୍ତି ନେଇଥିଲେ । ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅସ୍ତ୍ରୋପଚାର ପରେ ୯ ଇଞ୍ଚର ଦାନ୍ତକାଠି ବାହାର

### ଯନ୍ତ୍ରଣା ଯୋଗୁ ସପ୍ତାହେ ଧରି ଭୋକରେ ଥିଲେ

କରାଯାଇଥିଲା । ଡାକ୍ତରୀ ଟିମ୍‌ରେ ଇଏନ୍‌ଟି ବିଭାଗର ମୁଖ୍ୟ ଡା. ସଞ୍ଜିତ କୁମାର ମିଶ୍ରଙ୍କ ନେତୃତ୍ୱରେ ଆସିଷ୍ଟାଣ୍ଟ ପ୍ରଫେସର ଡା. ସରିତା ଦାଶ, ନିଶ୍ଚେତକ ବିଭାଗର ଡା. ବିପିନ ମଲ୍ଲିକ, ଡା. ଅନୁପ ହରିଚନ୍ଦନ, ଡା. ପ୍ରବୀର କେଶରୀ ପ୍ରଧାନ, ଡା. ସ୍ୱାତୀ ଓ ଡା. ସରିତା ମାରାଣ୍ଡିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ସାଧୁ ବେଶରେ ଗାଁ ଭିତରୁ ନାବାଳକଙ୍କୁ ଅପହରଣ

କଣିହାଁ, ୯।୯ (ସମିସ): ସାଧୁବେଶରେ ଆସି ଗାଁ ଭିତରୁ ନାବାଳକଙ୍କୁ ଅପହରଣ । ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ଅଧୀନ ଭାଲିଆବେଡ଼ା ଗ୍ରାମରେ ଆଜି ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ତେବେ ସୌଭାଗ୍ୟକୁ ଗାଁଲୋକେ ଅପହରଣକାରୀମାନଙ୍କୁ ଧରି ରେଙ୍ଗାଳି ପୁଲିସ ଜିମା ଦେଇଛନ୍ତି । ଏହି ଘଟଣାରେ ପୁଲିସ୍

### ଧରି ପକାଇଲେ ଗାଁ ଲୋକ, ୯ ଅଟକ

୯ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ସେମାନଙ୍କ ମଧ୍ୟରୁ ୮ଜଣଙ୍କ ଘର ମଧ୍ୟପ୍ରଦେଶରେ ହୋଇଥିବା ବେଳେ ଜଣଙ୍କ ଘର ଉତ୍ତରପ୍ରଦେଶରେ ବୋଲି ପୁଲିସ୍ କହିଛି । ସେମାନଙ୍କ ନିକଟରୁ ପୁଲିସ ଦୁଇଟି କାର୍ ଜବତ କରିଛି ।

ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୧୦ଟାରେ ଗାଁର ଦୁଇ ଛାତ୍ର ସତ୍ୟପ୍ରକାଶ ସାହୁ ଓ ଯୁବରାଜ ବେହେରା ଚାଲିଚାଲି ସ୍କୁଲ ଯାଉଥିଲେ । ସେମାନେ ସ୍କୁଲ ଗେଟ୍ ପାଖରେ ହୋଇଥିବା ବେଳେ ଦୁଇଟି କାର୍‌ରେ ଅଘୋରୀ ବେଶରେ ୯ଜଣ ବାବା ସେଠାରେ ପହଞ୍ଚିଥିଲେ । କେହି କିଛି ବୁଝିବା ପୂର୍ବରୁ ସେମାନେ ସତ୍ୟପ୍ରକାଶଙ୍କୁ କାର୍ ଭିତରକୁ ଟାଣି ନେଇ ଅପହରଣ କରିଥିଲେ । ଏହାଦେଖି ଯୁବରାଜ ଚିତ୍କାର କରି ଗାଁଲୋକଙ୍କୁ ଡାକ ପକାଇଥିଲେ ।



ଅପହରଣକାରୀମାନେ କାର୍ ନେଇ ଗାଁ ମୁଣ୍ଡରେ ଥିବା ଏକ କଂକ୍ରିଟ୍ ଜଙ୍ଗଲ ଆଡ଼କୁ ପଳାଇଥିଲେ । କିନ୍ତୁ ରାସ୍ତାଟି ସେହିଠାରେ ଶେଷ ହୋଇଯିବାରୁ ସେମାନେ ଆଉ ଆଗକୁ ଯାଇ ପାରିନଥିଲେ । ଗାଡ଼ି ବୁଲାଇବା ପାଇଁ ଆଉ ରାସ୍ତା ନଥିବାରୁ ସେଠାରେ ଅଟକି ରହିଥିଲେ । ସେତେବେଳକୁ ଗାଁଲୋକମାନେ ପହଞ୍ଚି ଅପହରଣକାରୀଙ୍କୁ କାବୁ କରିନେଇଥିଲେ । ରେଙ୍ଗାଳି ପୁଲିସ ଆସି ଅଭିଯୁକ୍ତମାନଙ୍କୁ ଥାନାକୁ ନେଇଥିଲା ।

## ଭିଜିଲାନ୍ସ ଜାଲରେ ଗ୍ରାମ୍ୟ କୃଷି କର୍ମଚାରୀ

କିଶୋରନଗର, ୯।୯ (ସମିସ): ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଗ୍ରାମ୍ୟ କୃଷି କର୍ମଚାରୀ । ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କୃଷି ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ ଏକ ଏନ୍‌ଜିଓ ସଂସ୍ଥାଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ



ଅନୁଗୋଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ସୂଚନାନୁଯାୟୀ, କିଶୋରନଗର ବ୍ଲକ ଚୁଡ଼ାପୁର ଗ୍ରାମର ଏକ ଏନଜିଓ ସଂସ୍ଥାର ମୁଖ୍ୟ ରଞ୍ଜନ ପ୍ରଧାନଙ୍କଠାରୁ ସେ ରବି ଚାଷ ବିହନ, ଔଷଧ ବିତରଣ ପାଇଁ ୟୁଟିଲାଇଜେସନ୍ ସାର୍ଟିଫିକେଟ କରାଇବା ପାଇଁ ଏହି ଲାଞ୍ଚ ଟଙ୍କା ନେଉଥିଲେ ।

# ପୁଣି ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାତ୍ରପୁର, ୯।୯(ସମିସ): ଅସହ୍ୟ ହେଲାଣି ଦାଦନ ଯନ୍ତ୍ରଣା । ପୁଣି ୨ଜଣ ଦାଦନ ଶ୍ରମିକଙ୍କ ଏକ ବସ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ମୃତକଦ୍ୱୟ ହେଲେ, ପାତ୍ରପୁର ବ୍ଲକ ମନ୍ଦରଡ଼ା ପଞ୍ଚାୟତ ଅନ୍ତର୍ଗତ

### ୩ ଦିନରେ ପ୍ରାଣ ହରାଇଲେଣି ୪ଜଣ

ତିନିଘରିଆ ଗ୍ରାମର ଗୋପାଳ ଗୌଡ଼ଙ୍କ ପୁଅ ଗଦାଧର ଗୌଡ଼ ଓ ଅନ୍ୟ ଜଣେ ବାଦପୁର ଗ୍ରାମର ତୁମ୍ବନାଥ ବେହେରା । ସୂଚନାନୁସାରେ, ଗଦାଧର ଗତ ୪ ମାସ ହେବ ତାମିଲନାଡୁରେ ଶ୍ରମିକ ଭାବେ କାମ କରୁଥିଲେ । ଗତକାଲି ସେଠାରେ ବସ୍ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଘଟିଛି । ଗଦାଧରଙ୍କ ଶବ ଗ୍ରାମକୁ ଆସି ନଥିବା ବେଳେ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି । ସେହିଭଳି ତୁମ୍ବନାଥ ମୁମ୍ବାଇର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଗତ କିଛି ଦିନ ହେବ ତାଙ୍କର ହୃତ୍‌ପିଣ୍ଡରେ ଅସ୍ତ୍ରୋପଚାର ହୋଇଥିଲା । ସୋମବାର ଭୋର୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ମଙ୍ଗଳବାର ଶବ ଗ୍ରାମରେ ପହଞ୍ଚିଛି । ଏକ ଶୋକାକୁଳ ପରିବେଶରେ ତାଙ୍କ ଶବ ସତ୍କାର





ହୋଇଛି । ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଯାଇ କାମ କରୁଥିବା ଗରିବ ଶ୍ରମିକଙ୍କ ଏଭଳି ଅକାଳ ବିୟୋଗକୁ ପରିବାରଲୋକ ଓ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ଗତ ୩ ଦିନ ମଧ୍ୟରେ ୪ଜଣ ଦାଦନଙ୍କ ମୃତ୍ୟୁ ଘଟିଥିବା ବେଳେ ଦାଦନ ଯନ୍ତ୍ରଣାରେ କଳବଲ ହେଲାଣି ପାତ୍ରପୁର ବ୍ଲକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ହୀରାକୁଦ ଜଳସ୍ତର ୬୨୭.୭୩ ଫୁଟ୍

ସମ୍ବଲପୁର, ୯।୯ (ସମିସ): ଉପରମୁଣ୍ଡରେ ବର୍ଷା କମିବାରୁ ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ଗେଟ୍ ବନ୍ଦ କରୁଥିବା ବେଳେ ବର୍ତ୍ତମାନ ବାମପାର୍ଶ୍ୱର ମାତ୍ର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି । ଆଜି ଅପରାହ୍ଣ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୭.୭୩ ଫୁଟ୍‌ରେ ପହଞ୍ଚିଛି ।

### ଗୋଟିଏ ଗେଟ୍ ଖୋଲା

ଜଳଭଣ୍ଡାରକୁ ଏବେ ସେକେଣ୍ଡ ପ୍ରତି ୮୭,୮୬୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୯,୭୪୬ଘନଫୁଟ୍ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୧୬,୨୬୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୨୯,୨୦୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି । ସୂଚନାନୁଯାୟୀ, ନଦୀବନ୍ଧର ଉପରମୁଣ୍ଡରେ ୭.୨୨ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୪.୮୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୯୧ ଫୁଟ୍ ରହିଥିଲା ।

# ଭିତରକନିକାରେ ୧ ଲକ୍ଷ ୩୦ ହଜାର ୭୯୬ ଦେଶୀୟ ପକ୍ଷୀ

ରାଜନଗର, ୯।୯ (ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ରହିଛି । ଗତବର୍ଷ ଭିତରକନିକାରେ ୧,୩୦,୧୨୩ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବା ବେଳେ ଚଳିତବର୍ଷ ଏହି

### ଗତବର୍ଷଠାରୁ ୬୭୩ ଅଧିକ ପକ୍ଷୀ

ସଂଖ୍ୟା ୧,୩୦,୭୯୬କୁ ବୃଦ୍ଧି ପାଇଛି । ଅର୍ଥାତ୍ ଗତବର୍ଷଠାରୁ ଚଳିତବର୍ଷ ୬୭୩ ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି । ୧୪୦୯ଟି ଗଛରେ ୨୭,୬୪୬ ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଥିବା ଜଣାପଡ଼ିଛି ।

ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁଙ୍କରଙ୍କ ସୂଚନା ମୁତାବକ, ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧ ତାରିଖ ଯାଏଁ ତିନିଦିନ ଧରି ଭିତରକନିକାର ମଠଆଡ଼ିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦଡ଼ିଆ ସମେତ ରାଜନଗର ରେଞ୍ଜର ବ୍ରାହ୍ମଣୀ ନଦୀ ମଧ୍ୟରେ ଥିବା ବାଲିଡିଆ ଆଇଲ୍ୟାଣ୍ଡରେ ପକ୍ଷୀ ଗଣନା କରାଯାଇଥିଲା । ଭିତରକନିକା ଜାତୀୟ ଉଦ୍ୟାନରେ ବନ ବିଭାଗର ୩ଟି ଟିମ ପକ୍ଷୀ ଗଣନା କରିଥିବା ବେଳେ ଜାତୀୟ ଉଦ୍ୟାନ ବାହାରେ ଦୁଇଟି ଟିମ୍ ପକ୍ଷୀ ଗଣନା କରିଥିଲେ ।

ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି । ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ, ଖଇରାବଗ, ମାଟିଆବଗ, ପାଣିକୁଆ, ଅନ୍ଧାରିଆବଗ, କାପରଖାଇ, ଦାବେଣ୍ଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି । ମଠଆଡ଼ିଆରେ ୧୩୨୬୧ ବସାରେ ୨୬,୫୨୨ ବଡ଼ପକ୍ଷୀ ଓ ୩୭୦୪୨ ଶାବକ, ଲକ୍ଷ୍ମୀପ୍ରସାଦଡ଼ିଆରେ ୨୭୧୮୮ ବଡପକ୍ଷୀ ଓ ୩୬୩୬୪ ଶାବକ, ଦୁର୍ଗାପ୍ରସାଦଡ଼ିଆରେ ୧୧୮ ବଡ଼ପକ୍ଷୀ ଓ ୧୫୪ ଶାବକ, ବାଲିଡିଆରେ ୧୪୬୪ ବଡପକ୍ଷୀ ଓ ୧୯୪୪ ଶାବକପକ୍ଷୀଙ୍କୁ ଗଣନା ସମୟରେ ଠାବ କରଯାଇଥିଲା ।

AFFIDAVIT

By virtue of an affidavit sl No.-8753, dtd. 08.09.2025 before the Executive Magistrate, Jajpur, I, Pritipiyusa Nayak, Vill/Po- Nandipur, Dist.- Jajpur, Odisha here by declare that my Father's correct name is Akshya Kumar Nayak but in Passport bearing no. L8794894 my fathers name reflected as Akhasy Nayk. That both the names are one and same person.



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଆଶା କରିଥିବା ଦିଗରୁ ଫଳ ମିଳିବ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି।

**ଧନୁ:** କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାର ସହିତ ହସଖୁସିର ସମୟ ଅତିବାହିତ କରିବେ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ଜମି କ୍ରୟ କରିପାରନ୍ତି।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଦେଖାଦେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେବ। ଭାଇ ଭାଇ ମଧ୍ୟରେ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାର ଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୨୦୨୦- ଫ୍ରାନ୍ସ ଦ୍ୱାରା ନିର୍ମିତ ପାଞ୍ଚୋଟି ରାଫେଲ ଯୁଦ୍ଧ ବିମାନ ଭାରତୀୟ ବାୟୁସେନାରେ ସାମିଲ ହେଲା।

## କମଳା ରଙ୍ଗର ସାର୍କ



ସାମାଜିକ ଗଣମାଧ୍ୟମରେ ଏକ କମଳା ରଙ୍ଗ ସାର୍କର ଫଟୋ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହାର ରଙ୍ଗ କମଳା ହୋଇଥିବାରୁ ଏହାକୁ ଦୁର୍ଲଭ ସାର୍କ ବୋଲି କୁହାଯାଉଛି। ଏହାର ରଙ୍ଗକୁ ଦେଖି କେବଳ ସାଧାରଣ ଲୋକ ନୁହନ୍ତି, ବୈଜ୍ଞାନିକମାନେ ବି ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଏହାବାଦ୍ ଏହାର ଏଭଳି ରଙ୍ଗ ଯୋଗୁଁ ଲୋକେ ଏହାକୁ ଗୋଲଡେନ୍ ଫିସ୍ ସାର୍କ ବୋଲି କହୁଛନ୍ତି। ବିଜ୍ଞାନଭିତ୍ତିକ ପତ୍ରିକା ‘ମରିନ୍ ବାୟୋଲୋଜି ଜର୍ଣ୍ଣାଲ’ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏହି ସାର୍କଟିକୁ ୨୦୨୪ ଅଗଷ୍ଟରେ କୋଷ୍ଟାରିକାର ଟୋର୍ଟୁଗୁଏରୋ ଜାତୀୟ ଉଦ୍ୟାନରେ ଦେଖାଯାଇଥିଲା। ସେତେବେଳେ କିଛି ମତ୍ସ୍ୟଜୀବୀ ସମୁଦ୍ରର ୩୭ ମିଟର ଗଭୀରରେ ଏହି କମଳା ରଙ୍ଗର ସାର୍କଟିକୁ ଦେଖିଥିଲେ। ଏହାର ଆଖି ଧଳା ଏବଂ ଶରୀର କମଳା ରଙ୍ଗର ଥିଲା। ମତ୍ସ୍ୟଜୀବୀମାନେ ସାର୍କର ଫଟୋ ଉଠାଇ ଏହାକୁ ପୁଣି ପାଣିରେ ଛାଡ଼ିଦେଇଥିଲେ। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହି ସାର୍କର ବିଶେଷ ରଙ୍ଗ ଦୁଇଟି ଅତ୍ୟନ୍ତ ବିରଳ ଜେନେଟିକ୍ ସ୍ଥିତି ଯୋଗୁଁ ହୋଇଛି। ପ୍ରଥମଟି ହେଉଛି ଆଲବିନିଜମ୍, ଯେଉଁଥିରେ ପ୍ରାଣୀର ଚର୍ମ ଏବଂ ଆଖିର ରଙ୍ଗ ଫିକା ହୋଇଯାଏ। ଦ୍ୱିତୀୟଟି ହେଉଛି ଜାନ୍ଥିଜିମ୍, ଯାହା ଯୋଗୁଁ ପ୍ରାଣୀର ଚର୍ମ କିମ୍ବା ଆବରଣ ହଳଦିଆ-କମଳା ଦେଖାଯାଏ। ଗବେଷକଙ୍କ ଅନୁସାରେ, ଏହି ଦୁଇଟି ଜେନେଟିକ୍ ଅବସ୍ଥା ଯୋଗୁଁ ସାର୍କର ଶରୀର ଠିକ୍ ଭାବରେ ମେଲାନିନ୍ ଉତ୍ପାଦନ କରିପାରିନଥିଲା, ଯାହା ଫଳରେ ଏହାର ଶରୀରର ରଙ୍ଗ ମାଟିଆ କିମ୍ବା ନୀଳ ପରିବର୍ତ୍ତେ କମଳା ରଙ୍ଗର ହୋଇଗଲା। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହା ଏକ ସାଧାରଣ ନର୍ସ ସାର୍କ ଥିଲା, କେବଳ ଏହାର ରଙ୍ଗ ଭିନ୍ନ ଥିଲା। ଅବଶ୍ୟ ଏହି ରଙ୍ଗ ଏହା ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। କାରଣ ସମୁଦ୍ରର ଗଭୀର ଜଳରେ ସାର୍କର ଏହି ଉଜ୍ଜ୍ୱଳ ରଙ୍ଗ ଶିକାରୀଙ୍କୁ ସହଜରେ ଆକର୍ଷିତ କରିବ।

## ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ



କଥାରେ ଅଛି ଆତ୍ମହତ୍ୟା ମହାପାପ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ପ୍ରତି ସମଗ୍ର ବିଶ୍ୱରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଭାବରେ ପାଳନ କରାଯାଏ। ୨୦୦୩ ମସିହାରୁ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସ ପାଳନ ହୋଇଆସୁଛି। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ‘ଦ ଇଣ୍ଟରନ୍ୟାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ୍’ (ଆଇଏଏସ୍‌ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥା ଡବ୍ଲୁ୍ୟଏମ୍‌ଏଚ୍ ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ଆରମ୍ଭ କରାଯାଇଛି। ୨୦୧୧ ମସିହାରେ ବିଶ୍ୱର ୪୦ଟି ଦେଶ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଆତ୍ମହତ୍ୟା ବର୍ତ୍ତମାନ ପୃଥିବୀପୃଷ୍ଠରେ ଅନ୍ୟତମ ବଡ଼ ସମସ୍ୟା। ପ୍ରତିଦିନ ଅନେକ ସଂଖ୍ୟକ ଲୋକ ଆତ୍ମହତ୍ୟା କରୁଛନ୍ତି। ଖବରକାଗଜ ଏବଂ ଟେଲିଭିଜନ ଖୋଲିବାମାତ୍ରେ ପ୍ରଥମେ ଆତ୍ମହତ୍ୟା ଖବର ନଜରକୁ ଆସୁଛି। ଗତ କିଛି ବର୍ଷଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉକି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ସେହିପରି ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନର ବାଟ ନୁହେଁ ବୋଲି ଏହି ଦିବସ ଅବସରରେ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ମାଧ୍ୟମରେ ସଚେତନ କରାଯାଏ।

## ‘କିଙ୍ଗ୍’ ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ଲିକ୍

‘ପଠାନ୍’ ଓ ‘ଯବାନ୍’ର ସଫଳତା ପରେ ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍‌ଙ୍କ ଆଗାମୀ ଫିଲ୍ମ ‘କିଙ୍ଗ୍’କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଶାହାରୁଖ୍‌ଙ୍କ ପାଖରେ ଅନେକ ବଡ଼ ବଡ଼ ପ୍ରୋଜେକ୍ଟର ଅଫର୍ ଥିଲେ ବି ଏବେ ସେ ‘କିଙ୍ଗ୍’ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଶାହାରୁଖ୍‌ଙ୍କ ଲୁକ୍ ସାମ୍ନାକୁ ଆସିଛି। ଏହା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଶାହାରୁଖ୍ ଏବେ ପୋଲାଣ୍ଡରେ ‘କିଙ୍ଗ୍’ର ସୁଟିଂ କରୁଛନ୍ତି। ତେବେ ଭାଇରାଲ ହୋଇଥିବା ଫଟୋଗୁଡ଼ିକରୁ ଗୋଟିଏରେ ସେ ସିଲଭର୍ କଲର୍ ହେୟାର୍‌ରେ ଦେଖାଯାଇଛନ୍ତି। ସେହିପରି ଅନ୍ୟଟିରେ ସେ ଲମ୍ବା କେଶରେ ଦେଖାଯାଇଛନ୍ତି। ତେବେ ଶାହାରୁଖ୍‌ଙ୍କ ଏହି ଲୁକ୍ ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ‘ଯବାନ୍’ ଓ ‘ପଠାନ୍’ର ଲୁକ୍ ସହ ତୁଳନା କରୁଛନ୍ତି। ଶାହାରୁଖ୍‌ଙ୍କ ସହ ଏହି ଫିଲ୍ମରେ ଦୀପିକା ପାଦୁ୍ୟକୋନ୍, ରାନୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଜୟଦୀପ ଅହଲାୱତ୍, ଅନୀଲ କପୁର, ଅରଶଦ ୱର୍ସି, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ।



## ସମ୍ଭାବନା



## ଚାକିରି ଅନୁସାରେ ଏଆଇ କୋର୍ସ



ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏବେ ଏଆଇର ଉପଯୋଗ କରାଯାଉଛି। ଏଆଇ ଯୋଗୁଁ ଅନେକ ଚାକିରିକୁ ନେଇ ଅସୁରକ୍ଷିତ ଅନୁଭବ କରୁଥିବା ବେଳେ ଆଉ କିଏ ଏହାକୁ ଉପଯୋଗ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ କେଉଁ ଚାକିରି ପାଇଁ କେଉଁ ପ୍ରକାର ଏଆଇ କୋର୍ସ କରିବା ଉଚିତ, ସେ ସମ୍ପର୍କରେ ଜାଣିବା।

**ବ୍ୟାଙ୍କିଂ, ଫାଇନାନ୍ସ, ଆକାଉଣ୍ଟିଂ:** ବ୍ୟାଙ୍କିଂ, ଫାଇନାନ୍ସ ଏବଂ ଆକାଉଣ୍ଟ କ୍ଷେତ୍ରରେ କାମ କରୁଥିଲେ ଏଆଇ ଫର୍ ଫାଇନାନ୍ସ, ଡାଟା ଆନାଲିସିସ୍, ମେସିନ ଲର୍ଣ୍ଣିଂ ଫର୍ ଫାଇନାନ୍ସ ଭଳି କୋର୍ସ ବାଛିପାରିବେ।

**ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ:** ମିଡିଆ ତଥା ସାମ୍ବାଦିକତା, କଣ୍ଟେଣ୍ଟ କ୍ରିଏସନ କ୍ଷେତ୍ର ପାଇଁ ଏଆଇ ଇନ ଜର୍ଣ୍ଣାଲିଜମ୍, ଜେନରେଟିଭ ଏଆଇ ଫର୍ କଣ୍ଟେଣ୍ଟ କ୍ରିଏଟର, ଚାଟ୍‌ଜିପିଟି ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ କରିପାରିବେ।

**ହେଲଥ୍‌କେୟାର୍:** ଏହି ଫିଲ୍ଡର ହୋଇଥିଲେ ଏଆଇ ଇନ୍ ହେଲଥ୍ କେୟାର୍, ଡାଟା ସାଇନ୍ସ ଫର୍ ହେଲଥ୍ କେୟାର୍, ଡିପ୍ ଲର୍ଣ୍ଣିଂ ଫର୍ ଇମାଜିଂ ଭଳି କୋର୍ସ ବାଛିପାରିବେ।

**ଶିକ୍ଷକତା:** ଶିକ୍ଷକତା କ୍ଷେତ୍ର ଲାଗି ଏଆଇ ଇନ୍ ଏଜୁକେସନ, ଗୁଗଲ ଫର୍ ଏଜୁକେସନ, ଏଆଇ ଟୁଲ୍ କୋର୍ସ କରିବା ଏକ ଉତ୍ତମ ବିକଳ୍ପ ବୋଲି କୁହାଯାଉଛି।

**ମାର୍କେଟିଂ, ସେଲ୍ସ ଏବଂ ବିଜନେସ:** ମାର୍କେଟିଂ, ସେଲ୍ସ ଏବଂ ବିଜନେସ କ୍ଷେତ୍ର ଲାଗି ଏଆଇ ଇନ୍ ଡିଜିଟାଲ ମାର୍କେଟିଂ, ଡାଟା ଡ୍ରାଇଭେନ୍ ମାର୍କେଟିଂ ୱିଥ୍ ଏଆଇ, ହବ୍‌ସ୍ପଟ୍ ଏଆଇ ମାର୍କେଟିଂ କୋର୍ସ କରିବା ସମ୍ଭବ।

**ମାନୁଫାକଚରିଂ ଏବଂ ସପ୍ଲାଏ ଚେନ୍:** ଏହି କ୍ଷେତ୍ର ଲାଗି ଏଆଇ ଫର୍ ସପ୍ଲାଏ ଚେନ୍, ଇଣ୍ଡଷ୍ଟ୍ରିଆଲ ଏଆଇ, ଏଆଇ ଇନ୍ ଅପରେସନ ଭଳି କୋର୍ସ କରିପାରିବେ।

**ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ:** ଆଇଟି ଏବଂ ଟେକ୍ନିକାଲ ଫିଲ୍ଡ ସମ୍ବନ୍ଧିତ କୋର୍ସ କରିବାକୁ ଚାହୁଁଥିଲେ ମେସିନ ଲର୍ଣ୍ଣିଂ ସ୍ପେସାଲାଇଜେସନ, ଜେନରେଟିଭ୍ ଏଆଇ ୱିଥ୍ ଏଲଏଲଏମଏସ୍ କୋର୍ସ କରନ୍ତୁ।

**ଡିଜାଇନର, ଆର୍ଟିଷ୍ଟ, ଭିଡିଓ ଏଡିଟର:** କ୍ରିଏଟିଭ୍ କ୍ଷେତ୍ର ଲାଗି ଏଆଇ ଫର୍ କ୍ରିଏଟିଭ୍ ପ୍ରଫେସନାଲ, କାନଭା ଏଆଇ ଟୁଲ, ରନୱେଏମ୍ଏଲ୍ ଏବଂ ମିଡ୍‌ଜର୍ଣ୍ଣି ମାଷ୍ଟରକ୍ଲାସ୍ କୋର୍ସ କରିବା ଭଲ।



## ଗୁଗଲ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍




ଗୁଗଲ ମଧ୍ୟ ଟ୍ରାନ୍ସଲେଟ୍ ଆପ୍‌ରେ ଏକ ନୂଆ ଫିଚର୍ ଯୋଡ଼ିବାକୁ ଯାଉଛି। ଏହାଦ୍ୱାରା ଘରେ ବସି ଏଆଇ ସାହାଯ୍ୟରେ ନୂଆ ଭାଷା ଶିଖି ହେବ। ଗୁଗଲ ଟ୍ରାନ୍ସଲେଟ୍‌ର ଏହି ଫିଚର୍ ପୂରା କୃତ୍ରିମବୁଦ୍ଧିମତା ଉପରେ ଆଧାରିତ। ଚାକିରି, ପଢ଼ା, ଟ୍ରାଭେଲ ପାଇଁ କେଉଁ ଭାଷା ଶିଖିବାକୁ ଚାହୁଁଛନ୍ତି, ଏହି ଆପ୍ ପ୍ରଥମେ ବ୍ୟବହାରକାରୀଙ୍କୁ ଏକଥା ପଚାରିବ। ଏହା ପରେ ଏଆଇ ସେହି ହିସାବରେ ପର୍ସନାଲ କୋର୍ସ ପ୍ରସ୍ତୁତ କରିବ। ଆପ୍‌ରେ ଅଭ୍ୟାସ ବଟମ ମିଳିବ। ଏହା ଦ୍ୱାରା ବ୍ୟବହାରକାରୀ ନିଜ ଦକ୍ଷତା ପରୀକ୍ଷା କରିପାରିବେ। ତେବେ ଗୁଗଲ ଏହି ଫିଚର ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କ ଲାଗି ଜାରି କରିବା ଆରମ୍ଭ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଇଂରାଜି କହୁଥିବା ବ୍ୟବହାରକାରୀ ସ୍ପାନିଶ ଏବଂ ଫ୍ରେଞ୍ଚ ଭାଷା ଶିଖିପାରିବେ। ସେହିପରି ଫ୍ରେଞ୍ଚ, ପର୍ତ୍ତୁଗୀଜ, ସ୍ପାନିଶ କହୁଥିବା ବ୍ୟବହାରକାରୀ ଇଂରାଜି ଶିଖିପାରିବେ। ସେହିପରି ଏଥିରେ କେବଳ ନୂଆ ଲର୍ଣ୍ଣିଂ ଫିଚର ଆସୁ ନାହିଁ, ବରଂ ଲାଇଭ୍ ଟ୍ରାନସଲେସନ ମଧ୍ୟ ଯୋଡ଼ା ଯାଇଛି। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରୁଛି।

## ଜେନ୍ ଜେଡ୍‌ଙ୍କ ‘ଟ୍ରିଟ୍ କଲ୍‌ଚର୍’

**ବର୍ତ୍ତମାନର ଜୀବନଶୈଳୀରେ ‘ଟ୍ରିଟ୍ କଲ୍‌ଚର’ ନାମକ ଟ୍ରେଣ୍ଡର ଚାହିଦା ବେଶି। ବିଶେଷକରି ଏହା ଜେନ୍ ଜେଡ୍ ଯୁବପିଢ଼ିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଦରମା ତଥା ପକେଟ୍ ମନିକୁ ସେମାନେ ଟ୍ରିଟ୍ କଲ୍‌ଚର୍‌ରେ ଖର୍ଚ୍ଚ କରୁଛନ୍ତି। ସାଙ୍ଗମାନଙ୍କୁ ପ୍ରତିଟି ଛୋଟ ବଡ଼ ଖୁସିରେ ଟ୍ରିଟ୍ ଦେବା, କଫି ଡେଟ୍ ପାର୍ଟି ତଥା ଆଉଟିଂରେ ଟଙ୍କା ଖର୍ଚ୍ଚ କରିବା ହେଉଛି ଏହି କଲ୍‌ଚର୍‌ର ଅଂଶ ବିଶେଷ। ହେଲେ ସେମାନଙ୍କର ଏହି ଅଭ୍ୟାସ ଜେନ୍ ଜେଡ୍‌ଙ୍କ ଆର୍ଥିକ ସ୍ଥିତିକୁ କ୍ଷତି ପହଞ୍ଚାଉଛି। ଏହି ଟ୍ରିଟ୍ କଲ୍‌ଚର କ’ଣ ଏବଂ ଏହା କିଭଳି ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଜାଣିବା।**

ଟ୍ରିଟ୍ କଲ୍‌ଚର୍‌ର ଅର୍ଥ ହେଉଛି କୌଣସି ଉତ୍ସବ ହେଉ ବା ନ ହେଉ ସାଙ୍ଗଙ୍କୁ ପାର୍ଟି ଦେବା କିମ୍ବା ସେମାନଙ୍କ ସହ ଲଗାତାର ଖାଇବା, ପିଇବା ଓ ମନୋରଞ୍ଜନରେ ଟଙ୍କା ଖର୍ଚ୍ଚ କରିବା। ତେଣିକି ତାହା ଅଫିସ୍‌ରେ ପଦୋନ୍ନତି ହେଉ, ପରୀକ୍ଷା ପାସ୍ କରିବା ହେଉ କିମ୍ବା ମୁଡ୍ ଫ୍ରେସ୍ କରିବା ପାଇଁ ହେଉ। ଏ ସବୁ ଉଦ୍ଦେଶ୍ୟରେ ସାଙ୍ଗସାଥୀଙ୍କୁ ନିମନ୍ତ୍ରଣ କରି ଟଙ୍କା ଖର୍ଚ୍ଚ କରିବାକୁ ସେମାନେ ପସନ୍ଦ କରୁଛନ୍ତି। ସେମାନଙ୍କର ଏବେ ଏହି ଅଭ୍ୟାସ ସାପ୍ତାହିକ ନଚେତ ନିତିଦିନ ଚଳଣିରେ ପରିଣତ ହେଲାଣି। ଦିନକୁ ଦିନ ରେସ୍ତୋରାଁ, କାଫେ ଏବଂ ସିନେମା ଦେଖିବା ଖର୍ଚ୍ଚ ବଢ଼ିବା ସେମାନଙ୍କ ବଜେଟ୍ ଉପରେ ପ୍ରଭାବ ପକାଉଛି। ସେହିପରି ବେଳେ ବେଳେ ସାଙ୍ଗ ତଥା ସୋସାଲ ଗ୍ରୁପ୍ ଚାପ ଯୋଗୁଁ ବି ଟ୍ରିଟ୍ ଦେବାକୁ ପଡ଼ିଥାଏ। ଜେନ୍ ଜି ଯୁବପିଢ଼ିମାନେ ଏଥିରେ ପଛରେ ରହିବାକୁ ଚାହାନ୍ତି ନାହିଁ, ତେଣୁ ଏହା ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଜେନ୍ ଜି ତୁରନ୍ତ ଖୁସି ଚାହୁଁଛନ୍ତି। ତେଣୁ ‘ଏବର’ ଖୁସି ସେମାନଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରୁଛି। ହେଲେ ଏହି ଅଭ୍ୟାସ ସଞ୍ଚୟ ଉପରେ କ୍ଷତି ପହଞ୍ଚାଉଛି। ଅନ୍ୟପଟେ କ୍ୟାସଲେସ୍ ପେମେଣ୍ଟ ମଧ୍ୟ ଖର୍ଚ୍ଚ କରିବା ରାସ୍ତାକୁ ସହଜ କରିଛି। ସ୍ୱାଇପ୍ ଏବଂ ଟ୍ୟାପ୍‌ରେ ବିଲ୍ ପେ’ କରିବା ଦ୍ୱାରା ଅର୍ଥ ଯିବାର ଅନୁଭବ କମ୍ ହେଉଛି। ଫଳରେ ଅତିରିକ୍ତ ଖର୍ଚ୍ଚ ହେଉଛି, ଯାହା ସେମାନେ ବୁଝିପାରୁ ନାହାନ୍ତି।



## ଡାଏରୀ ଲେଖିବା ଭଲ


ଅନେକ ଲୋକଙ୍କର ନିତିଦିନ ଡାଏରୀ ଲେଖିବା ଅଭ୍ୟାସ ଥାଏ। ତେବେ ଡାଏରୀ ଲେଖିବା ଦ୍ୱାରା ମନ ହାଲୁକା ହୁଏ ଏବଂ ଅବସାଦ କମେ। ଭାବନା ଓ ଚିନ୍ତାଧାରାକୁ କାଗଜରେ ଲେଖିବା ଦ୍ୱାରା ଭଲ ଲାଗେ। ସେହିପରି ଡାଏରୀ ଲେଖିବା ଦ୍ୱାରା ନିଜ ନିଷ୍ପତ୍ତି, ନିଜ ଭାବନା ବାବଦରେ ଚିନ୍ତା କରିବାକୁ ସମୟ ମିଳେ। ଏହା ଦ୍ୱାରା ନିଜକୁ ଭଲ ଭାବେ ବୁଝି ହୁଏ। ଡାଏରୀରେ ଲେଖାଯାଇଥିବା ସ୍ମୃତି ଓ ଅଭିଜ୍ଞତା ସବୁଦିନ ପାଇଁ ସୁରକ୍ଷିତ ରହେ। ଭବିଷ୍ୟତରେ ଏହାକୁ ପଢ଼ି ବିତିଥିବା ଅତୀତକୁ ମନେ ପକାଇ ହୁଏ। ଡାଏରୀରେ ନିଜର ଲକ୍ଷ୍ୟ, ସ୍ୱପ୍ନ ବାବଦରେ ଲେଖିପାରିବେ। ଅସୁବିଧା ତଥା ସମସ୍ୟା ସମ୍ପର୍କରେ ଲେଖିବା ଦ୍ୱାରା ସେସବୁକୁ ଏକ ନୂଆ ଦୃଷ୍ଟିକୋଣରୁ ଦେଖି ହୁଏ। ଏହା ଦ୍ୱାରା ସମସ୍ୟାର ସମାଧାନ ଖୋଜିବା ସହଜ ହୁଏ। ଡାଏରୀ ଲେଖିବା ଦ୍ୱାରା ବିଚାରଧାରା ଓ ଲେଖିବା କ୍ଷମତା ଉନ୍ନତ ମାନର ହୁଏ। କୌଣସି କାମ ଲାଗି କୃତଜ୍ଞ ଅନୁଭବ କରୁଥିଲେ, ସେକଥା ବି ଡାଏରୀରେ ଲେଖାଯାଇପାରିବ। ଏହାଦ୍ୱାରା ମନରେ ସକାରାତ୍ମକ ଓ କୃତଜ୍ଞତା ଭାବ ବୃଦ୍ଧି ପାଏ। ନିଜର ଭୁଲ ଓ ଏଥିରୁ ମିଳୁଥିବା ଶିକ୍ଷା ବାବଦରେ ବି ଡାଏରୀରେ ଲେଖିପାରିବେ। ଏହା ଭୁଲକୁ ସୁଧାରିବା ଦିଗରେ ସାହାଯ୍ୟ କରେ।



● ସେଦିକୁଲ୍ଲା, ଆଜମାତୁଲ୍ଲାଙ୍କ ଅର୍ଦ୍ଧଶତକ

## ଆଫଗାନିସ୍ତାନର ବୃହତ୍ ବିଜୟ

ଆବୁଧାବି, ୯।୯ (ଏଜେନ୍ସି): ଓପନର ସେଦିକୁଲ୍ଲା ଅଟଳ ଓ ଅଲରାଉଣ୍ଡର ଆଜମତୁଲ୍ଲା ଓମରଜାଇଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ଏସିଆ କପ୍ ପୁରୁଷ ଟି-୨୦ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫଗାନିସ୍ତାନ ୯୪ ରନ୍‌ରେ ହଂକଂକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୬ ୱିକେଟରେ ୧୮୮ ରନ୍ କରିଥିଲା। ଦଳ ପକ୍ଷରୁ ୩ଟି ଜୀବନଦାନ ପାଇଥିବା ସେଦିକୁଲ୍ଲା ୫୨ ବଲ୍‌ରେ ୬ ଚୌକା ଓ ୩ଛକା ସହ ସର୍ବାଧିକ ୭୩ ରନ୍‌ରେ ଅପରାଜିତ ରହିଥିଲେ। ଆଜମାତୁଲ୍ଲା ୨୧ ବଲ୍‌ରୁ ୨ ଚୌକା ଓ ୫ ଛକା ସହ ୫୩ ରନ୍ କରି ଆଉଟ ହୋଇଥିଲେ। ହଂକଂ ପକ୍ଷରୁ ଖେଳୁଥିବା ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଆୟୁଷ ଶୁକ୍ଲା ଓ କିଞ୍ଚିତ ଶାହ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଜବାବରେ ହଂକଂ ୨୦ ଓଭରରେ ୯ ୱିକେଟ ହରାଇ ୯୪ ରନ୍ କରିଥିଲା। ଦଳ ପକ୍ଷରୁ ବାବର ହୟାତ ସର୍ବାଧିକ ୩୯ ଓ ଅଧିନାୟକ ୟସିମ ମୁର୍ତ୍ତାଜା ୧୬ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ହଂକଂ ପକ୍ଷରୁ ଖେଳୁଥିବା ଓଡ଼ିଆ ଖେଳାଳି ଅଂଶୁମାନ ରଥ ଗୋଲ୍ଡେନ ଡକ୍‌ରେ ଆଉଟ ହୋଇଥିଲେ। ଆଫଗାନିସ୍ତାନର ଗୁଲବଦିନ ନାଏବ ଓ ଫଜଲହକ୍ ଫାରୁକି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ହଂକଂ ୧୧ରେ ବାଂଲାଦେଶ ସହ ଓ ଆଫଗାନିସ୍ତାନ ମଧ୍ୟ ୧୬ରେ ବାଂଲାଦେଶ ସହ ଖେଳିବ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୬ ରନ୍‌ରେ ୨ ୱିକେଟ ହରାଇଥିଲା। ଡ୍ରପ୍ କ୍ୟାଚ୍‌ରୁ ଫାଇଦା ଉଠାଇ ସେଦିକୁଲ୍ଲା ତୃତୀୟ ୱିକେଟରେ ମହମ୍ମଦ୍ ନବୀ (୨୬ବଲ୍‌ରେ ୩୩ରନ୍)ଙ୍କ ସହ ୪୧ ବଲ୍‌ରୁ ୫୧ ଓ ଆଜମତୁଲ୍ଲା ଓମରଜାଇଙ୍କ ସହ ୫ମ ୱିକେଟ ଯୋଡ଼ିରୁ ୩୫ବଲ୍‌ରେ ୮୨ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା।


ସେଦିକୁଲ୍ଲା ଅଟଳ

## ଏସିଆ କପ୍ ବିଜେତାଙ୍କୁ ମିଳିବ ୨.୬୪ କୋଟି

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍‌ର ଚାମ୍ପିଅନ ଦଳକୁ ଏଥର ପୁରସ୍କାର ବାବଦରେ ୩ ଲକ୍ଷ ଡଲାର (ଭାରତୀୟ ମୁଦ୍ରାରେ ୨ କୋଟି ୬୪ ଲକ୍ଷ) ପ୍ରଦାନ କରାଯିବ। ସେହିଭଳି ଫାଇନାଲରେ ପରାଜିତ ଦଳ ଦେଢ଼ ଲକ୍ଷ ଡଲାର ତଥା ଏକ କୋଟି ୩୨ ଲକ୍ଷ ଟଙ୍କା ପାଇବେ ବୋଲି ରିପୋର୍ଟରୁ ଜଣାପଡ଼ିଛି। ୨୦୨୩ରେ ଅନୁଷ୍ଠିତ ଏସିଆ କପ୍ ଦିନିକିଆ ଫର୍ମାଟ୍‌ରେ ଖେଳାଯାଇଥିଲା। ସେହି ସଂସ୍କରଣରେ ଶ୍ରୀଲଙ୍କାକୁ ହରାଇ ଚାମ୍ପିଅନ ହୋଇଥିବା ରୋହିତ ଶର୍ମାଙ୍କ ଭାରତୀୟ ଦଳ ୧.୨୫ କୋଟି ଟଙ୍କା ପୁରସ୍କାର ପାଇଥିଲା।

ସଞ୍ଜୁ ସାମସନ, କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ

# ୟୁଏଇ ବିପକ୍ଷରୁ ଭାରତର ଅଭିଯାନ

ଦୁବାଇ, ୯।୯ (ସମିସ)

ଦୀର୍ଘ ଦିନର ବ୍ୟବଧାନ ପରେ ଭାରତୀୟ କ୍ରିକେଟ ଦଳ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ଆସନ୍ତାକାଲି ଫେରିବ। ଆଜି ଏଠାରେ ଆଫଗାନିସ୍ତାନ ବନାମ ହଂକଂ ମୁକାବିଲାରୁ ଟି-୨୦ ଫର୍ମାଟରେ ଆରମ୍ଭ ହୋଇଛି ଏସିଆ କପ୍ କ୍ରିକେଟ। ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ରହିଛି ଓ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମୁକାବିଲାରେ ୟୁଏଇ ବିପକ୍ଷରୁ ଖେଳି ଏସିଆକପ୍ ଅଭିଯାନ ଆରମ୍ଭ କରିବ। ୟୁଏଇ ଶକ୍ତିଶାଳୀ ଭାରତକୁ ଚ୍ୟାଲେଞ୍ଜ ଦେବା ଭଳି ଶକ୍ତି ନ ଥିଲେ ମଧ୍ୟ ଏହି ମ୍ୟାଚ୍‌ରେ ଭାରତ ଦଳର ସମୀକରଣ ଓ ଖେଳାଳିଙ୍କୁ ମ୍ୟାଚ୍ ଅଭ୍ୟାସର ସୁଯୋଗ ଦେଇ ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ପ୍ରସ୍ତୁତ ହେବ। ପାକିସ୍ତାନ ଏବେ କିଛିଦିନ ହେଲା ନିୟମିତ କ୍ରିକେଟ ଖେଳି ଭାରତର ମୁକାବିଲା କରିବାକୁ ପ୍ରସ୍ତୁତ ରହିଛି। ୟୁଏଇ ବିପକ୍ଷ ମ୍ୟାଚ୍‌ରେ ଭଲ ଖେଳି ଭାରତ ଆସନ୍ତା ୧୪ରେ ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍ ଲାଗି ପ୍ରସ୍ତୁତ କରିବ ବୋଲି ଆଶା ରଖିଛି।

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଗଠନ କରାଯାଇଛି। ଇଂଲଣ୍ଡ ବିପକ୍ଷରେ ଭାରତର ନେତୃତ୍ୱ ନେଇ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିବା ଶୁବମନ ଗିଲ୍‌ଙ୍କୁ ଏହି ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଦଳକୁ ଫେରିବା ପରେ ଇନିଂସ ଓପନ କରି ସଫଳ ହୋଇଥିବା ସଞ୍ଜୁ ସାମସନଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗିଲ୍ ଇନିଂସ ଓପନ କରିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର ଏକାଧିକ ଥର ସୂଚନା ଦେଇଛନ୍ତି। ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମାଙ୍କ ଓପନିଂ ପାର୍ଟନର ହେବେ ଗିଲ୍। ଏଣୁ ନଂ-୩ରେ ସଫଳ ହୋଇଥିବା ତିଳକ ବର୍ମାଙ୍କୁ ସୁଯୋଗ ଦେବ ନା ସାମସନ ଖେଳିବେ ଏହାକୁ ନେଇ କେହି କିଛି ସୂଚନା ଦେଇ ନାହାନ୍ତି। କିନ୍ତୁ ଗତ ଦୁଇଦିନ ଧରି ଭାରତୀୟ ଦଳ କରିଥିବା ନେଟ୍ ପ୍ରାକ୍ଟିସ୍‌ରୁ ସାମସନ ପ୍ରଥମ ଏକାଦଶ ତାଲିକାରେ ରହିବ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏପରିକି ୱିକେଟ ରକ୍ଷକ ଜିତେଶ ଶର୍ମା ଦୀର୍ଘ ସମୟ ଧରି ବ୍ୟାଟିଂ ପ୍ରାକ୍ଟିସ୍ କରିବା ପରେ ଶେଷ ଭାଗରେ ସାମସନ ଓ ରିଙ୍କୁ ସିଂ ଅଭ୍ୟାସ କରିଥିଲେ। ଏଥିରୁ ଜଣାପଡୁଛି ଚୂଡାନ୍ତ ଏକାଦଶରେ ସାମସନଙ୍କୁ ସୁଯୋଗ ମିଳିବା କଷ୍ଟକର। ତେବେ ଟିମ୍ ମ୍ୟାନେଜମେଣ୍ଟ କିପରି ଖେଳାଳି ଏକାଦଶ ଚୟନ କରିବ ତାହା ଆସନ୍ତାକାଲି ଟସ୍ ପୂର୍ବରୁ ଜଣାପଡ଼ିବ।

ଏବେ ଖେଳାଯିବାକୁ ଥିବା ଦୁବାଇ ପିଚ୍ ବ୍ୟବହାର ହୋଇନାହିଁ। ଏଠାରେ ଖେଳାଯାଇଥିବା ଚାମ୍ପିଅନ୍ସ ଟ୍ରଫିରେ ଭାରତ ୪ଜଣ ସ୍ପିନରଙ୍କୁ ନେଇ ଖେଳୁଥିଲା। ସେତେବେଳେ ପିଚ୍ ଖରାପ ହୋଇଯାଇଥିଲା। ଏବେ କିନ୍ତୁ ପିଚ୍‌ରେ ଘାସ ଅଛି ଏହା ବ୍ୟବହାର ହୋଇ ନ ଥିବାରୁ ସତେଜ ରହିଛି। ଏଣୁ ପେସ୍ ବୋଲରଙ୍କୁ ନିଶ୍ଚିତ କିଛିଟା ସହାୟତା ମିଳିବ ବୋଲି ଆଶା କରାଯାଉଛି। ଏହା ଫଳରେ ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ ସିଂହ ଭାରତ ପକ୍ଷରୁ ନିଶ୍ଚିତ ଖେଳିବେ। ତୃତୀୟ ପେସ୍ ବୋଲର ଭାବେ ହର୍ଷିତ ରାଣା କିମ୍ବା ଅଲରାଉଣ୍ଡର ଶିବମ ଦୁବେଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ। ଯଦି ଭାରତ ଜଣେ ସ୍ପେଶାଲିଷ୍ଟ ବୋଲରଙ୍କୁ ନିଆଯାଏ ତେବେ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କ ଖେଳିବା ନେଇ ସନ୍ଦେହ ରହିବ। ଦଳର ପ୍ରମୁଖ ସ୍ପିନର ଭାବେ ଅଲରାଉଣ୍ଡର ଅକ୍ଷର ପଟେଲ ଓ ମିଷ୍ଟ୍ରି ସ୍ପିନର କୁହାଯାଉଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ଖେଳିବାକୁ ସୁଯୋଗ ମିଳିବ। ନେଟ୍‌ରେ ଦୀର୍ଘ ସମୟ ବୋଲିଂ କରିଥିବା ଓପନର ଅଭିଷେକ ଶର୍ମା ତୃତୀୟ ସ୍ପିନର ଦାୟିତ୍ୱ ସମ୍ଭାଳିବେ। ଭାରତର ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲ ଦୁଇ ଅଲରାଉଣ୍ଡର ଶିବମ ଓ ଅଭିଷେକଙ୍କ ବୋଲିଂ ଉପରେ ଗୁରୁତ୍ୱ ଦେଉଛନ୍ତି। ଦଳରେ ଯେତେ ଅଧିକ ଅଲରାଉଣ୍ଡର ରହିବେ, ଅଧିନାୟକଙ୍କୁ ସେତେ ଅଧିକ ସୁଯୋଗ ମିଳିବ। ଏଣୁ ଟି-୨୦ରେ ଅଲରାଉଣ୍ଡ ଖେଳ ଉପରେ ମୋର୍କେଲ ଗୁରୁତ୍ୱ ଦେଇଆସୁଛନ୍ତି।

ପ୍ରତିଦ୍ୱନ୍ଦ୍ୱୀ ୟୁଏଇ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ସହ ଅଧିକ ମ୍ୟାଚ୍ ଖେଳିନାହିଁ। ଏହି ଦଳ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଛି। ସେହିପରି ଦଳ ୩ଟି ଦିନିକିଆ ମଧ୍ୟ ଖେଳିଛି। ଏହା ମଧ୍ୟରୁ ୨୦୧୫ରେ ଶେଷ ମୁକାବିଲା ହୋଇଥିଲା। ୨୦୧୬ ଏସିଆ କପ୍‌ରେ ୟୁଏଇ ସହ ଭାରତର ପ୍ରଥମ ମୁକାବିଲା ହୋଇଥିଲା। ଏଥିରେ ଭାରତ ୯ ୱିକେଟରେ ଜିତିଥିଲା। ଏବେ ଲାଲଚାନ୍ଦ ରାଜପୁତ ୟୁଏଇର କୋଚ୍ ରହିଛନ୍ତି। ଅଧିନାୟକ ମହମ୍ମଦ୍ ୱାସିମ ଓ ରାଜପୁତ ମିଶି କିପରି ଏହି ଟୁର୍ଣ୍ଣାମେଣ୍ଟରେ ୟୁଏଇକୁ ଏକ ଲଢୁଆ ଦଳରେ ପରିଣତ କରିବେ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।



**ଆଜିର ମୁକାବିଲା**

**ଭାରତ-ୟୁଏଇ**

ଭେନ୍ୟୁ-ଦୁବାଇ, ସମୟ-ରାତି ୮ଟା
ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ସୋନି ଲାଇଭ, ଜିଓହଟଷ୍ଟାର

**ଖେଳାଳି ଦଳ**

**ଭାରତ** : ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ୟୁଏଇ** : ମହମ୍ମଦ୍ ୱାସିମ୍ (ଅଧିନାୟକ), ଆଲିସାନ ସରାଫୁ, ଆର୍ଯ୍ୟାଂଶ ଶର୍ମା (ୱିକେଟରକ୍ଷକ), ଅସିଫ ଖାନ୍, ଧ୍ରୁବ ପରାସର, ଇଥାନ ଡି ସୁଜା, ହାଇଦର ଅଲି, ହର୍ଷିତ କୌଶିକ, ଜୁନୈଦ୍ ସିଦ୍ଦିକ୍, ମାତିଉଲ୍ଲା ଖାନ୍, ମହମ୍ମଦ୍ ଫାରୁକ୍, ମହମ୍ମଦ୍ ଜୱାଦୁଲ୍ଲା, ମହମ୍ମଦ୍ ଜୋହେବ୍, ରାହୁଲ ଚୋପ୍ରା (ୱିକେଟରକ୍ଷକ), ରୋହିଦ୍ ଖାନ୍, ସିମରନଜିତ ସିଂହ ଓ ସାଘିର ଖାନ୍।

## 'ପ୍ୟାକେଜ୍ ସିଷ୍ଟମ' ଲାଗି ବିକ୍ରି ହୋଇପାରୁନି ଭାରତ-ପାକିସ୍ତାନ ଟିକଟ୍

ଦୁବାଇ, ୯।୯ (ଏଜେନ୍ସି): ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୭ତମ ସଂସ୍କରଣ ଆରମ୍ଭ ହୋଇଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ବୁଧବାର ୟୁଏଇ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ତେବେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଖେଳାଯିବ। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଯେତେବେଳେ ବି ମ୍ୟାଚ୍ ଅନୁଷ୍ଠିତ ହୋଇଥାଏ ତାହାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥାନ୍ତି। ମ୍ୟାଚର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଏହା ଶେଷ ହୋଇଯାଇଥାଏ।

ଏଥର କିନ୍ତୁ ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଆଉ ୪ ଦିନ ବାକି ରହିଛି। କିନ୍ତୁ ଟିକଟ୍ ବିକ୍ରି ପାଖାପାଖି ସପ୍ତାହେ ହେଲା ଆରମ୍ଭ ହୋଇସାରିଥିଲେ ମଧ୍ୟ ଏହା ଶେଷ ହୋଇ ନ ଥିବା ଜଣାପଡ଼ିଛି। ଅର୍ଥାତ ଭାରତ-ପାକିସ୍ତାନ ଭଳି ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚର ଟିକଟ୍ କିଣିବା ଲାଗି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ନ ଥିବା ଜଣାପଡ଼ିଛି। ଏହାର ଏକ ଭିନ୍ନ କାରଣ ମଧ୍ୟ ରହିଛି। ଅତ୍ୟଧିକ ମୂଲ୍ୟ ଲାଗି ଭାରତ-ପାକିସ୍ତାନ ଟିକଟ୍ କିଣିବାକୁ ଦର୍ଶକ ପଛଘୁଞ୍ଚା ଦେଉଛନ୍ତି। ଭାରତ-ପାକିସ୍ତାନ ମ୍ୟାଚର ସବୁଠୁ ଭିଆଇପି ୨ଟି ଟିକଟ୍‌ର ମୂଲ୍ୟ ଏଥର ୨ ଲକ୍ଷ ୫୭ ହଜାର ୮୧୫ ଟଙ୍କା ରହିଛି। ଯେଉଁଥିରେ 'ପ୍ୟାକେଜ ସିଷ୍ଟମ' ମିଶି ରହିଛି। ଏହି ପ୍ୟାକେଜ ସିଷ୍ଟମରେ ବ୍ୟକ୍ତିଙ୍କୁ ମ୍ୟାଚ୍ ଦେଖିବା ସହ ଖାଦ୍ୟ, ପାନୀୟ, ପାର୍କିଂ ପାସ୍, ଭିଆଇପି ଲଙ୍ଗ୍ ଓ ବ୍ୟକ୍ତିଗତ ବିଶ୍ରାମ କକ୍ଷର ସୁବିଧା ପ୍ରଦାନ କରାଯାଇଥାଏ। ସେହିଭଳି ୨ଟି ରୟାଲ୍ ବକ୍ସର ଟିକଟ୍ ମୂଲ୍ୟ ୨ ଲକ୍ଷ ୩୦ ହଜାର ଟଙ୍କା ରଖାଯାଇଛି। ଏଥିରେ ମଧ୍ୟ 'ପ୍ୟାକେଜ ସିଷ୍ଟମ'ରେ ଥିବା ସମାନ ସୁବିଧା ପ୍ରଦାନ କରାଯାଏ। ପୂର୍ବ ବର୍ଷଗୁଡ଼ିକରେ ଏହି ପ୍ୟାକେଜ ସିଷ୍ଟମ ଟିକଟ୍ ସହିତ ନ ଥିଲା। ଯେଉଁଥି ପାଇଁ ଟିକଟ୍‌ର ଦର କମ୍ ରହୁଥିଲା। ସେହିଭଳି ଭାରତ-ପାକିସ୍ତାନ ମ୍ୟାଚର ସାଧାରଣ ଟିକଟ୍ ଦଳ ୨ଟି ପାଇଁ ୧୦ ହଜାର ଟଙ୍କା ରଖାଯାଇଛି।

## ଦକ୍ଷିଣ ଆଫ୍ରିକା ଟି-୨୦ରେ ବ୍ରେଭିସ୍ ସବୁଠୁ ଦାମୀ ଖେଳାଳି

ଜୋହାନ୍ସବର୍ଗ, ୯।୯ (ଏଜେନ୍ସି): 'ଦକ୍ଷିଣ ଆଫ୍ରିକା ଟି୨୦' ଲିଗ୍ ଇତିହାସରେ ଡେୱାଲ୍ଡ ବ୍ରେଭିସ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍‌ର ଆଗାମୀ ୪ର୍ଥ ସିଜନ ଲାଗି ହୋଇଥିବା ଖେଳାଳି ନିଲାମୀରେ ବ୍ରେଭିସଙ୍କୁ ପ୍ରିଟୋରିଆ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ଏକ କୋଟି ୬୫ ଲକ୍ଷ ରେଣ୍ଡ (ଭାରତୀୟ ମୁଦ୍ରାରେ ୮ କୋଟି ୩୧ ଲକ୍ଷ ଟଙ୍କା)ରେ କ୍ରୟ କରିଛି। ଏଥିପୂର୍ବରୁ ଆଇଡେନ ମାର୍କରମଙ୍କୁ ୧୪ ମିଲିୟନ ରେଣ୍ଡ (୭ କୋଟି ୬ ଲକ୍ଷ ଟଙ୍କା)ରେ ଡର୍ବାନ ସୁପର୍ ଜାଏଣ୍ଟ୍ସ କ୍ରୟକରିଥିଲା। ଫଳରେ ମାର୍କରମଙ୍କୁ ପଛରେ ପକାଇ ୨୨ ବର୍ଷୀୟ ବ୍ରେଭିସ 'ଦକ୍ଷିଣ ଆଫ୍ରିକା ଟି୨୦'ର ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇପିଏଲ୍ ପରେ ଦକ୍ଷିଣ ଆଫ୍ରିକା ଟି୨୦କୁ ବିଶ୍ୱର ଦ୍ୱିତୀୟ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ବିବେଚିତ କରାଯାଏ। ଏହାର ୪ର୍ଥ ସଂସ୍କରଣ ଆସନ୍ତା ଜାନୁଆରୀ ୨୩ରୁ ଆରମ୍ଭ ହେବ। ଖେଳାଳି ନିଲାମୀରେ ୬ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଥିଲେ। ଆଇପିଏଲ୍ ଇତିହାସରେ ଋଷଭ ପନ୍ତ ସବୁଠୁ ଦାମୀ ଖେଳାଳି ରହିଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୨୭ କୋଟି ଟଙ୍କାରେ କ୍ରୟ କରିଥିଲା।



## ୫ ଦିନ ପରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍

ଏଯାଏଁ ହେଲାନି ଦଳ ଘୋଷଣା କି ଖେଳାଳି ଡ୍ରାଫ୍ଟ

କଟକ, ୯।୯ (ସମିସ)

ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ) ଖେଳାଯିବ। ଲିଗ୍‌କୁ ଆଉ ୬ଦିନ ବାକି। ହେଲେ ଏ ପର୍ଯ୍ୟନ୍ତ ଦଳ ଘୋଷଣା କରାଯାଇନାହିଁ କି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ମଧ୍ୟ ହୋଇପାରିଲା ନାହିଁ। ଗତ ୩ ତାରିଖରେ ଖେଳାଳି ଡ୍ରାଫ୍ଟ କରାଯିବା ପାଇଁ ଯୋଜନା ହୋଇଥିଲା। ପରେ ଏହା ୮ ତାରିଖକୁ ଘୁଞ୍ଚାଇ ଦିଆଗଲା। ସୋମବାର ଖେଳାଳି ଡ୍ରାଫ୍ଟ କରାଯାଇନଥିବା ବେଳେ ଆସନ୍ତା ୧୧ ତାରିଖରେ ଫ୍ରାଞ୍ଚାଇଜ ମାଲିକମାନେ ଖେଳାଳି କିଣିବେ ବୋଲି କୁହାଯାଉଛି। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ଲିଗ୍ ଦିନ ପାଖେଇ ଆସୁଥିବା ବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କିମ୍ବା ଲିଗ୍ ଆୟୋଜନକାରୀ ସଂସ୍ଥା ଆରିଭା ସ୍ପୋର୍ଟସ ଖେଳାଳି ଡ୍ରାଫ୍ଟ ଦିଗରେ କାହିଁକି ଗୁରୁତ୍ୱ ଦେଉନାହାନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଦଳ ଘୋଷଣା ନ କରାଯିବା, ଲିଗ୍ ବାବଦରେ ବହୁଳ ପ୍ରଚାର ପ୍ରସାର ନକରାଯିବା ଯୋଗୁଁ ଲିଗ୍ ଫିକା ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ପ୍ରକାଶଯୋଗ୍ୟ, ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ନୂଆ ଢ଼ାଞ୍ଚାରେ ଓପିଟିଏଲ -୨୦୨୫ ଆୟୋଜନ କରିବାକୁ ଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଏହା ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲିଆନ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍ (ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ହେଲେ ଲିଗକୁ ଆଉ ହାତ ଗଣତି ଦିନ ବାକି ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଦଳ ଘୋଷଣା ହୋଇପାରିନାହିଁ।

## ଅହମ୍ମଦାବାଦ୍‌ରେ ୨୦୨୬ ଟି-୨୦ ବିଶ୍ୱକପ୍ ଫାଇନାଲ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଖେଳାଯିବ। କିନ୍ତୁ ପାକିସ୍ତାନ ଯଦି ଫାଇନାଲରେ ପ୍ରବେଶ କରେ ତେବେ ଏହି ମ୍ୟାଚଟି କଲମ୍ବୋକୁ ସ୍ଥାନାନ୍ତରିତ ହେବ। ରିପୋର୍ଟ ଅନୁଯାୟୀ ଭାରତର ୫ଟି ଓ ଶ୍ରୀଲଙ୍କାର ୨ଟି ଭେନ୍ୟୁରେ ଏହି ବିଶ୍ୱକପ୍ ଖେଳାଯିବ। କିନ୍ତୁ ଭେନ୍ୟୁ ଏଯାଏ ଚୂଡାନ୍ତ ହୋଇନାହିଁ। ଏଥିରେ ୨୦ଟି ଦଳ ଭାଗନେଉଥିଲାବେଳେ ଏମାନଙ୍କୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସୁପର-୮'କୁ ଯିବେ ଓ ସୁପର-୮'ରେ ଶ୍ରେଷ୍ଠ ବିବେଚିତ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

## ହଂକଂ ଓପନ୍: ଶ୍ରୀକାନ୍ତଙ୍କୁ ହରାଇଲେ ତରୁଣ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ହଂକଂ ଓପନ୍ ସୁପର୍-୫୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଭାରତର ତରୁଣ ମାନେପାଲ୍ଲି ୨୮-୨୬, ୨୧-୧୩ରେ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ତଥା ନିଜ ଦେଶର କିଦାମ୍ବୀ ଶ୍ରୀକାନ୍ତଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ସେହିଭଳି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସର ଏକ ମ୍ୟାଚରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ୨୧-୧୩, ୧୮-୨୧, ୨୧-୧୦ ଗେମରେ ତାଇୱାନର ଚିଉ ସିଆଙ୍ଗ ଚେଇ ଓ ୱାଙ୍ଗ୍ ଚି ଲିନ୍ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅନ୍ୟତମ ଭାରତୀୟ କିରନ ଜର୍ଜ ଯୋଗ୍ୟତା ପର୍ଯ୍ୟାୟରେ କ୍ରମାଗତ ୨ଟି ମ୍ୟାଚ୍ ଜିତି ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟରେ କିରନ ସିଙ୍ଗାପୁରର ଜିଆ ହେଙ୍ଗ୍ ଜନସନଙ୍କୁ ଭେଟିବେ।

ଜୁନିୟର ହକି ବିଶ୍ୱକପ୍

## ଭାରତ-ପାକ୍ ମୁକାବିଲା ନଭେମ୍ବର ୨୯ରେ

ଚେନ୍ନଇ, ୯।୯ (ଏଜେନ୍ସି): ଭାରତରେ ଖେଳାଯିବାକୁ ଥିବା ଜୁନିୟର ହକି ବିଶ୍ୱକପ୍‌ରେ ଭାଗନେବାକୁ ପାକିସ୍ତାନ ଆସିବ କି ନାହିଁ ଏଯାଏ ଚୂଡାନ୍ତ ହୋଇନାହିଁ, କିନ୍ତୁ ଏହି ଦଳକୁ ଭାରତ ସରକାର, ହକି ଇଣ୍ଡିଆ ଓ ଭାରତୀୟ ହକି ସମର୍ଥକମାନେ ସ୍ୱାଗତ କରିବାକୁ ଅପେକ୍ଷା କରିଛନ୍ତି ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି। ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଚେନ୍ନଇ ଓ ମଦୁରାଇରେ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ଲାଗି ଡ୍ର ଉଠାଣ ହେବା ଲାଗି ଅନୁଷ୍ଠିତ ଉତ୍ସବରେ ଯୋଗଦେଇ ତିର୍କୀ ଏହା କହିଛନ୍ତି। ଏଥର ଜୁନିୟର ହକି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରୁ ପୁଲ୍-ବି'ରେ ପାକିସ୍ତାନ, ଚିଲି, ସ୍ୱିଜରଲାଣ୍ଡ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଭାରତ ସ୍ଥାନ ପାଇଛି। ଭାରତ ତାହା ପ୍ରଥମ ମ୍ୟାଚ୍ ନଭେମ୍ବର ୨୮ରେ ଚିଲି, ଦ୍ୱିତୀୟ ମ୍ୟାଚ୍ ପାକିସ୍ତାନ ସହ ୨୯ରେ ଓ ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍ ଡିସେମ୍ବର ୨ରେ ଖେଳିବ।

## ଦେବାଶିଷଙ୍କୁ ଜାତୀୟ କୋଚ୍ ଦାୟିତ୍ୱ



ନୂଆଦିଲ୍ଲୀ, ୯।୯ (ଏଜେନ୍ସି) : ପୂର୍ବତନ ଜାତୀୟ ଚୟନକର୍ତ୍ତା ତଥା ନାଗାଲାଣ୍ଡ ରଣଜୀ ଦଳର କୋଚ୍ ଓଡ଼ିଶାର ଦେବାଶିଷ ମହାନ୍ତିଙ୍କୁ ପ୍ରଥମଥର ଜାତୀୟ କୋଚ୍ ଦାୟିତ୍ୱ ମିଳିଛି। ଭାରତର ୧୯ ବର୍ଷରୁ କମ୍ ଦଳ ଚଳିତମାସ ଅଷ୍ଟ୍ରେଲିଆ ଗସ୍ତରେ ଯାଉଥିବାବେଳେ ଆୟୂଷ ମାହାତ୍ରେଙ୍କ ନେତୃତ୍ୱ ଗଠିତ ଭାରତୀୟ ଦଳର ଫାଷ୍ଟ ବୋଲିଂ କୋଚ୍ ଭାବେ ଦେବାଶିଷଙ୍କୁ ନିଯୁକ୍ତ କରାଯାଇଛି। କର୍ଣ୍ଣାଟକର ୟେରେ ଗୌଡ଼ ହେଡ୍ କୋଚ୍, ଶୁଭଦୀପ ଭଟ୍ଟାଚାର୍ଯ୍ୟ ଫିଲ୍ଡିଂ ଓ ତ୍ରିପୁରାର ରାଜୀବ ଦତ୍ତଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି। ଭାରତୀୟ ଦଳ ସେପ୍ଟେମ୍ବର ୧୬ରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ଅକ୍ଟୋବର ୧୦ରେ ସ୍ୱଦେଶ ଫେରିବ। ଏହି ଗସ୍ତରେ ଅଷ୍ଟ୍ରେଲିଆ ସହ ଭାରତ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ୩ଟି ଦିନିକିଆ ଓ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବାକୁ ଥିବା ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତ ପକ୍ଷରୁ ୧୯୯୯ ବିଶ୍ୱକପ୍ ସହ ୪୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଦେବାଶିଷ ଏହା ପୂର୍ବରୁ ଓଡ଼ିଶା ଓ ନାଗାଲାଣ୍ଡ ଦଳର ହେଡ୍ କୋଚ୍ ରହିଥିଲେ। ୨୦୧୮ରେ ଜୁନିୟର ଓ ଏହା ପରେ ସିନିୟର ଦଳର ଚୟନକର୍ତ୍ତାଭାବେ କାମ ତୁଲାଇଥିଲେ। ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନ ଥିବା ୟେରେ ଗୌଡ଼ କର୍ଣ୍ଣାଟକ ଜୁନିୟର ଓ ସିନିୟର ଦଳର କୋଚ୍ ଭାବେ କାମ କରିଛନ୍ତି। ଓଡ଼ିଶାର ଶିବସୁନ୍ଦର ଦାସ ଏବେ ଜାତୀୟ ସିନିୟର ଚୟନ କମିଟିର ସଦସ୍ୟ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS